

କାହାଣୀ ପାଇଁ ଅଟକିଛି
'ଏସ୍ଏସ୍ଏମ୍‌ବି୨୯'ର ସୁଟିଂ
▸ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-28 ◆TUESDAY ◆22 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮ ◆ମଙ୍ଗଳବାର ◆୨୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କଲେଜ ଉପରେ ଖସିଲା ବାୟୁସେନା ବିମାନ



■ **ଢାକା, ୨୧।୭(ଏଜେନ୍ସି):** ବାଂଲାଦେଶ ରାଜଧାନୀ ଢାକାରେ ଆଜି ବାୟୁସେନାର ଏକ ଜେଟ୍ ବିମାନ କଲେଜ ଉପରେ ଖସିପଡ଼ିବାରୁ ୧୯ ଜଣ ପ୍ରାଣ ହରାଇଛନ୍ତି ଏବଂ ଶହେରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୬ ଜଣ ଛାତ୍ରଛାତ୍ରୀ, ଦୁଇ ଜଣ ଶିକ୍ଷକ ଓ ଜେଟ୍ ପାଇଲଟ୍ ଅଛନ୍ତି। ବିମାନଟି ଉଡ଼ିବାର ୩୦ ମିନିଟ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଆହତ ହୋଇଥିବା ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**୧୯ ମୃତ, ୧୬୦ ଆହତ**

ମାଇଲଷ୍ଟୋନ ସ୍କୁଲ ଏଣ୍ଡ କଲେଜରେ ଆଜି ପାଠପଢ଼ା ଚାଲିଥିବା ବେଳେ ଏହା ଉପରେ ଜେଟ୍ ଖସିପଡ଼ିଥିଲା। ପାଇଲଟ ଫ୍ଲାଇଟ୍ ଲେଫ୍ଟନାଣ୍ଟ ମହମ୍ମଦ ତୋଉକିର ଇସ୍‌ଲାମଙ୍କ ସମେତ ୧୬ ଛାତ୍ର ଓ ଦୁଇଜଣ ଶିକ୍ଷକ ମୃତ୍ୟୁବରଣ କରିଛନ୍ତି। ୧୬୦ରୁ ଅଧିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ରଛାତ୍ରୀ। ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେବେ ବିମାନ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ପ୍ରଧାନମନ୍ତ୍ରୀ ୟୁନୁସ ଏଥିପାଇଁ ଶୋକ ପ୍ରକାଶ କରିଛନ୍ତି।

## ଶପଥ ନେଲେ ଜଷ୍ଟିସ ମାନସ ପାଠକ

■ **କଟକ, ୨୧।୭ (ସମିସ):** ଜଷ୍ଟିସ ମାନସ ରଞ୍ଜନ ପାଠକ ଆଜି ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଜଷ୍ଟିସ୍ ପାଠକଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଶପଥ ପାଠ କରାଇଛନ୍ତି। ହାଇକୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ସମସ୍ତ ବିଚାରପତି, ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର୍ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ହାଇକୋର୍ଟ ବାର୍ କର୍ମକର୍ତ୍ତାଙ୍କ ସମେତ ବହୁ ପୂର୍ବତନ ବିଚାରପତି ଏବଂ ଆଇନଜୀବୀମାନେ ଯୋଗ ଦେଇଥିଲେ।

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି**

ଗତ ମେ' ୨୬ତାରିଖରେ ଜଷ୍ଟିସ ▸ପୃଷ୍ଠା-୭



# ଉପରାଷ୍ଟ୍ରପତି ଧନଖଡ଼ଙ୍କ ଇସ୍ତଫା

■ **ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି):** ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଅଚାନକ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ଇସ୍ତଫାର ପ୍ରକୃତ କାରଣ ଜଣାପଡ଼ି ନଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା କୁହାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଇଥିବା ଇସ୍ତଫାପତ୍ରରେ ଧନଖଡ଼ ଲେଖିଛନ୍ତି ଯେ ଡାକ୍ତରଙ୍କ ପରାମର୍ଶ ଓ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଉଛନ୍ତି। ସେ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇବା ସହିତ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ମଧ୍ୟ ସହଯୋଗ ଓ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି।



କାର୍ଯ୍ୟକାଳ ପୂରିବା ପୂର୍ବରୁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାରେ ଧନଖଡ଼ ହେଉଛନ୍ତି ତୃତୀୟ ବ୍ୟକ୍ତି। ଏହାପୂର୍ବରୁ ୧୯୬୯ରେ ଭିଭି ଗିରି ଏବଂ ୧୯୮୭ରେ ଆର. ଭେଙ୍କଟରମଣ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ କୌଣସି ଉପରାଷ୍ଟ୍ରପତି ଏଭଳି ଇସ୍ତଫା ଦେଇନଥିଲେ। ଉଭୟ ଭିଭି ଗିରି ଏବଂ ଭେଙ୍କଟରମଣ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଇସ୍ତଫା ଦେଇଥିଲେ। କିନ୍ତୁ ଧନଖଡ଼ ସ୍ୱାସ୍ଥ୍ୟ କାରଣ ଦର୍ଶାଇ ଇସ୍ତଫା ଦେଇଛନ୍ତି।

ଉପରାଷ୍ଟ୍ରପତି ଧନଖଡ଼ଙ୍କ ଅଚାନକ ଇସ୍ତଫା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଦିନରେ ସେ ଆଜି ରାଜ୍ୟସଭାରେ ଗୃହ ପରିଚାଳନା କରିଥିବା ବେଳେ ସନ୍ଧ୍ୟାରେ ତାଙ୍କର ଅଚାନକ ଇସ୍ତଫା ଖବରକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଉପରାଷ୍ଟ୍ରପତି ପଦ ଏବେ ଖାଲି ରହିବ ଏବଂ ଆସନ୍ତା ୬ ମାସ ମଧ୍ୟରେ ଏହି ପଦ ଲାଗି ନିର୍ବାଚନ କରିବାକୁ ପଡ଼ିବ।

ରାଷ୍ଟ୍ରପତିଙ୍କୁ ଲେଖିଥିବା ଇସ୍ତଫାପତ୍ରରେ ଧନଖଡ଼ ଉଲ୍ଲେଖ କରିଛନ୍ତି, ଏବେ ନିଜର ସ୍ୱାସ୍ଥ୍ୟ ପ୍ରତି ତାଙ୍କୁ ଅଧିକ ଯତ୍ନବାନ ହେବାକୁ ପଡ଼ିବ ଏବଂ ଏଥିପାଇଁ ଡାକ୍ତର ପରାମର୍ଶ ମଧ୍ୟ ଦେଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ସେ ସମ୍ବିଧାନର ଧାରା ୬୭(ଏ) ଅନୁଯାୟୀ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଉଛନ୍ତି। ସମଗ୍ର କାର୍ଯ୍ୟକାଳ ସମୟରେ ସୁସଂପର୍କ ଓ ଅକୁଣ୍ଠ ସମର୍ଥନ ପାଇଁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମସ୍ତ ସାଂସଦ ଯେପରି ତାଙ୍କୁ ସ୍ନେହ ଓ ଶ୍ରଦ୍ଧା କରିବା ସହିତ ତାଙ୍କ ପ୍ରତି ଆସ୍ଥା ପ୍ରକଟ କରିଛନ୍ତି, ସେଥିପାଇଁ ଧନଖଡ଼ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ୭୪ ବର୍ଷୀୟ ଧନଖଡ଼ ୨୦୨୨ରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ▸ପୃଷ୍ଠା-୭

**ଭାରତର ଉପରାଷ୍ଟ୍ରପତି**

| | |
|---|---|
| ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍ | ୧୯୫୨-୬୨ |
| ଡ. ଜାକିର ହୁସେନ୍ | ୧୯୬୨-୬୭ |
| ଭି.ଭି.ଗିରି | ୧୯୬୭-୬୯ |
| ଗୋପାଳସ୍ୱରୂପ ପାଠକ | ୧୯୬୯-୭୪ |
| ବି.ଡି. ଯତି | ୧୯୭୪-୭୯ |
| ଏମ୍.ହିଦାୟତୁଲ୍ଲା | ୧୯୭୯-୮୪ |
| ଆର୍.ଭେଙ୍କଟରମଣ | ୧୯୮୪-୮୭ |
| ଡ. ଶଙ୍କରଦୟାଲ ଶର୍ମା | ୧୯୮୭-୯୨ |
| କେ.ଆର୍.ନାରାୟଣନ୍ | ୧୯୯୨-୯୭ |
| କୃଷ୍ଣକାନ୍ତ | ୧୯୯୭ - ୨୦୦୨ |
| ଭୈରୋସିଂହ ଶେଖାୱାତ | ୨୦୦୨-୦୭ |
| ଏଚ.ହମିଦ୍ ଆନସାରୀ | ୨୦୦୭- ୧୭ |
| ଏମ୍.ଭେଙ୍କିଆ ନାଇଡୁ | ୨୦୧୭-୨୨ |
| ଜଗଦୀପ ଧନଖଡ଼ | ୨୦୨୨-୨୫ |

## ସଂସଦର ମୌସୁମୀ ଅଧିବେଶନ
# ଆରମ୍ଭରୁ ହଙ୍ଗାମା

◆ ସଂସଦରେ ଉଠିଲା ଓଡ଼ିଶା ପ୍ରସଙ୍ଗ
◆ ପହଲଗାମ, ବିହାର ଉପରେ ଆଲୋଚନା ଦାବି
◆ ଉଭୟ ଗୃହ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ



■ **ନୂଆଦିଲ୍ଲୀ, ୨୧।୭:** ଆରମ୍ଭରୁ କମ୍ପିଲା ସଂସଦର ମୌସୁମୀ ଅଧିବେଶନ। ଆଜି ବୈଠକ ଆରମ୍ଭ ହେବାମାତ୍ରେ ଉଭୟ ଗୃହରେ ବିରୋଧୀ ଦଳମାନେ ପହଲଗାମ, ଅପରେସନ ସିନ୍ଦୂର ଏବଂ ବିହାର ପ୍ରସଙ୍ଗରେ ଆଲୋଚନା ଦାବିରେ ହୋହାଲ୍ଲା କରିଥିଲେ। ସମସ୍ତ କାର୍ଯ୍ୟ ବନ୍ଦ ରଖି ଏହିସବୁ ପ୍ରସଙ୍ଗ ଉପରେ ତୁରନ୍ତ ଆଲୋଚନା କରିବାକୁ ସେମାନେ ଦାବି କରିଥିଲେ। ଏଥିପାଇଁ ସରକାର ରାଜି ନହେବାରୁ ଗୃହରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଉଭୟ ଗୃହକୁ ମୁଲତବୀ ରଖାଯାଇଥିଲା।

ଲୋକସଭା ଆରମ୍ଭ ହେବାମାତ୍ରେ କଂଗ୍ରେସ ସଭ୍ୟ ମଣିକମ୍ ଟାଗୋର ଉପରୋକ୍ତ ପ୍ରସଙ୍ଗ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ରାଜ୍ୟସଭାରେ ମଧ୍ୟ ଦଳୀୟ ସାଂସଦ ରଣଦୀପ ସୁର୍ଯେୱାଲା ନିୟମ ୨୬୭ ଅନୁଯାୟୀ ନୋଟିସ ଦେଇଥିଲେ। କିନ୍ତୁ ଅଧ୍ୟକ୍ଷ ଧନଖଡ଼ ଏହି ନୋଟିସକୁ ଖାରଜ କରିଦେଇଥିଲେ। ତେବେ ଏହାଉପରେ ସଂକ୍ଷିପ୍ତ ମନ୍ତବ୍ୟ ରଖିବା ପାଇଁ ▸ପୃଷ୍ଠା-୭

## ସିଦ୍ଧରମୈୟାଙ୍କ ପତ୍ନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମାମଲା
# ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ **ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି):** ସୁପ୍ରିମକୋର୍ଟ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ତୀବ୍ର ଭର୍ତ୍ସନା କରିଛନ୍ତି। ରାଜନୈତିକ ଲଢେଇ ନିର୍ବାଚନରେ ଲଢିବା ଉଚିତ, ଯାଞ୍ଚ ଏଜେନ୍ସିଙ୍କ ମାଧ୍ୟମରେ ନୁହେଁ। ଇଡିକୁ ଏପରି ଭାବେ କାହିଁକି ବ୍ୟବହାର କରାଯାଉଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ମହୀଶୂର ସହରୀ ବିକାଶ ବୋର୍ଡ (ମୁଡା) ମାମଲାରେ ଇଡି ପକ୍ଷରୁ ଦାଏର ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ପତ୍ନୀଙ୍କୁ ଇଡି ପକ୍ଷରୁ ଜାରି କରାଯାଇଥିବା ସମନକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ କର୍ଣ୍ଣାଟକ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ। ମାତ୍ର ଇଡି ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା। ଏହାର ଶୁଣାଣି କରି ରାଜନୈତିକ ସଂଘର୍ଷରୁ ଦୂରେଇ ରହିବା ପାଇଁ ଇଡିକୁ ସର୍ବୋଚ୍ଚ ନ୍ୟାୟାଳୟ ଚେତାବନୀ ଦେଇଛନ୍ତି। ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କଡ଼ା ବାଣୀ ଶୁଣାଇଛନ୍ତି। ମୁହଁ ଖୋଲିବାକୁ ସୁପ୍ରିମକୋର୍ଟଙ୍କୁ ବାଧ କରନାହିଁ ବୋଲି ମାନ୍ୟବର ଖଣ୍ଡପୀଠ କହିଛନ୍ତି।



ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ ଆମ ମୁହଁ ଖୋଲିବାକୁ ଚେଷ୍ଟା କରନ୍ତୁ ନାହିଁ। ନଚେତ, ଇଡି ଉପରେ କଠୋର ଟିପ୍ପଣୀ ଦେବାକୁ ବାଧ ହେବୁ। ମୋ ପାଖରେ ମହାରାଷ୍ଟ୍ରର କିଛି ଅଭିଜ୍ଞତା ରହିଛି। ରାଜନୈତିକ ଲଢେଇ ନିର୍ବାଚନରେ ଲଢନ୍ତୁ। ରାଜନୈତିକ ସଂଘର୍ଷ ପାଇଁ ଏଜେନ୍ସିକୁ କାହିଁକି ଅପବ୍ୟବହାର କରୁଛନ୍ତି। କୌଣସି ଚାଲବାଜି କରିବାର ଆବଶ୍ୟକତା ନାହିଁ। ଏହାପରେ ଇଡି ଆବେଦନ ପ୍ରତ୍ୟାହାର କରି ନେଇଥିଲେ। ଏହି ରାୟକୁ ଅନ୍ୟ ମାମଲାରେ ଉଦାହରଣ ଭାବେ ବ୍ୟବହାର ନ କରିବାକୁ ଅତିରିକ୍ତ ସଲିସିଟର ଜେନେରାଲ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଇଡିର ଆବେଦନ ▸ପୃଷ୍ଠା-୭

## ଜେଲ୍ ଗଲେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି

■ **ଭୁବନେଶ୍ୱର,୨୧।୭(ସମିସ):** ଦୁଷ୍କର୍ମ ମାମଲାରେ ଗତକାଲି ଗିରଫ ହୋଇଥିବା ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ସୋମବାର ଜେଲ୍ ଯାଇଛନ୍ତି। ପୁଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ମେଡିକାଲ ପରୀକ୍ଷା କରିବା ପରେ କୋର୍ଟରେ ହାଜର କରିଥିଲା। ଜାମିନ୍ ନାମଞ୍ଜୁର ପରେ ତାଙ୍କୁ ଝାରପଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି।



ମେଡିକାଲ ପରୀକ୍ଷା ପାଇଁ ଯିବା ସମୟରେ ଉଦିତ୍ କହିଛନ୍ତି ଯେ ଏହା ତାଙ୍କ ବିରୋଧରେ ସରକାରଙ୍କ ଷଡ଼ଯନ୍ତ୍ର। ମେଡିକାଲ ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ। ଅନ୍ୟପକ୍ଷରେ ଉଦିତ ଜେଲ୍ ଯିବା ପରେ ଥାନାରେ ଅଭିଯୋଗ କରିଥିବା ପୀଡ଼ିତା ଏବଂ ଅନ୍ୟ ୩ ଜଣଙ୍କ ▸ପୃଷ୍ଠା-୭

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣାର ପ୍ରତିବାଦ
# ତିନି ଆର୍‌ଡିସି ଅଫିସ୍ ଆଗରେ ଗର୍ଜିଲା ବିଜେଡି

■ **ଭୁବନେଶ୍ୱର, ୨୧।୭ (ସମିସ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି, ମହିଳା ବିରୋଧୀ ଅପରାଧ ବୃଦ୍ଧି ଏବଂ ଏଫ୍ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ବିଜେଡି ପକ୍ଷରୁ ରାଜ୍ୟର ୩ ଆର୍‌ଡିସି ଅଫିସ ଘେରଓ କରାଯାଇଛି। ଏଫ୍ଏମ୍ କଲେଜର ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ଆର୍‌ଡିସି ଅଫିସ ସମ୍ମୁଖରେ ଦଳ ବିକ୍ଷୋଭ, ପ୍ରତିବାଦ ପ୍ରଦର୍ଶନ କରିଛି। କଲେଜ ଛାତ୍ରୀ ଆତ୍ମଦାହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଦଳ। ବିଜେଡିର ହଜାର ହଜାର କର୍ମୀ ଏଥିରେ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିଥିବା ବେଳେ ଦଳ ପକ୍ଷରୁ ଆର୍‌ଡିସିଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହିତ ନାରୀ, ଛାତ୍ରୀ ଓ ଶିଶୁମାନଙ୍କ ବିରୋଧରେ ଅପରାଧ ବୃଦ୍ଧି ପାଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ ନ୍ୟାୟ ପାଇଁ ▸ପୃଷ୍ଠା-୭




**ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣାରେ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି**

## ପୁଲିସ ଦେଲାନି ନ୍ୟାୟ
# ଥାନାରେ ବିଷ ପିଇଲେ ଯୁବତୀ

■ **ନୟାଗଡ଼, ୨୧।୭(ସମିସ):** ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପୁଲିସଠାରୁ ନ୍ୟାୟ ନ ପାଇ ଜଣେ ଯୁବତୀ ଥାନା ପରିସରରେ ବିଷ ପିଇଦେବା ଭଳି ଘଟଣା ଆଜି ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଥାନା ପରିସରରେ ଯୁବତୀଜଣଙ୍କ କୀଟନାଶକ ପିଇବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।



ଇଟାମାଟି ଥାନା ଶରଧାପୁର ଗାଁର ଛବି ମାଝୀଙ୍କ ଝିଅ ପିଙ୍କି ସେହି ଗାଁର ବୈକୁଣ୍ଠ ସ୍ୱାଇଁଙ୍କ ପୁଅ ଆଲୋକଙ୍କୁ ଭଲ ପାଉଥିଲେ। ଆଲୋକ ବିବାହ ପ୍ରତିଶ୍ରୁତି ଦେଇ ପିଙ୍କିଙ୍କ ସହ ସମ୍ପର୍କ ରଖିଥିଲେ। କିନ୍ତୁ ପରେ ଆଲୋକ ବିବାହ କରିବାକୁ ରାଜି ନହେବାରୁ ପିଙ୍କି ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ୍ ଆଲୋକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୁଲିସ ଦଫା କୋହଳ କରିଥିବାରୁ ଆଲୋକଙ୍କୁ ଶୀଘ୍ର ଜାମିନ ମିଳିଗଲା ବୋଲି ପିଙ୍କି ଅଭିଯୋଗ କରିଛନ୍ତି। ଆଲୋକ ଜଣେ ସିଆର୍‌ପିଏଫ୍ ଯବାନ ବୋଲି ସୂଚନା ମିଳିଛି। ଜାମିନ ପାଇବା ପରେ ସେ ତାଙ୍କ ଡ୍ୟୁଟିରେ ▸ପୃଷ୍ଠା-୭

# ନାବାଳିକା ହକି ଖେଳାଳିଙ୍କୁ ଗଣଦୁଷ୍କର୍ମ

■ **ଯାଜପୁର, ୨୧।୭ (ସମିସ):** ସାରା ରାଜ୍ୟରେ ଏବେ ନାରୀ ନିର୍ଯାତନାକୁ ନେଇ ହୁଲସ୍ଥୂଳ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଯାଜପୁରରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ହକି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକଙ୍କ ଦ୍ୱାରା ଜଣେ ନାବାଳିକା ଖେଳାଳିଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ଯାଜପୁର ଥାନା ଅଞ୍ଚଳର ନାବାଳିକା ହକି ଖେଳାଳିଙ୍କୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ପ୍ରଶିକ୍ଷକ ବାରମ୍ବାର ଅସଦାଚାରଣ କରୁଥିଲେ। ଏନେଇ ସଂପୃକ୍ତ ନାବାଳିକା ପ୍ରତିବାଦ କରିଥିଲେ। ତେବେ ଗତ ଜୁଲାଇ ୩ ତାରିଖରେ ସଂପୃକ୍ତ ନାବାଳିକା ଘରକୁ ଫେରୁଥିବା ବେଳେ କୋଚ ସିଦ୍ଧାର୍ଥ ରାଉତ, ସନ୍ଦୀପ ସ୍ୱାଇଁ ଏବଂ ସାଗର ବିଭିନ୍ନ ବାହାନା କରି ତାଙ୍କୁ ଏକ ବାଇକ୍‌ରେ ବସାଇ ଜ୍ୟୋତି ଲଜ୍‌କୁ ନେଇ ଯାଇଥିଲେ। ଲଜ୍‌ରେ ସାଗର ଓ ସାର୍ଥକ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏସଂପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ ଛାଡ଼ି ଦେଇଥିଲେ। ଏସଂକ୍ରାନ୍ତରେ ନାବାଳିକା ଜଣଙ୍କ ରବିବାର ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ବିରୋଧରେ ବିଏନ୍ଏସ୍‌ର ଧାରା ୭୦(୨), ୩୫୧(୨), ୭୪, ୩(୫) ଏବଂ ୬ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ନାବାଳିକାର ବୟାନ ରେକର୍ଡ କରିବା ସହିତ ଘଟଣାର ୪ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସଂପୃକ୍ତ ନାବାଳିକାକୁ ଡାକ୍ତରମାଇନା କରିବା ନିମନ୍ତେ ଯାଜପୁର ମେଡିକାଲକୁ ପଠାଇବା ▸ପୃଷ୍ଠା-୭



ପ୍ରଶିକ୍ଷକଙ୍କ ସମେତ ୪ ଅଭିଯୁକ୍ତ ଅଟକ

## ଜଗତସିଂହପୁରରେ ଚାଞ୍ଚଲ୍ୟ
# ବିଲ ମଝିରୁ ଟେକିନେଇ ଯୁବତୀଙ୍କୁ ଗଣଦୁଷ୍କର୍ମ

■ **ଜଗତସିଂହପୁର, ୨୧।୭ (ସମିସ):** ଜଗତସିଂହପୁର ସଦର ଥାନା ଅଞ୍ଚଳରେ ଆଜି ଜଣେ ଯୁବତୀଙ୍କୁ ୨ ଦୁର୍ବୃତ୍ତ ଗଣଦୁଷ୍କର୍ମ କରିଛନ୍ତି। ଯୁବତୀଜଣଙ୍କ ଆଜି ସାଙ୍ଗ ଜନ୍ମଦିନରେ ଯୋଗଦେଇ ଫେରୁଥିବା ବେଳେ ତାଙ୍କ ସହ ଏହି ବର୍ବର କାଣ୍ଡ ଘଟିଛି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଅଭିଯୁକ୍ତ ଦ୍ୱୟ ଫେରାର୍ ହୋଇଯାଇଥିବା ଜଣାଯାଇଛି।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତା**

ସୂଚନାନୁଯାୟୀ, ଯୁବତୀଜଣଙ୍କ ଆଜି ତାଙ୍କର ଜଣେ ବାନ୍ଧବୀଙ୍କ ଜନ୍ମଦିନରେ ଯୋଗଦେବାକୁ ଯାଇଥିଲେ। ▸ପୃଷ୍ଠା-୭




# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## ଭି ଅଚ୍ୟୁତାନନ୍ଦନଙ୍କ ପରଲୋକ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): କେରଳ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବୟୋବୃଦ୍ଧ କମ୍ୟୁନିଷ୍ଟ ନେତା ଭିଏସ୍ ଅଚ୍ୟୁତାନନ୍ଦନ ସୋମବାର ୧୦୧ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ହୃଦ୍‌ଘାତର ଶିକାର ହେବା ପରେ ତାଙ୍କୁ ଜୁନ୍ ୨୩ରେ ଏକ ଘରୋଇ ହସ୍ପିଟାଲରେ



ଭର୍ତ୍ତି କରାଯାଇଥିଲା। ତାଙ୍କୁ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା। ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଓ ସିପିଏମ୍ ରାଜ୍ୟ ସମ୍ପାଦକ ଏମ୍‌ଭି ଗୋବିନ୍ଦନ ହସ୍ପିଟାଲ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଶୋକବ୍ୟକ୍ତ କରିଛନ୍ତି। ୨୦୧୯ରେ ସେ ମାଇନର ଷ୍ଟ୍ରୋକର ଶିକାର ହେବା ପରେ ରାଜନୀତି ତଥା ସାଧାରଣ ଜୀବନରୁ ଦୂରେଇ ଯାଇଥିଲେ। ସେ ୨୦୦୬ରୁ ୨୦୧୧ ମଧ୍ୟରେ କେରଳ ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ଭାଳିଥିଲେ। ୧୯୩୮ରେ କଂଗ୍ରେସ୍‌ରେ ଯୋଗ ଦେଇ ରାଜନୀତିରେ ପ୍ରବେଶ କରିଥିଲେ। ସେ ମଧ୍ୟ ଏକାଧିକ ପୁସ୍ତକ ଲେଖିଛନ୍ତି। ୪୦ ବର୍ଷର ରାଜନୈତିକ କ୍ୟାରିଅରରେ ସେ ୭ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ କେରଳକୁ ଏକ ମୁସ୍‌ଲିମ ବହୁଳ ରାଜ୍ୟ ଭାବେ ପରିଣତ କରିବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଥିଲେ।

## ମଦ ପାର୍ଟିରେ ଚଢ଼ଉ; ୩୯ ଯୁବକଯୁବତୀ ଗିରଫ

ଅହମଦାବାଦ, ୨୧।୭(ଏଜେନ୍ସି): ୬୫ ବର୍ଷ ହେବ ଗୁଜରାଟରେ ମଦ ବନ୍ଦ କରାଯାଇଥିବା ବେଳେ ଅହମଦାବାଦ ଜିଲ୍ଲାର ସାନନ୍ଦରେ ରବିବାର ବିଳମ୍ବିତ ରାତିରେ ରେଡ୍ ରିସୋର୍ଟରେ ଚାଲିଥିବା ଏକ ହାଇପ୍ରୋଫାଇଲ ମଦ ପାର୍ଟି ଉପରେ ପୁଲିସ ଚଢ଼ାଉ କରିଥିଲା। ପ୍ରବଳ ନିଶାରେ ଥିବା ୧୩ ଯୁବକ ଓ ୨୬ ଯୁବତୀଙ୍କୁ ପୁଲିସ ଗିରଫ କରିଛି। ସମସ୍ତଙ୍କୁ ମେଡିକାଲ ଚେକ୍‌ଅପ୍ ପାଇଁ ସିଭିଲ ହସ୍ପିଟାଲ ପଠାଯାଇଛି। ପରେ ଭୋର ୩ଟାରେ ସମସ୍ତଙ୍କୁ ସାନନ୍ଦ ଥାନକୁ ନିଆଯାଇଥିଲା। ମାମଲା ରୁଜୁ କରି ପୁଲିସ ସମସ୍ତଙ୍କୁ ଗିରଫ କରିଛି। ସହରର ନାମୀଦାମୀ ବିଲ୍ଡର ପ୍ରତୀକ ସାଙ୍ଘିଙ୍କ ଜନ୍ମଦିନ ପାଳନ ଅବସରରେ ଏହି ମଦ ପାର୍ଟି ରଖାଯାଇଥିଲା ବୋଲି କୁହାଯାଇଛି। ଏହି ପାର୍ଟିରେ ପାଖାପାଖି ୧୦୦ ଜଣ ଉପସ୍ଥିତ ଥିଲେ। ତେବେ ୫୦ଜଣଙ୍କୁ ଗିରଫ୍ କରାଯାଇଛି ବୋଲି ପୁଲିସ କହିଛି। ସୂଚନା ମିଳିବା ପରେ ହିଁ ଯୁବକ ଓ ଯୁବତୀଙ୍କ ପରିବାର ଲୋକ ଥାନରେ ପହଞ୍ଚିଥିଲେ।ଏଥିସହ ସିଲ୍ ହୋଇଥିବା ୫ଟି ମଦ ବୋତଲ ଜବତ କରାଯାଇଥିଲା। ବିଲ୍ଡର ପ୍ରତୀକ ରିୟଲ ଇଷ୍ଟେଟ ବ୍ୟବସାୟ ସହ ଫ୍ରୋଜନ ଫ୍ରୁଟ୍ କମ୍ପାନୀ ମଧ୍ୟ ପରିଚାଳନା କରିନ୍ତି। ଉଲ୍ଲେଖଥାଉ କି, ୧୯୬୦ ମେ ୧ରୁ ଗୁଜରାଟ୍‌ରେ ମଦ ବିକ୍ରି ନିଷିଦ୍ଧ କରାଯାଇଛି ଏବଂ ମଦର ଉତ୍ପାଦନ, ବିକ୍ର ଓ ସେବନ ଉପରେ ପ୍ରତିବନ୍ଧକ ଲଗାଯାଇଛି।

## ୮ ରେଳବାଇ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇର ଏକ କୋର୍ଟ ରେଳବାଇର ପୂର୍ବତନ ୮ ଜଣ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ କୋର୍ଟ ପ୍ରତ୍ୟେକ କର୍ମଚାରୀଙ୍କ ଉପରେ ୫ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ୨୦୦୨ ଅଗଷ୍ଟ ୧୭ରେ ସିବିଆଇ ଏମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା ଓ ୨୦୦୩ ଜୁଲାଇ ୨୮ରେ ଅଭିଯୋଗ ପତ୍ର ଦାଖଲ କରାଯାଇଥିଲା। ୮ ଜଣ କର୍ମଚାରୀଙ୍କୁ ବାଦ୍ ଦେଲେ ଆଉ ଜଣେ ଅଭିଯୁକ୍ତଙ୍କ ଦେହାନ୍ତ ହୋଇଛି। ଏମାନଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର, ଚୋରି, ଅସାଧୁ ଉପାୟ ଅବଲମ୍ବନ, ପ୍ରମାଣ ନଷ୍ଟ କରିବାର ଅଭିଯୋଗ ହୋଇଥିଲା। ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଦେବା ପାଇଁ ଏହି କର୍ମଚାରୀମାନେ ପ୍ରାର୍ଥୀ ପିଛା ୫୦, ୦୦୦ ଟଙ୍କା ଆଦାୟ କରିଥିବାର ଅଭିଯୋଗ ହୋଇଥିଲା।

## ହସ୍ପିଟାଲରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍

ଚେନ୍ନାଇ, ୨୧।୭(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍‌ଙ୍କୁ ସୋମବାର ସ୍ଥାନୀୟ ଗ୍ରିମ୍ସ ରୋଡସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର



ନିୟମିତ ପ୍ରାତଃଭ୍ରମଣ କରିବା ବେଳେ ହାଲ୍‌କା ମୁଣ୍ଡ ବୁଲାଇବା କାରଣରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତାଙ୍କର ଆବଶ୍ୟକୀୟ ଟେଷ୍ଟ ତଥା ରୁଟିନ ଚେକ୍‌ଅପ୍ କରାଯାଉଛି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ଗୋଟିଏ କିମ୍ବା ଦୁଇଦିନ ହସ୍ପିଟାଲରେ ରହିବେ ବୋଲି କୁହାଯାଇଛି। ୭୨ ବର୍ଷୀୟ ଷ୍ଟାଲିନ୍ ୨୦୨୧ରୁ ତାମିଲନାଡୁର ୮ମ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱରେ ରହିଛନ୍ତି।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨୧।୭(ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିରୋଧରେ ସୋମବାର ସଂସଦରେ ମହାଭିଯୋଗ ପାରିତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଜଷ୍ଟିସ ବର୍ମାଙ୍କୁ ହଟାଇବା ଲାଗି ଲୋକସଭାରେ ବାଚସ୍ପତି ଓମ ବିର୍ଲାଙ୍କୁ ସ୍ମାରକପତ୍ର ପ୍ରଦାନ କରିଯାଇଛି। ସେହିପରି ରାଜ୍ୟସଭାରେ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ମହାଭିଯୋଗ ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ମଙ୍ଗଳବାର ଏକ ଯାଞ୍ଚ କମିଟି ଗଠନ କରି ବାଚସ୍ପତି ବିର୍ଲା ପ୍ରସ୍ତାବକୁ ଆଗକୁ ବଢ଼ାଇବେ ବୋଲି ଆଶା କରାଯାଉଛି। କୌଣସି ବିଚାରପତିଙ୍କୁ ହଟାଇବା ପାଇଁ ଅତିକମ୍‌ରେ ଲୋକସଭାର ୧୦୦ ଓ ରାଜ୍ୟସଭାର ୫୦ ସଦସ୍ୟଙ୍କ ସ୍ୱାକ୍ଷର ଆବଶ୍ୟକ ହୋଇଥାଏ।



## ୩୭ ଦିନ ପରେ ଫେରିବାକୁ ବ୍ରିଟେନ ଲଢୁଆ ବିମାନ ପ୍ରସ୍ତୁତ

ତିରୁବନନ୍ତପୁରମ, ୨୧।୭(ଏଜେନ୍ସି): ୩୭ ଦିନରେ ତିରୁବନନ୍ତପୁରମ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଫସି ରହିବା ପରେ ବ୍ରିଟେନ ରୟାଲ ନେଭିର ଏଫ୍- ୩୫ବି ଫାଇଟର ଜେଟ୍ ଶେଷରେ ଉଡାନ ଭରି ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହୋଇଛି। ଗତ ଜୁନ୍ ୧୪ରେ ଖରାପ ପାଗ, ଇନ୍ଧନ ଜନିତ ସମସ୍ୟା ଓ ବୈଷୟିକ ତ୍ରୁଟି କାରଣରୁ ଏହି ବିମାନ ଜରୁରୀ ଅବତରଣ କରିଥିଲା। ବିମାନକୁ ଠିକ୍ କରିବା ଓ ତା'ର ମରାମତି ପାଇଁ ୫ ସପ୍ତାହରୁ ଅଧିକ ସମୟ ଲାଗିଥିଲା। ବ୍ରିଟେନର ୨୫ ଜଣ ଇଞ୍ଜିନିୟରଙ୍କୁ ନେଇ ଗଠିତ ଦଳ ଏହାକୁ ଠିକ୍ କରିବାକୁ ସମର୍ଥ ହୋଇଛନ୍ତି। ଏବେ ଏହି ଜେଟ ଉଡାଣ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ବୋଲି କୁହାଯାଇଛି। ୫ମ ପିଢ଼ିର ଏହି ଲଢୁଆ ବିମାନର ମୂଲ୍ୟ ୯୧୫ କୋଟି ଟଙ୍କା। ଏହି ଘଟଣାକ୍ରମରେ ଭାରତୀୟ ବାୟୁସେନା ବ୍ରିଟେନକୁ ସହଯୋଗ ପ୍ରଦାନ କରିଥିଲା। ବ୍ରିଟିଶ ହାଇକମିଶନର ମଧ୍ୟ ଏଥିପାଇଁ ଭାରତକୁ ଧନ୍ୟବାଦ ଜଣାଇଛନ୍ତି। ୩୭ ଦିନ ଧରି ବିମାନବନ୍ଦରରେ ରହିଥିବାରୁ ଏବେ ବ୍ରିଟେନକୁ ପାର୍କିଂ ପାଉଣା ଦେବାକୁ ହେବ। ଏହିକ୍ରମରେ ବ୍ରିଟେନକୁ ଦିନକୁ ୨୬, ୨୬୧ ଟଙ୍କା ଓ ମୋଟ ଉପରେ ୯.୧୯ ଲକ୍ଷ ଟଙ୍କା ତିରୁବନନ୍ତପୁରମ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଦେବାକୁ ହେବ।

# ସବୁ ସୀମା ଅତିକ୍ରମ କରୁଛି ଇଡି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ସୁପ୍ରିମକୋର୍ଟ କଠୋର ଭାଷାରେ ସମାଲୋଚନା କରିଛନ୍ତି। ଏହି କେନ୍ଦ୍ରୀୟ ଏଜେନ୍ସି ସବୁ ସୀମା ପାର୍ କରିଯାଉଛି ବୋଲି କହିଛନ୍ତି। ଭୁଲ୍ ହୋଇଥିଲେ ବି ଜଣେ ଓକିଲ ଏବଂ ମହକିଲଙ୍କ ମଧ୍ୟରେ ହୋଇଥିବା ଆଲୋଚନା ବିଶେଷ ହୋଇଥାଏ। ଏହାକୁ ନେଇ ଓକିଲଙ୍କ ବିରୋଧରେ କେମିତି ନୋଟିସ୍ ଜାରି କରାଯାଇପାରିବ ନାହିଁ। ଏଭଳି ମାମଲାରେ ଇଡି ପାଇଁ ମାର୍ଗଦର୍ଶିକା ଜାରି କରାଯିବା ଉଚିତ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଆଇନଗତ ପରାମର୍ଶ ଦେଇଥିବା ଜଣେ ଓକିଲଙ୍କୁ ଇଡି ସମନ ପଠାଇବା ମାମଲାର ବିଚାର କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଏଭଳି କାର୍ଯ୍ୟାନୁଷ୍ଠାନ ଉପରେ କୋର୍ଟ ଚିନ୍ତା ଏବଂ ଅସନ୍ତୋଷ ପ୍ରକାଶ କରିଛନ୍ତି। ତଦନ୍ତ ସମୟରେ ଆଇନଗତ ପରାମର୍ଶ ଦେବା କିମ୍ବା ମହକିଲଙ୍କ ପକ୍ଷରୁ ଉପସ୍ଥିତ ହୋଇଥିବା ବରିଷ୍ଠ ଓକିଲ ଅରବିନ୍ଦ ଦତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇ ଥିଲା। ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରଭାବ ସମ୍ବନ୍ଧିତ ମାମଲାର ନିଜ ଆଡୁ ଶୁଣାଣି କରି ମାର୍ଗଦର୍ଶିକା ଆଣିବା ପାଇଁ କୋର୍ଟ କହିଛନ୍ତି। ୨୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆଜିର ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଅନେକ ମାମଲାରେ ଇଡି ନିଜ ସୀମା ଲଙ୍ଘନ କରୁଥିବା ଦେଖାଯାଉଛି। ଆମେ କିଛି ଜାଣିନାହୁଁ ବୋଲି ଭାବନାହିଁ। ଆମେ ଖବର ଦେଖୁନାହୁଁ। ୟୁଟ୍ୟୁବରେ ସାକ୍ଷାତକାର ବି ଦେଖୁନାହୁଁ। ସରକାର ଏବଂ ଇଡି ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କ ମନ୍ତବ୍ୟ ଉପରେ

### ଓକିଲଙ୍କୁ ସମନ ପଠାଇଥିଲା ଏଜେନ୍ସି

### ଇଡି ପାଇଁ ମାର୍ଗଦର୍ଶିକା ହେବା ଉଚିତ

ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରସଙ୍ଗକୁ ଉଚ୍ଚ ସ୍ତରରେ ରଖାଯାଇଛି। ତଦନ୍ତକାରୀ ସଂସ୍ଥାକୁ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ନୋଟିସ୍ ଜାରି ନ କରିବାକୁ କୁହାଯାଇଛି। ମିଥ୍ୟା କାହାଣୀ ଗଢ଼ି ପ୍ରତିଷ୍ଠାନଗୁଡ଼ିକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ଅନେକ ସମୟରେ ବିଭିନ୍ନ ମାମଲାକୁ ଆଧାର କରି ଭୁଲ ଭାବେ ଉପସ୍ଥାପନ କରାଯାଇଥାଏ। ଏହା ମୁଁ କହୁଛି, ଇଡି ନୁହେଁ। ଏକ ପ୍ରତିଷ୍ଠାନ ବିରୁଦ୍ଧରେ କାହାଣୀ ଗଢ଼ିବା ପାଇଁ ଷଡ଼ଯନ୍ତ୍ର ହେଉଛି। କୋର୍ଟ କିଛି ମାମଲାରୁ ଏହା ଜାଣିପାରିବେ। ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣି ମଧ୍ୟ କହିଥିଲେ ଯେ ସେ ଇଡି ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଓକିଲମାନଙ୍କୁ ସମନ ପଠାଇବା ଭୁଲ ଥିଲା। କାରଣ ଆଇନଗତ ପରାମର୍ଶ ଦେବା ପାଇଁ ଓକିଲମାନଙ୍କୁ ସମନ କରାଯାଇପାରିବ ନାହିଁ। ସେହିପରି ମେହେଟ୍ଟା ଗଣମାଧ୍ୟମ ରିପୋର୍ଟକୁ ନେଇ ସତର୍କ କରାଇ ଥିଲେ। ସେ ଦୁର୍ନୀତି ଅଭିଯୁକ୍ତ ରାଜନେତାଙ୍କ ବିଷୟରେ ଉଲ୍ଲେଖ କରିବାରୁ ଏହାକୁ ରାଜନୀତିକରଣ ନ କରିବା ପାଇଁ ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ ବୋଲି ସିଜେଆଇ ଉଲ୍ଲେଖ କରିଥିଲେ।

ସୁପ୍ରିମକୋର୍ଟ ଓକିଲ ସଂଘର ଅଧ୍ୟକ୍ଷ ବିକାଶ ସିଂହ ଚୀନ୍ ଏବଂ ତୁର୍କୀର ଉଦାହରଣ ଦେଇ କହିଥିଲେ ଯେ ଆଇନଗତ ବୃତ୍ତିର ସ୍ୱାଧୀନତା ଉପରେ ଆକ୍ରମଣ କରୁଥିବା ଦେଶର ମାର୍ଗରେ ଭାରତ ନ ଯିବା ଉଚିତ। ଏହାକୁ ସବୁଦିନ ପାଇଁ ରଦ୍ଦ କରିଦିଆଯିବା ଉଚିତ। ତୁର୍କୀ ଏବଂ ଚୀନ୍ ଓକିଲ ସଂଘକୁ ଭାଙ୍ଗି ଦେଇଥିବା କୁହାଯାଉଛି। ଆଇନଗତ ରାୟ ଦେବା ପାଇଁ ଓକିଲଙ୍କୁ ସମନ ଘଟଣା ବିପଜ୍ଜନକ ଉଦାହରଣ ସୃଷ୍ଟି କରିଛି। ନଚେତ, ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିବ। ଓକିଲ ସ୍ୱାଧୀନ ଭାବେ ପରାମର୍ଶ ଦେଇପାରିବେ ନାହିଁ।

## ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ରାୟ ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଟିପ୍ପଣୀକୁ ନେଇ ଅଦାଲତ ଅବମାନନା ପ୍ରକ୍ରିୟା ଆରମ୍ଭ କରିବାକୁ ଆବେଦନ କରାଯାଇଛି। ସୁପ୍ରିମକୋର୍ଟ ସୋମବାର ଏହି ମାମଲାର ଶୁଣାଣି କରି ନ୍ୟାୟିକ ପ୍ରକ୍ରିୟାକୁ ରାଜନୀତିକରଣ କରିବାକୁ ନେଇ ଚେତାବନୀ ଦେଇଛନ୍ତି। ରାଜନୈତିକ ଲଢ଼େଇ କୋର୍ଟ ବାହାରେ ଲଢ଼ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ଦାତବ୍ୟ ସଂସ୍ଥା ଆତ୍ମଦୀପ ପକ୍ଷରୁ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଆବେଦନରେ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ମମତା ନ୍ୟାୟପାଳିକାର ଅଧିକାରକୁ ଦୁର୍ବଳ କରିବା ଭଳି ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ତେଣୁ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଆଟର୍ଣ୍ଣି ଜେନେରାଲଙ୍କୁ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହାକୁ ନେଇ ଖଣ୍ଡପୀଠ ଆବେଦନକାରୀଙ୍କ ଓକିଲକୁ ପଚାରିଥିଲେ ଯେ ଅନୁମତି ମିଳିଯିବ ବୋଲି ଆପଣ ନିଶ୍ଚିତ ତ! କୋର୍ଟଙ୍କ ସାମ୍ନାରେ ରାଜନୀତି କରିବାକୁ ଚେଷ୍ଟା କରନାହିଁ। ରାଜନୈତିକ ଲଢେଇ ଆଉ କୋଉଠିକୁ ଯାଇ ଲଢିନିଅ। ଚାରି ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଥିଲେ।

### ଅହମଦାବାଦ ବିମାନ ଦୁର୍ଘଟଣା

# ବିଭ୍ରାନ୍ତ କରୁଛନ୍ତି ବିଦେଶୀ ଗଣମାଧ୍ୟମ

ନୂଆଦିଲ୍ଲୀ/ଅହମଦାବାଦ, ୨୧।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ନେଇ କେନ୍ଦ୍ର ସରକାର ତରବରରେ କୌଣସି ନିଷ୍କର୍ଷ ନ ବାହାର କରିବାକୁ ମତ ଦେଇଛନ୍ତି। ପାଇଲଟ୍‌ଙ୍କ ତ୍ରୁଟି ପାଇଁ ଦୁର୍ଘଟଣା ହୋଇଛି ବୋଲି ପ୍ରକାଶିତ ଖବରକୁ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ରାମମୋହନ ନାଇଡୁ ଭୁଲ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ବିଦେଶୀ ଗଣମାଧ୍ୟମକୁ ସଂଯମତା ରକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏୟାର ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ବିମାନ ଦୁର୍ଘଟଣାର ଯାଞ୍ଚ ଜାରି ରଖିଛି। ତେଣୁ ଅନ୍ତିମ ରିପୋର୍ଟ ଜାରି ନ ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ମନ୍ତବ୍ୟ ନ ଦେବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁଁ ଦୁର୍ଘଟଣା ହୋଇଥିଲା ବୋଲି ବିଦେଶୀ ଗଣମାଧ୍ୟମଗୁଡିକ ଖବର ପରିବେଷଣ କରିଥିଲେ। ବିମାନର ବ୍ଲାକ ବକ୍ସର ଡାଟାକୁ ଡିକୋଡ କରାଯାଇଛି। ପ୍ରଥମଥର ପାଇଁ ଦେଶରେ ଏପରି ହୋଇଛି। ଏହି କାର୍ଯ୍ୟ ମଧ୍ୟ ଏଏଆଇବି କରିଛି। ଏଏଆଇବିର ଉପରେ ଆମର ପୂରା ବିଶ୍ୱାସ ଓ ଭରସା ରହିଛି। ପୂର୍ବରୁ ବ୍ଲାକ ବକ୍ସର ତଥ୍ୟକୁ ଡିକୋଡ କରିବା ପାଇଁ ଆମେ ବିଦେଶ ଯାଉଥିଲୁ। କିନ୍ତୁ ଏବେ ସେକଥା ଆଉ ନାହିଁ।

### ଅନ୍ତିମ ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରିବାକୁ ସରକାରଙ୍କ ପରାମର୍ଶ

ଏଏଆଇବି ଦୁର୍ଘଟଣା ସଂକ୍ରାନ୍ତରେ ପ୍ରାଥମିକ ରିପୋର୍ଟ ଜାରି କରିଛି। ଟେକ୍ ଅଫ୍‌ର ୯ ସେକେଣ୍ଡ ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିଲା। କିନ୍ତୁ ଏହାପରେ ସମସ୍ୟା ଆସିଥିଲା ବୋଲି କୁହାଯାଇଛି। ଅହମଦାବାଦ ବିମାନ ଦୁର୍ଘଟଣାରେ ମୋଟ୍ ୨୭୫ ଜଣ ପ୍ରାଣ ହରାଇଥିଲେ।



ଜଣେ ଯାତ୍ରୀ ସୌଭାଗ୍ୟବଶତଃ ବଞ୍ଚିଯାଇଥିଲେ। ଉଲ୍ଲେଖଥାଉ କି, ଜୁଲାଇ ୧୭ରେ ୱାଲ ଷ୍ଟ୍ରିଟ ଜର୍ନାଲରେ ବିମାନ ଦୁର୍ଘଟଣା ନେଇ ରିପୋର୍ଟ ପ୍ରକାଶ କରିଥିଲା। ଏଥିରେ ପାଇଲଟ୍ କ୍ୟାପଟେନ୍ ସୁମିତ ସଭରୱାଲ ଦୁଇଟି ଯାକ ଇଞ୍ଜିନର ଫୁଏଲ ସପ୍ଲାଇକୁ ରୋକିଥିଲେ ବୋଲି ଆଶଙ୍କା ପ୍ରକାଶ କରାଯାଇଥିଲା।

## ଏୟାର ଇଣ୍ଡିଆକୁ ୬ ମାସରେ ୯ ନୋଟିସ

ନୂଆଦିଲ୍ଲୀ, ୨୧।୭ (ଏଜେନ୍ସି): ଏୟାର ଇଣ୍ଡିଆର ସମସ୍ୟା ବଢ଼ିବାରେ ଲାଗିଛି। ସୁରକ୍ଷା ସମ୍ବନ୍ଧିତ ନିୟମ ଉଲ୍ଲଙ୍ଘନକୁ ନେଇ ଗତ ୬ ମାସରେ ଏହି ଏୟାରଲାଇନ୍ସକୁ ୯ ଥର ନୋଟିସ ପଠାଗଲାଣି। ରାଜ୍ୟ ସଭାରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏହି ସୂଚନା ଦେଇଛନ୍ତି। ଗୋଟିଏ ମାମଲାରେ ପ୍ରବର୍ତ୍ତନ ଜନିତ କାର୍ଯ୍ୟାନୁଷ୍ଠାନ ଶେଷ ହୋଇଯାଇଥିବାବେଳେ ଅନ୍ୟ ମାମଲାର ତଦନ୍ତ ଜାରି ରହିଛି। ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏହି ଏୟାର ଲାଇନ୍ସ ସୁରକ୍ଷା ଯାଞ୍ଚର କେନ୍ଦ୍ରରେ ରହିଛି। କେନ୍ଦ୍ରମନ୍ତ୍ରୀ ସଂସଦର ପ୍ରଥମ ଦିନରେ ଅହମଦାବାଦ ଦୁର୍ଘଟଣାକୁ ନେଇ ବିବୃତ୍ତି ରଖିଛନ୍ତି। ସରକାର ମାମଲାର ଗହନ ଯାଞ୍ଚ ପାଇଁ ପ୍ରତିବଦ୍ଧ ବୋଲି କହିଛନ୍ତି।

## ରନୱେରୁ ଖସିଲା ଏୟାର ଇଣ୍ଡିଆ ବିମାନ; ବର୍ତ୍ତିଲେ ଯାତ୍ରୀ

ମୁମ୍ବାଇ, ୨୧।୭ (ଏଜେନ୍ସି): ଦେଶର ସବୁଠୁ ବ୍ୟସ୍ତ ବହୁଳ ମୁମ୍ବାଇ ବିମାନବନ୍ଦରରେ ସୋମବାର ସକାଳ ୯ଟା ୨୭ରେ ବଡ଼ ଅଘଟଣ ଘଟିଛି। ଅବତରଣ ସମୟରେ ଏୟାର ଇଣ୍ଡିଆ ବିମାନ (ଏଆଇ ୨୭୪୪) ରନୱେରୁ ଖସି ଯାଇଛି। ଏଥିଯୋଗୁଁ ବିମାନ ରନୱେରୁ ୧୬ରୁ ୧୭ ମିଟର ଦୂରରେ ଥିବା ଘାସକୁ ଚାଲି ଯାଇଛି। ଏଥିରେ ବିମାନର ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଛି। ବିମାନର ତିନୋଟି ଟାୟାର ଫାଟି ଯାଇଛି। ଡେଣା ଏବଂ ରନୱେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି ରନୱେରେ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ରନୱେ ପାର୍ଶ୍ୱରେ ଥିବା ତିନୋଟି ସାଇନ୍ ବୋର୍ଡ ଏବଂ ଚାରୋଟି ଲାଇଟ ମଧ୍ୟ ଭାଙ୍ଗି ଯାଇଛି। ତେବେ ଅଳ୍ପକେ ସମସ୍ତ ଯାତ୍ରୀଙ୍କ ଜୀବନ ବଞ୍ଚି ଯାଇଛି। କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ମୁମ୍ବାଇରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଭାଇରଲ ଫଟୋ ଏବଂ ଭିଡିଓରୁ ଜଣାପଡୁଛି ଯେ ଡାହାଣ ଇଞ୍ଜିନର ନାସାଲ କ୍ଷତିଗ୍ରସ୍ତ ହୋଇଛି। ଏହା ପରେ ବିମାନକୁ ପାର୍କିଂକୁ ନିଆଯାଇଥିଲା। ଏଠାରେ ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କୁ ବାହାର କରାଯାଇଥିଲା। ଏହି ମାମଲାର ଯାଞ୍ଚ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ଏକ ଟିମ୍ ବିମାନବନ୍ଦରରେ ପହଞ୍ଚିଛି। ବିମାନର ଯାଞ୍ଚ ଜାରି ରହିଛି। ଉଭୟ ପାଇଲଟଙ୍କୁ ହଟାଇ ଦିଆଯାଇଛି। ଦୁର୍ଘଟଣାର କାରଣ ଯାଞ୍ଚ କରାଯାଉଛି। ବିମାନ ପରିଚାଳନା ଜାରି ରଖିବା ପାଇଁ ଅନ୍ୟ ଏକ ରନୱେ ଆରମ୍ଭ କରାଯାଇଛି।



# ମୁମ୍ବାଇ ସିରିଜ ଟ୍ରେନ୍ ବିସ୍ଫୋରଣ: ୧୨ ଅଭିଯୁକ୍ତ ଖଲାସ

ମୁମ୍ବଇ, ୨୧।୭(ଏଜେନ୍ସି): ବହୁ ଚର୍ଚ୍ଚିତ ୨୦୦୬ ମୁମ୍ବଇ ସିରିଜ ଟ୍ରେନ୍ ବିସ୍ଫୋରଣ ମାମଲାରେ ହାଇକୋର୍ଟ ସୋମବାର ସବୁ ୧୨ଜଣ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଦୀର୍ଘ ୧୯ ବର୍ଷ ପରେ ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ସରକାର ଓକିଲ ଦୋଷ ପ୍ରମାଣ କରିବାର ବିଫଳ ହୋଇଛନ୍ତି ବୋଲି କୋର୍ଟ କହିଛନ୍ତି। ଅଭିଯୁକ୍ତମାନେ ଅପରାଧ କରିଛନ୍ତି ବୋଲି କହିବା କଷ୍ଟକର। ତେଣୁ ଏମାନଙ୍କୁ ଖଲାସ କରାଯାଉଛି। ଯଦି ଏମାନେ ଅନ୍ୟ କୌଣସି ମାମଲାରେ ଅଭିଯୁକ୍ତ ନୁହଁନ୍ତି, ତେବେ ସେମାନଙ୍କୁ ତୁରନ୍ତ ଖଲାସ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଜୁଲାଇ ୧୧ରେ ମୁମ୍ବଇର ୱେଷ୍ଟର୍ଣ୍ଣ ସବ ଅର୍ବାନ ଟ୍ରେନ୍‌ର ୭ଟି ବଗିରେ ସିରିଜ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଯାତ୍ରୀ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଫାର୍ଷ୍ଟକ୍ଲାସ କୋଚ୍ ଗୁଡିକରେ ହିଁ ସବୁ ବିସ୍ଫୋରଣ ହୋଇଥିଲା।

ସନ୍ଧ୍ୟା ୬.୨୪ରୁ ୬.୩୫ ମିନିଟ୍ ମଧ୍ୟରେ ଗୋଟିଏ



ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ଲୋକାଲ ଟ୍ରେନ୍‌ର ଫାର୍ଷ୍ଟକ୍ଲାସ ବଗିରେ ଗୁଡିକରେ ଏହି ବିସ୍ଫୋରଣ କରାଯାଇଥିଲା। ଖାର, ବାନ୍ଦ୍ରା, ଜାଗେଶ୍ୱରୀ, ମହିମ, ବୋରିବାଲି, ମାଟୁଙ୍ଗା ଓ ମୀରା- ଭାୟାନ୍ଦର ରେଳ ଷ୍ଟେସନ ନିକଟ୍‌ରେ ଏହି ସବୁ ବିସ୍ଫୋରଣ ହୋଇଥିଲା। ଟ୍ରେନ୍‌ରେ ଲଗା ଯାଇଥିବା ବୋମାରେ ଆରଡିଏକ୍ସ, ଆମୋନିଆ ନାଇଟ୍ରେଟ୍, ଫୁଏଲ ତେଲ ଓ ଲୁହା କଣ୍ଟାର ବ୍ୟବହାର ହୋଇଥିଲା। ୭ଟି ପ୍ରେସର କୁକରରେ ରଖାଯାଇ ବମ୍‌ଗୁଡିକ ଟାଇମର ଦ୍ୱାରା ଉଡାଇ ଦିଆଯାଇଥିଲା।

ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଆଜମ ଚିମା ପାକିସ୍ତାନସ୍ଥିତ ନିଜ ବାହବଲପୁର ଘରୁ ସିମି ଓ ଲସ୍କରର ଦୁଇଟି ଗ୍ରୁପ୍ ସହ ମିସି ଷଡ଼ଯନ୍ତ୍ର କରି ଏହି ବିସ୍ଫୋରଣ ଘଟାଇଥିଲା ବୋଲି ପୁଲିସ ତା'ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲା। ଏଥିପାଇଁ ବାହବଲପୁରରୁ ୫୦ଜଣ ଯୁବକଙ୍କୁ ଭାରତ ପଠାଯାଇଥିଲା। ୧୨ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛି। ଏବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ବୋଲି କୁହାଯାଇଛି। ୨୦୦୬ରେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୯ ବର୍ଷ କେସ୍ ଚାଲିବା ପରେ ସ୍ପେଶାଲ କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ରାୟ ଦେଇଥିଲେ। ୧୩ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୭ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜଣେ ଅଭିଯୁକ୍ତକୁ କୋର୍ଟ ମୁକ୍ତ କରିଥିଲେ। ଏହାପରେ ୨୦୧୬ରେ ସବୁ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସ୍ୱାମୀଙ୍କୁ ମାରି ଟାଇଲ ତଳେ ପୋତିଲେ ସ୍ତ୍ରୀ ଓ ପ୍ରେମିକ

ପାଲଘର, ୨୧।୭(ଏଜେନ୍ସି): ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ବଲିଉଡ୍ ସୁପର ହିଟ୍ ସିନେମା 'ଦୃଶ୍ୟମ' ଶୈଳୀରେ ଏକ ହତ୍ୟାକାଣ୍ଡ ଘଟିଛି। ପ୍ରେମିକଙ୍କ ସହାୟତାରେ ଜଣେ ପତ୍ନୀ ନିଜ ସ୍ୱାମୀଙ୍କୁ ହତ୍ୟା କରି ନିଜ ଘରର ଟାଇଲ ତଳେ ପୋତିବା ସହ ମୃତଦେହକୁ ଲୁଚାଇବାକୁ ପ୍ରୟାସ କରିଛନ୍ତି। ୩୫ ବର୍ଷୀୟ ବିଜୟ ଚାଭନ ଗତ ୧୫ ଦିନ ହେବ ନିଖୋଜ ଥିଲେ। ମୁମ୍ବାଇଠାରୁ ୭୦ କିମି ଦୂର ନାଲାସୋପାରା ଇଷ୍ଟର ଗଡ଼ଗାପଡ଼ା ଅଞ୍ଚଳରେ ବିଜୟ ଓ ତାଙ୍କ ୨୮ ବର୍ଷୀୟ ପତ୍ନୀ କୋମଲ ଚାଭନ ରହୁଥିଲେ। ସୋମବାର ସକାଳେ ବିଜୟଙ୍କ ଭାଇ ତାଙ୍କୁ ଖୋଜିବାକୁ ଆସି ଘରେ ପହଞ୍ଚିଥିଲେ। କିନ୍ତୁ ଘର ଚଟାଣର କୋତୋଟି ଟାଇଲ ଅନ୍ୟଗୁଡିକ ସହ ମେଳ ଖାଉ ନଥିବା ସେ ଲକ୍ଷ୍ୟ କରିଥିଲେ। ସନ୍ଦେହ ହେବାରୁ ସେ ମେଳ ଖାଉ ନଥିବା ଭିନ୍ନ ରଙ୍ଗର ଟାଇଲକୁ କାଢ଼ି ଦେବା ପରେ ଏକ ସାର୍ଟ ପୋତା ହୋଇଥିବା ଦେଖିଥିଲେ ଓ ଉତ୍କଟ ଦୁର୍ଗନ୍ଧ ହେବାର ଜାଣି ପରିଥିଲେ। ଏହାପରେ ସେ ପୁଲିସ୍‌କୁ ସୂଚନା ଦେଇଥିଲେ। ପୁଲିସ ବିଜୟ ମୃତଦେହ ଟାଇଲ ତଳୁ ଉଦ୍ଧାର କରିଥିଲା।

■ ଛତୁ ଚୋରିରୁ ମହାଭାରତ

## ଖୁଡ଼ୀ, ଭଉଣୀକୁ ଟାଙ୍ଗିଆରେ ହାଣିଦେଲା

**ପଦ୍ମପୁର, ୨୧।୭ (ସମିସ):** ସାମାନ୍ୟ ଛତୁ ଚୋରିକୁ କେନ୍ଦ୍ର କରି ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ପଥୁରୀ ଗାଁରେ ଆଜି ଦୁଇଦୁଇଟି ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ନିଜ ଖୁଡ଼ୀ ଓ ଭଉଣୀକୁ ଟାଙ୍ଗିଆରେ ହାଣି ଅତି ନୃଶଂସ ଭାବେ ହତ୍ୟା କରିଛି। ମୃତକଦ୍ୱୟ ହେଲେ, ଗାଁର ସାବିତ୍ରୀ ନାଗ ଓ ତାଙ୍କ ଖୁଡ଼ୀ ବେଲମତି ନାଗ। ପଦ୍ମପୁର ଆଦର୍ଶ ଥାନା ପୁଲିସ୍ ଶବ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ ଏହି ନାରକୀୟ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଶଶିଭୂଷଣ ନାଗ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛି।

**ଗୁରୁତର ଦାଦା ହସ୍ପିଟାଲରେ**

ପୁଲିସ୍ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନାନୁଯାୟୀ, ଶଶିଭୂଷଣ ଛତୁ ବ୍ୟବସାୟ କରନ୍ତି। ଆଜି ତାଙ୍କର କିଛି ଛତୁ ଚୋରି ହୋଇଥିବା ସନ୍ଦେହ କରି ପରିବାରଲୋକଙ୍କୁ ଏ ସଂପର୍କରେ ପଚରାଉଚରା କରିଥିଲେ। ଏହାକୁ ନେଇ ପରିବାର ଭିତରେ କଳହ ହୋଇଥିଲା। ତେବେ କ୍ରମେ ଏହା ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶଶିଭୂଷଣ ଘରେ ଥିବା ଏକ ଟାଙ୍ଗିଆ ଆଣି ଖୁଡ଼ୀ ବେଲମତି, ଭଉଣୀ ସାବିତ୍ରୀ ଓ ଦାଦା ବିଶିକେଶନଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ସାବିତ୍ରୀ ଓ ବେଲମତୀଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ପଡ଼ୋଶୀଙ୍କଠାରୁ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦ୍ୱୟଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗୁରୁତର ବିଶିକେଶନଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଅପରପକ୍ଷେ, ଏହି ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଶଶିଭୂଷଣ ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲା।

## ବନ୍ଦ ଘରେ ମହିଳା ଜୀବନ୍ତ ଦଗ୍ଧ

**ବ୍ରହ୍ମପୁର, ୨୧।୭ (ସମିସ):** ସୋମବାର ଅପରାହ୍ଣରେ ବ୍ରହ୍ମପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ନିମଖଣ୍ଡି ଥାନା ଅନ୍ତର୍ଗତ ନୀଳାଚଳନଗର ୫ମ ଲାଇନରେ ଏକ ତାଲାବନ୍ଦ ଘରେ ଜଣେ ମହିଳା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତ ମହିଳା ଜଣ ହେଲେ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ହରିଶଙ୍କର ରଥଙ୍କ ସ୍ତ୍ରୀ ନମିତା ରଥ (୫୫)।



ଜୟଦେବ ଚୌଧୁରୀଙ୍କ ଘରେ ହରିଶଙ୍କର ଭଡ଼ାରେ ରହୁଛନ୍ତି। ପ୍ରତିଥର ଭଳି ଆଜି ନମିତାଙ୍କୁ ବାହାରୁ ତାଲା ପକାଇ ପରିବାର ଲୋକ ବାଲିପଡ଼ା ଯାଇଥିଲେ। ମଧ୍ୟାହ୍ନରେ ଘରୁ ପୋଡ଼ା ଗନ୍ଧ ବାହାରିବାରୁ ତଳେ ରହୁଥିବା ଘରମାଲିକଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ତୁରନ୍ତ ଅଗ୍ନିଶମ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘରର ତାଲା ଭାଙ୍ଗିଥିଲେ। ଅଗ୍ନିଶମ କର୍ମଚାରୀ ଘର ଭିତରକୁ ଯାଇ ଦେଖିବା ବେଳକୁ ନମିତାଙ୍କ ଶରୀରରେ ନିଆଁ ଲାଗି ଯାଇଥିଲା। ତୁରନ୍ତ ସେ ନିଆଁକୁ ଆୟତ୍ତ କରିଥିଲେ ହେଁ ମହିଳାଙ୍କ ଶରୀରର ଅଧିକାଂଶ ଅଂଶ ଜଳି ଯାଇଥିଲା। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ ଏମକେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରେ ନମିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ହେଲା ତାହା ଜଣାପଡ଼ିନାହିଁ।

## ଘରୁ ଡାକିନେଇ ମାରିଦେଲେ

**ସମ୍ବଲପୁର, ୨୧।୭ (ସମିସ):** ଭୋଜି କରିବାକୁ ଡାକି ନେଇ ପିଟିପିଟି ମାରିଦେଲେ। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ ଠେଲକୋଲୋଇ ଥାନା ଅଧୀନ ବୋମାଲୋଇ ଗ୍ରାମରେ ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଜନ୍ମେଜୟ କିଷାନ (୨୯)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ୬ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ, ବୋମାଲୋଇ ଗାଁର ସୁଜିତ ମୁଣ୍ଡା(୨୨), ରଞ୍ଜିତ ମୁଣ୍ଡା ଓରଫ୍ ଡୁଲୁ (୨୦), ପ୍ରମୋଦ ମୁଣ୍ଡା ଓରଫ୍ ରଘୁ (୩୨), ଦଶରଥ ମୁଣ୍ଡା ଓରଫ୍ ଜୁନୁ (୨୨), ରାଜେଶ ମୁଣ୍ଡା ଓରଫ୍ ଛୋଟୁ (୨୦) ଓ

**୬ ସାଙ୍ଗ ଗିରଫ**

ଜିତେନ୍ଦ୍ର କିଷାନ ଓରଫ୍ କାଳକୁଟ (୧୮)। ଏମାନେ ସଂଘବଦ୍ଧ ଭାବେ ଜନ୍ମେଜୟଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ଶନିବାର ରାତି ପ୍ରାୟ ୮ଟାରେ ୭ରୁ ୮ଜଣ ଯୁବକ ଜନ୍ମେଜୟଙ୍କୁ ଭୋଜି କରିବାକୁ କହି ଗ୍ରାମର କଣ୍ଟାପଡ଼ା ଶ୍ମଶାନ ଘାଟ ପାଖକୁ ଡାକିନେଇଥିଲେ। ତେବେ, ସେଠାରେ ଭୋଜିଭାତ କରିବା ସମୟରେ ବଚସା ହୋଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସାଙ୍ଗମାନେ ସଂଘବଦ୍ଧ ଭାବେ ବାଡ଼ି, ହାତରେ ପିନ୍ଧିଥିବା ବଳା ଓ ଫାଇବର୍ ଯୋଗେ ଜନ୍ମେଜୟଙ୍କୁ ପିଟି ପିଟି ମାରିଦେଇଥିଲେ। ଖବର ପାଇ ଠେଲକୋଲୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଜନ୍ମେଜୟଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଠେଲକୋଲୋଇ ଥାନାରେ ଏକ ହତ୍ୟା ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

**ଭଣ୍ଡେଇଦେଲେ କେନ୍ଦ୍ର ସରକାର**

# ଦ୍ୱିତୀୟ ପାଇକ ବିଦ୍ରୋହ ପାଇଁ ମହାସଂଘର ଆହ୍ୱାନ

**ଭୁବନେଶ୍ୱର,୨୧।୭ (ସମିସ):** ଓଡ଼ିଶାର ପାଇକ ବିଦ୍ରୋହକୁ ଜାତୀୟସ୍ତରରେ ମାନ୍ୟତା ଦେବାରେ ଟାଳଟୁଳ ନୀତି ବିରୋଧରେ ଦ୍ୱିତୀୟ ବିଦ୍ରୋହ ପାଇଁ ଆହ୍ୱାନ ଦେଇଛି ପାଇକ ମହାସଂଘ। ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣରେ ବିଳମ୍ବ, ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ପାଇକ ଚେୟାର ସ୍ଥାପନ, ପାଇକ ଏକାଡ଼େମୀ ଓ ପାଇକ ରେଜିମେଣ୍ଟ ଗଠନ ଆଦିରେ ଅବହେଳା ସାଙ୍ଗକୁ ଏବେ ଏନ୍‌ସିଆର୍‌ଟି ପୁସ୍ତକୁ ପାଇକ ବିଦ୍ରୋହକୁ ବାଦ ଦେବା ପ୍ରତିବାଦରେ ଖୋର୍ଦ୍ଧାମାଟିରୁ ପୁଣି ପାଇକ ବିଦ୍ରୋହ ଆରମ୍ଭ ହେବ ବୋଲି ମହାସଂଘ ଚେତାବନୀ ଦେଇଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେପାଇକ ବିଦ୍ରୋହର ୨୦୦ ଶହ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ବର୍ଣ୍ଣନା କରିଥିଲେ। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଦକର ପାଇକ ବିଦ୍ରୋହକୁ ପାଠ୍ୟକ୍ରମରେ (ସିବିଏସଇ)ରେ ସ୍ଥାନୀତ କରାଯିବାକୁ ଘୋଷଣା କରିଥିଲେ।୨୦୨୦-୨୧ ଶିକ୍ଷାବର୍ଷରେ ସିବିଏସଇ ପାଠ୍ୟପୁସ୍ତକରେ ପାଇକବିଦ୍ରୋହ ସ୍ଥାନ ପାଇଥିଲେ ହେଁ ଏହା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଉଲ୍ଲେଖ କରାଯାଇ ନ ଥିଲା। ହେଲେ ଚଳିତ ବର୍ଷ ତାହାକୁ ବି ବାଦ୍ ଦିଆଯାଇଛି। କେବଳ ସେତିକି ନୁହେଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ପାଇକ ଚେୟାର ଗଠନ କରାଯିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨କୋଟି ଟଙ୍କା ଅର୍ଥ ବି ମଞ୍ଜୁର ହୋଇଥିଲେ ବି ତାହା ବି ହୋଇପାରି ନାହିଁ। ପାଇକ ଏକେଡ଼େମୀ ପ୍ରସ୍ତାବ ମଧ୍ୟରେ ଅଟକି ଯାଇଛି।



ସେହିପରି ପାଇକ ଐତିହ୍ୟ ସ୍ମାରକୀର ଭିତ୍ତିପ୍ରସ୍ତର ତତ୍‌କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ମସିହାରେ ବରୁଣେଇ ପାଦଦେଶରେ ସ୍ଥାପନ ବି କରିଥିଲେ। ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯ ଏକର ୬୮୫ ଡ଼ିସିମିଲି ଜାଗାକୁ ୩୧ କୋଟି ୯୭ ଲକ୍ଷ ଟଙ୍କା ଛାଡ଼ କରି ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ। ମାତ୍ର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜମି ଯୋଗାଇ ଦେବା ସତ୍ତ୍ୱେ ଏଯାଏ ତାହା ନିର୍ମାଣ ହୋଇ ପାରିଲା ନାହିଁ। ଏମିତିକି ପାଇକ ସ୍ମାରକୀ ତ ଦୂରର କଥା ଏପର୍ଯ୍ୟନ୍ତ ଇଟା ଖଣ୍ଡ ମଧ୍ୟ ପଡ଼ି ପାରି ନାହିଁ। ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତ ସଂସଦ ଭବନରେ ପାଇକ ରେଜିମେଣ୍ଟ ସ୍ଥାପନ ଘୋଷଣା କରାଯାଇ ପାରିଲା ନାହିଁ। ଗତ ନିର୍ବାଚନ ପ୍ରଚାର ସମୟରେ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହଙ୍କ ନିକଟରେ ଏ ସଂକ୍ରାନ୍ତରେ ଦାବି କରାଯାଇଥିଲା। ପୂର୍ବତନ ବିଜେଡି ସରକାର ପାଇକ ସ୍ମାରକୀ ପାଇଁ ଜମି ଯୋଗଇ ଦେବା ସହ ପାଇକ ଏକାଡେମୀ କରିଛନ୍ତି। ଯେଉଁଥିପାଇଁ

**■ ମିଳିଲାନାହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା**
**■ ଗଠନ ହୋଇପାରିଲାନି ସ୍ୱତନ୍ତ୍ର ପାଇକ ରେଜିମେଣ୍ଟ**
**■ ଅଟକିଛି ଚେୟାର ପ୍ରତିଷ୍ଠା, ଆଗେଇପାରୁନି ସ୍ମାରକୀ**

କରିଥିଲେ ହେଁ କେନ୍ଦ୍ର ସରକାର ଏହାପ୍ରତି କର୍ଣ୍ଣପାତ କରିନାହାନ୍ତି। ପାଇକ ମହାସଂଘ ଏହି ମାନ୍ୟତା ପାଇଁ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଆସୁଥିବା ବେଳେ ଡବଲ ଇଞ୍ଜିନ୍ ସରକାରରେ କୌଣସି ସାଂସଦ, ବିଧାୟକ କିମ୍ବା ମନ୍ତ୍ରୀ ଏ ସମ୍ପର୍କରେ ପଦଟିଏ ସ୍ୱର ଉଠାଇ ନାହାନ୍ତି।

ପାଇକ ମହାସଂଘର ରାଜ୍ୟ ସଭାପତି ଡ. ଅଶୋକ କୁମାର ପାଲଟାସିଂହ କହିଛନ୍ତି ଯେ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଆମେ ତାଙ୍କ ନିକଟରେ କୃତଜ୍ଞ। ତେବେ ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କରିବା ଏବଂ ପାଇକ ସ୍ମାରକୀକୁ ଆଗେଇ ନେବା ନୂତନ ସରକାରଙ୍କ ଦାୟିତ୍ୱ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ଘୋଷଣା କରନ୍ତୁ; ନଚେତ୍ ଓଡ଼ିଆ ଅସ୍ମିତା କଥା କହି ଡିଣ୍ଡିମ ପିଟୁଥିବା ବିଜେପି ସରକାରକୁ ପାଇକ ମହାସଂଘ ଆଗାମୀ ଦିନରେ ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ପାଲଟା ସିଂହ, ଗାୟନ ସାମଲ, କେଦାର ନାଥ ଦାସ କହିଛନ୍ତି।

## ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କୁ ଭେଟିଲେ ବିଜେଡି ପ୍ରତିନିଧିମଣ୍ଡଳୀ

**ଡାକ୍ତରଙ୍କ ସହ ଆଲୋଚନା, ପରିବାର ସଦସ୍ୟଙ୍କୁ ଆଶ୍ୱାସନା**



**ଭୁବନେଶ୍ୱର,୨୧।୭ (ସମିସ):** ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ପୁରୀ ଜିଲ୍ଲା ବଳଙ୍ଗାର ପୀଡ଼ିତାଙ୍କୁ ଭେଟିଛନ୍ତି ବିଜେଡିର ରାଜ୍ୟସଭା ସଂସଦୀୟ ପ୍ରତିନିଧି ଦଳ। ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସସ୍ମିତ ପାତ୍ର, ମାନସରଞ୍ଜନ ମଙ୍ଗରାଜ, ସୁଲତା ଦେଓ ଓ ନିରଞ୍ଜନ ବିଶି ପ୍ରମୁଖ ଏମ୍ସରେ ବଳଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହି ଅବସରରେ ସାଂସଦମାନେ ଡାକ୍ତରଙ୍କ ସହ ପୀଡ଼ିତାଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ତାଙ୍କ ସମ୍ପର୍କୀୟ ଓ ପରିବାର ସଦସ୍ୟମାନଙ୍କୁ ପ୍ରତିନିଧିମଣ୍ଡଳୀ ଆଶ୍ୱାସନା ପ୍ରଦାନ କରିଛନ୍ତି।

**ଧବଳେଶ୍ୱର କଲେଜ ଅଧ୍ୟାପିକାଙ୍କୁ ନିର୍ଯାତନା ଘଟଣାରେ ନୂଆମୋଡ଼**

## ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବି: ଅଧ୍ୟକ୍ଷ

**ତିଗିରିଆ/କଟକ, ୨୧।୭ (ସମିସ):** କଟକ ଜିଲ୍ଲା ଗୁରୁଡ଼ିଝାଟିଆସ୍ଥିତ ଶ୍ରୀଶ୍ରୀଧବଳେଶ୍ୱର ମହାବିଦ୍ୟାଳୟରେ ଅଧ୍ୟାପିକାଙ୍କୁ କଲେଜ ଅଧ୍ୟକ୍ଷ ନିର୍ଯାତନା ଦେବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। କଲେଜ ଅଧ୍ୟକ୍ଷ ଏବେ ମୁହଁ ଖୋଲିଛନ୍ତି। ପୂର୍ବରୁ ସମସ୍ତ ଅଭିଯୋଗର ତଦନ୍ତକୁ ସାମ୍ନା କରିଥିବା ବେଳେ ଏବେ ମଧ୍ୟ ସେ ତଦନ୍ତକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ତାଙ୍କୁ ଜାଣିଶୁଣି ବଦନାମ କରାଯାଉଛି। ଯଦି ତାଙ୍କୁ ନ୍ୟାୟ ନମିଳେ, ତେବେ କଲେଜ ଆଗରେ ଆତ୍ମାହୁତି ଦେବା ନେଇ ଧମକ ଦେଇଛନ୍ତି ଅଧ୍ୟକ୍ଷ। ତେବେ ଅଭିଯୋଗକାରୀ ଅଧ୍ୟାପିକା ଏବଂ ଅଧ୍ୟକ୍ଷଙ୍କ ମଧ୍ୟରୁ କିଏ ସତ କହୁଛନ୍ତି; ତାହା ବିଭାଗୀୟ ତଦନ୍ତ ପରେ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀମହଲରେ ଆଲୋଚନା ହେଉଛି।

ଗତ ୨୦୨୧ ମସିହାରେ କଲେଜର ତତ୍କାଳୀନ ଅଧ୍ୟକ୍ଷ ଅଶୋକ କୁମାର ସାମନ୍ତରାୟଙ୍କ ବିରୁଦ୍ଧରେ ଅଧ୍ୟାପିକା ନିର୍ଯାତନା ଅଭିଯୋଗ ଆଣିଥିଲେ। ଏନେଇ ସେ କଟକ ଜିଲ୍ଲାପାଳ, କଲେଜ ପରିଚାଳନା କମିଟି, ଗଭର୍ଣ୍ଣିଂ ବଡି ପ୍ରେସିଡେଣ୍ଟ, ଆଠଗଡ଼ ଉପଜିଲ୍ଲାପାଳ, ଉଚ୍ଚ ଶିକ୍ଷା ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ସେ ନିରାଶ ହୋଇ ଗୁରୁଡ଼ିଝାଟିଆ ଥାନାରେ ଜଣାଇଥିଲେ। ପୁଲିସ କିନ୍ତୁ ଏତଲା ଗ୍ରହଣ ନ କରିବାରୁ ଶେଷରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଜଣେ କି ଦୁଇଜଣ ଅଧ୍ୟାପିକା ନୁହେଁ, ପାଞ୍ଚଜଣ ଅଧ୍ୟାପିକା ଅଧ୍ୟକ୍ଷଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଜାନୁଆରୀ ୨୦ତାରିଖରେ ଅବଗତ କରାଯାଇଥିବା ନେଇ ସଂପୃକ୍ତ ଅଧ୍ୟାପିକାଜଣଙ୍କ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ମସିହାରେ ଗୁରୁଡ଼ିଝାଟିଆସ୍ଥିତ ଶ୍ରୀଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟର ଜଣେଅଧ୍ୟାପିକାଙ୍କୁ ଫେସବୁକ ଚାଟିଂରେ ଜନୈକ ଅଧ୍ୟାପକ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ସଂପୃକ୍ତ ଅଧ୍ୟାପିକା ଗୁରୁଡ଼ିଝାଟିଆ ଥାନା ତଥା ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପୁଲିସ ତଥା ବିଭିନ୍ନ ଅଧିକାରୀଙ୍କ ପକ୍ଷରୁ ତଦନ୍ତ ହୋଇଥିଲା। ୨୦୨୧ରେ ସଂପୃକ୍ତ ଅଧ୍ୟାପକ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସଂପୃକ୍ତ ଅଧ୍ୟାପକଙ୍କ ଗଞ୍ଜାମ ଜିଲ୍ଲା ଆସିକା କଲେଜକୁ ବଦଳି ଆଦେଶ ହୋଇଥିଲା। ବଦଳି ଆଦେଶ ପରେ କଲେଜ କର୍ତ୍ତୃପକ୍ଷ ଅଧ୍ୟାପକଙ୍କୁ ରିଲିଭ୍ କରିଥିଲେ। ମାତ୍ର ଉଚ୍ଚଶିକ୍ଷା ବିଭାଗ ଆସିକା କଲେଜକୁ କୌଣସି ସୂଚନା ଦେଇ ନ ଥିବାରୁ ଅଧ୍ୟାପକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ଗୁରୁଡ଼ିଝାଟିଆ କଲେଜକୁ ଫେରି ଆସିଥିଲେ।

**ନିର୍ଯାତନା ନିଆଁ ଥମୁନି**

## ଅନୁଗୋଳ କଲେଜର ୪ ଅଧ୍ୟାପକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ଭୁବନେଶ୍ୱର,୨୧।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯାତନା ସହି ନ ପାରି ଆତ୍ମଦାହ ଉଦ୍ୟମ କରି ମୃତ୍ୟୁବରଣ କରିବା ଘଟଣା ମନରୁ ନ ଲିଭୁଣୁ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଆସିଛି ସମାନ ଅଭିଯୋଗ। ବିଡ଼ମ୍ବନା ହେଉଛି ଗତ ଜାନୁଆରୀ ମାସରୁ ଏ ସଂକ୍ରାନ୍ତରେ ୪ ଜଣ ଅଧ୍ୟାପକଙ୍କ ବିରୋଧରେ ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ହେଁ ଏ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଗତ ଜାନୁଆରୀ ୧୩ ତାରିଖରେ ସରକାରଙ୍କ ନିକଟରେ ଅନୁଗୋଳ କଲେଜର ପ୍ରାଣୀବିଜ୍ଞାନ ବିଭାଗର ୩ ଏବଂ ଇଂରାଜୀ ବିଭାଗର ଜଣେ ଅଧ୍ୟାପକ କିଛି ନିର୍ଦ୍ଦିଷ୍ଟ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଉଦ୍ଦେଶ୍ୟମୂଳକ ଭାବେ ଏପରି କରାଯାଉ ଥିବାରୁ ଛାତ୍ରୀଙ୍କୁ ମାନସିକ ଯନ୍ତ୍ରଣା ପ୍ରଦାନ କରାଯାଉଥିବାରୁ ବହୁ ଛାତ୍ରୀ ନିୟମିତ ପାଠ ପଢ଼ିବାକୁ କଲେଜ ଆସୁ ନାହାନ୍ତି। ଏସବୁ ଘଟଣା କଲେଜ କର୍ତ୍ତୃପକ୍ଷ ଓ ଅଧ୍ୟକ୍ଷଙ୍କ ଜ୍ଞାତସାରରେ ହେଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନି। ଦୀର୍ଘ ୧୫ରୁ ୨୦ ବର୍ଷ ଧରି ଏହି ସମସ୍ତ ଅଧ୍ୟାପକମାନେ ମହାବିଦ୍ୟାଳୟରେ କାର୍ଯ୍ୟରତ ଥିବାରୁ ତଦନ୍ତକୁ ପ୍ରଭାବିତ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ମାତ୍ର ଜାନୁଆରୀ ମାସରେ ହୋଇଥିବା ଏହି ଅଭିଯୋଗ ସମ୍ପର୍କରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଭାଗ ସାତମାସ ହେଲା କାହିଁକି ଏପରି ଅଭିଯୋଗକୁ ଚାପି ରଖିଛି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଏଫ୍ଏମ୍ କଲେଜ ଛାତ୍ରୀ ଅଧ୍ୟକ୍ଷଙ୍କ ଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରି ନିରାଶ ହେବା ପରେ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେଇଛନ୍ତି। ହେଲେ ଛାତ୍ରୀଙ୍କୁ ନିର୍ଯାତନା ପରି ଗୁରୁତର ଅଭିଯୋଗ ସତ୍ତ୍ୱେ ଏତେ ବେଫିକର କାହିଁକି ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି।

**୭ମାସ ହେଲା ବିଭାଗରେ ପଡ଼ିଛି ଅଭିଯୋଗ**

**ଆସୁଛି ପଛକୁ ପଛ ଦୁଇ ଲଘୁଚାପ**

## କାଲିଠୁ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୨୧।୭ (ସମିସ):** ଆସନ୍ତା ୨୩ ତାରିଖରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୨୪ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାକୁ ଥିବାବେଳେ ଏଥିପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆକଳନ କରିଯାଇଛି। ୨୩ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ସହ ୨୪ ଓ ୨୫ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୨୩ରୁ୨୬ ତାରିଖ ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଏଥିପାଇଁ କେନ୍ଦ୍ର ପକ୍ଷରୁ ଆସନ୍ତା ୨୩ଠାରୁ ବିଭିନ୍ନ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

ଅନ୍ୟପଟେ ବର୍ତ୍ତମାନ ଦକ୍ଷିଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟର ପ୍ରଭାବ ରହିଛି। ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷାର ପ୍ରଭାବ ଅନୁଭୂତ ହେଉଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷା ଦେଖିବାକୁ ମିଳିଛି। ମଙ୍ଗଳବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ବିଶେଷ କରି କୋରାପୁଟ ଓ ମାଲକାନଗିରି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

**ଗମ୍ଭାରିମାଳିଆ ଟ୍ରିପଲ ମର୍ଡର ମାମଲା**

## ହାଇକୋର୍ଟରେ ଫାଶୀ ଦଣ୍ଡାଦେଶ ରଦ୍ଦ

**କଟକ, ୨୧।୭ (ସମିସ):** ବହୁଚର୍ଚ୍ଚିତ ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମରେ ସଂଗଠିତ ଟ୍ରିପଲ ମର୍ଡର୍ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିସହ ଆଠମଲ୍ଲିକ ଅତିରିକ୍ତ ଦୌରା ଅଦାଲତଙ୍କ ଫାଶୀ ଦଣ୍ଡାଦେଶକୁ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ପ୍ରକାଶ ବେହେରା ଓ ନନ୍ଦକିଶୋର ସେଠୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏହାସହ ମୃତ ଦମ୍ପତିଙ୍କ ନାବାଳିକା ଝିଅଙ୍କୁ ୩୦ଲକ୍ଷ ଟଙ୍କା ପୀଡ଼ିତା କ୍ଷତିପୂରଣ ଆଇନ ଅନୁସାରେ ପ୍ରଦାନ କରିବାକୁ ଅନୁଗୋଳ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଖଣ୍ଡପୀଠ।

ଅଦାଲତ କହିଛନ୍ତି ଯେ ଅପରାଧୀମାନେ ଯେଉଁମାନେ ବି ହୁଅନ୍ତୁ ନା କାହିଁକି, ସେମାନେ ତିନି ଜଣଙ୍କ ଜୀବନ ନେଇଛନ୍ତି। ଯେଉଁଥିରେ ଜଣେ ନାବାଳକ ବାଳକ ମଧ୍ୟ ଅଛନ୍ତି। ତେବେ ଏହି ମାମଲାରେ ଆବେଦନକାରୀ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ ପାଇଁ କୌଣସି ସନ୍ତୋଷଜନକ ପ୍ରମାଣ ଉପସ୍ଥାପନ କରାଯାଇନାହିଁ। ଫୌଜଦାରୀ ନ୍ୟାୟଶାସ୍ତ୍ର ଅନୁସାରେ ଅପରାଧ ଯେତେ ଗମ୍ଭୀର ହେଉ, ପ୍ରମାଣର ପରିମାଣ ସେତେ କଠୋର ହେବା ଉଚିତ। ସରକାରୀ ପକ୍ଷ ଯେଉଁ ଯୁକ୍ତି ଉପସ୍ଥାପନ କରିଛନ୍ତି, ତାହା ଅନୁମାନ ଏବଂ ସନ୍ଦେହ ଉପରେ ଆଧାରିତ। କେତେକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ଯେତେବେଳେ ଜବତ ସାମଗ୍ରୀଗୁଡ଼ିକ ଆବେଦନକାରୀଙ୍କ ବିରୋଧରେ ପ୍ରମାଣ ଭାବରେ ବ୍ୟବହାର କରାଯାଇପାରିବ ନାହିଁ, ସେତେବେଳେ ଡିଏନଏ ପରୀକ୍ଷା ରିପୋର୍ଟ ବି ସେମାନଙ୍କ ବିରୋଧରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, ଗତ ୨୦୧୭ ଅକ୍ଟୋବର ୧୦ ତାରିଖରେ କିଶୋରନଗର ଥାନା ଗମ୍ଭାରିମାଳିଆ ଗ୍ରାମର ବିରଞ୍ଚି ନାୟକ, ପତ୍ନୀ ତାରଣୀ ନାୟକ ଓ ୭ବର୍ଷୀୟ ନାବାଳକ ପୁତ୍ର ଏକଲବ୍ୟକୁ ଅଭିଯୁକ୍ତ ଆବେଦନକାରୀ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ମହିଳା ହିଂସା ପ୍ରସଙ୍ଗରେ 'ଶୂନ୍ୟ ସହନଶୀଳ' ନୀତି: କଂଗ୍ରେସ



**ଭୁବନେଶ୍ୱର,୨୧।୭ (ସମିସ):** ବାଲେଶ୍ୱର ସୌମ୍ୟାଶ୍ରୀ ଆତ୍ମାହୁତି, ନିମାପଡ଼ା ପୋଡ଼ି ଘଟଣା ତଥା ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଏବଂ ସରକାରଙ୍କ ନିରବତା ବିରୋଧରେ କଂଗ୍ରେସ ଦଳ ଆଦୌ ସାଲିସ୍ କରିବ ନାହିଁ। ମହିଳା ହିଂସା ପ୍ରସଙ୍ଗରେ କଂଗ୍ରେସ ଦଳ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରି ଆସୁଛି। ତେଣୁ ଏଫ୍ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଦଳ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ସୋମବାର ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି।

ରବିବାର ରାତିରେ ଛାତ୍ର କଂଗ୍ରେସ ସଭାପତିଙ୍କୁ ଏକ ଦୁଷ୍କର୍ମ ଅଭିଯୋଗରେ ଗିରଫ କରାଯିବା ପରେ କଂଗ୍ରେସର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିଥିଲା। ବିଶେଷ କରି ଦଳ ପକ୍ଷରୁ ନାରୀ ନ୍ୟାୟ ନାଁରେ ଜାରି ରହିଥିବା ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଜାରି ରହିବ ନାଁ ଏଥିରେ ଦଳ ବ୍ୟାକ୍‌ଫୁଟ୍‌କୁ ଚାଲିଯିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସରକାରୀ ବିଜେପିର ଛାତ୍ର ଓ ଯୁବ ସଂଗଠନ ମଧ୍ୟ କଂଗ୍ରେସ ଦଳକୁ ନୈତିକତାର ପାଠ ପଢ଼ାଇବା ଆରମ୍ଭ କରି ଦଳକୁ ଅଡୁଆ ସ୍ଥିତିରେ ଛିଡ଼ା କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସୋମବାର ପିସିସି ସଭାପତିଙ୍କ ସମେତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସମେତ ବହୁ ବରିଷ୍ଠ ନେତା କଂଗ୍ରେସ ଭବନରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭକ୍ତ ସରକାରଙ୍କୁ ଚେତାଇ ଦେଇଛନ୍ତି ଯେ ଯଦି ସେମାନେ କଂଗ୍ରେସ ଦଳକୁ ଦୁର୍ବଳ ବୋଲି ଚିନ୍ତା କରୁଛନ୍ତି ତେବେ ଏହା ମସ୍ତବଡ଼ ଭୁଲ। କଂଗ୍ରେସ ବିରୋଧରେ ଷଡ଼ଯନ୍ତ୍ରର ହୀନ ପ୍ରୟାସ କଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଇତ୍ୟାଦି ସମସ୍ତଙ୍କ କଥା ବାହାରିବ ଏବଂ ସେଥିପାଇଁ ସରକାର ପ୍ରସ୍ତୁତ ରହିବା କଥା। ସେ ଆହୁରି କହିଛନ୍ତି ଯେ ଏବିଭିପି ନିଜ ଛାତ୍ରୀନେତ୍ରୀଙ୍କୁ ସୁରକ୍ଷା ଦେଇ ପାରିଲା ନାହିଁ; କିନ୍ତୁ ଆମ ଦଳ ଛାତ୍ର ସଭାପତି ଗିରଫ ହେବାର ସାଙ୍ଗେ ସାଙ୍ଗେ ନିଲମ୍ବନ କରିଛି। ନାରୀ ପ୍ରତି ଅନ୍ୟାୟ କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଘୋଷଣା କରିବା ସହିତ ପ୍ରଦେଶ କଂଗ୍ରେସ ପକ୍ଷରୁ ମହିଳା ଉପସଭାପତି ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ୬ ଜଣିଆ କମିଟି ଗଠନ କରି ତୁରନ୍ତ ପୀଡ଼ିତାଙ୍କୁ ଭେଟି ସତ୍ୟାସତ୍ୟ ଜାଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ବାଲେଶ୍ୱର ପୀଡ଼ିତା, ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦି ସମସ୍ତଙ୍କୁ ନିବେଦନ କରିବା ସତ୍ତ୍ୱେ ସାହାଯ୍ୟ କରିବା ଦୂରେ ଥାଉ, କେହିବି କର୍ଣ୍ଣପାତ କରିନଥିଲେ। ପୁଲିସ କାହିଁକି ଏଫଆଇଆର ଗ୍ରହଣ କଲା ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେବାକୁ ପଡ଼ିବ ଏବଂ ଏହି ପ୍ରଶ୍ନ ଯୁଗ ଯୁଗ ପର୍ଯ୍ୟନ୍ତ ରହିବ ବୋଲି ଶ୍ରୀ ଦାସ କହିଛନ୍ତି।

**■ ଏଫ୍ଏମ୍ ଆତ୍ମାହୁତି ପ୍ରସଙ୍ଗରେ ଆନ୍ଦୋଳନ ଅବ୍ୟାହତ ରହିବ**
**■ ନିମାପଡ଼ା ଘଟଣାରେ ଅଭିଯୁକ୍ତ ଧରା ନ ପଡ଼ିବାରୁ ବର୍ଷିଲେ ଭକ୍ତ**





### ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା

# ଆର୍‌ଡିସି ଅଫିସ ଆଗରେ ଗର୍ଜିଲା ବିଜେଡି





**କଟକ, ୨୧ ।୭ (ସମିସ)**

ସମଗ୍ର ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ମହିଳାଙ୍କ ବିରୋଧରେ ଅପରାଧରେ ଅହେତୁକ ବୃଦ୍ଧିକୁ ବିରୋଧ କରିବା ସହିତ ଏଫ୍‌ଏମ କଲେଜ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଜି ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ କଟକ ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡିର ହଜାର ହଜାର କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। 'ମୋହନ ସରକାର ହଟାଅ' ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଦଳ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ସ୍ମାରକପତ୍ର ଆରଡିସିଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା।

ବିଜେଡି ତରଫରୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବା ସହିତ ନାରୀ, ଛାତ୍ରୀ ଓ ଶିଶୁଙ୍କ ବିରୋଧରେ ଅପରାଧ ବୃଦ୍ଧିପାଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସମଗ୍ର ରାଜ୍ୟକୁ ବ୍ୟଥିତ କରିଥିଲା ବେଳେ, ନ୍ୟାୟ ପାଇଁ ଦୀର୍ଘ ୬ ମାସ ଲଢ଼ିବା ପରେ ନ୍ୟାୟ ନପାଇ ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୂତି ଦେବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ଜା ଓ ନିନ୍ଦା ଆଣିଛି। ଏଫ୍‌ଏମ୍ କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗା ଠାରେ ପୁଣି ଜଣେ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟ ବିଦାରକ ଘଟଣା ଲୋକଲୋଚନକୁ ଆସିଛି। ଏହାଛଡା ଦୁଷ୍କର୍ମ, ଗଣଦୁଷ୍କର୍ମ ରାଜ୍ୟରେ ଏକ ନିତି ଦିନିଆ ଘଟଣା ପାଲଟିଛି। ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଏଫ୍‌ଏମ୍ କଲେଜରେ ଛାତ୍ରୀ ଜଣକ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଘର୍ଷ କରି ଆସୁଥିଲେ। ସେ କଲେଜ ଅଧ୍ୟକ୍ଷଙ୍କ ସମ୍ମୁଖରେ ତାଙ୍କ ଅଭିଯୋଗ ଜଣାଇବା ବ୍ୟତୀତ ସ୍ଥାନୀୟ ପୁଲିସ, ଏସ୍‌ପି, ବିଧାୟକ, ସାଂସଦ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥଲେ ମଧ୍ୟ କେହି ତାଙ୍କୁ ନ୍ୟାୟ ପ୍ରଦାନ କରିନଥିଲେ। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ, ଜଣେ ଉଚ୍ଚନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ପାଇଁ ବିଜୁ ଜନତା ଦଳ(ବିଜେଡି) ଦାବି କରୁଥିବା ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

### 'ମୋହନ ସରକାର ହଟାଅ' ନାରାରେ କମ୍ପିଲା ବିକ୍ଷୋଭସ୍ଥଳ

କଟକ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇବା ବେଳେ ଏଥିରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ସୁଦାମ ମାରାଣ୍ଡି, ଅତନୁ ସବ୍ୟସାଚୀ ନାୟକ, ଚିରଞ୍ଜୀବ ବିଶ୍ୱାଳ, ରାଜଶ୍ରୀ ମଲ୍ଲିକ, ପ୍ରଣବ ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, କଟକ ମେୟର ସୁବାସ ସିଂ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଜେଡି ନେତା ପ୍ରଫୁଲ୍ଲ ସିଂ, ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ସୌଭିକ ବିଶ୍ୱାଳ, ବିଜେଡି ନେତା ସୁଭାଶିଷ ଖୁଣ୍ଟିଆ, ସଞ୍ଜୀବ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଶାନ୍ତ ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ ମୁଦୁଲି, ଧ୍ରୁବ ସାହୁ, ସାରଦା ଜେନା, ରମାକାନ୍ତ ଭୋଇ, ରମେଶ ବେହେରା, ମଞ୍ଜୁଲତା ମଣ୍ଡଳ, ପ୍ରଫୁଲ୍ଲ ସାମଲ, ଅଂଶୁମାନ ମହାନ୍ତି, ସୁକାନ୍ତ ନାୟକ, ସ୍ୱରୂପ ଦାସ, ଲେଖାଶ୍ରୀ ସାମନ୍ତସିଂହାର, ଅଶୋକ ପଣ୍ଡା, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ରୁଦ୍ର ମହାରଥୀ, ତୁଷାରକାନ୍ତି ବେହେରା, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ସନ୍ତୋଷ ମହାପାତ୍ର, ସଞ୍ଜୀବ ପୃଷ୍ଟି, ଆସିଫ ଅମିନ, ରାଜେନ୍ଦ୍ର ଦାସ, ବାସନ୍ତୀ ହେମ୍ବ୍ରମ, ସାନନ୍ଦ ମାରାଣ୍ଡି, ରଞ୍ଜନ ବିଶ୍ୱାଳ ଓ ଶିଶିର ପରିଜା ପ୍ରମୁଖ ସାମିଲ ଥିଲେ।













### କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

## ୭ଟି ଅଭିଯୋଗର ତ୍ୱରିତ ସମାଧାନ



**କଟକ, ୨୧ ।୭ (ସମିସ):** କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ, କଟକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପ ଆରକ୍ଷୀ ଅଧୀକ୍ଷକ ସସ୍ମିତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଜିର ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୯ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରେ ୮୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ଗୋଟିଏ ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରାଣୀସମ୍ପଦ ଅଧିକାରୀ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ନିଯୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିଲେ।

## ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର ମୋହନ ପାଣିଙ୍କ ପରଲୋକ

**କଟକ, ୨୧ ।୭ (ସମିସ):** ବିଶିଷ୍ଟ ଶିକ୍ଷାବିତ୍ ତଥା ରାଧାନାଥ ଉଚ୍ଚତର ଶିକ୍ଷାନୁଧ୍ୟାନ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ମୋହନ ପାଣିଙ୍କ ପରଲୋକ ଘଟିଛି। ତାଙ୍କର ବିୟୋଗରେ ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି (ଏଆଇଏସଇସି) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ପ୍ରଫେସର ପାଣି ନିଜର ସରଳତା ତଥା ଶିକ୍ଷାର ବିକାଶରେ ଦୃଢ଼ ଓ ସଚ୍ଚୋଟ ବ୍ୟକ୍ତିତ୍ୱ ପାଇଁ ଶିକ୍ଷାବିତ ତଥା ଶିକ୍ଷାପ୍ରେମୀ ଜନସାଧାରଣଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ଶିକ୍ଷା କ୍ଷେତ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟାର ପ୍ରଚଳନ ପାଇଁ ସେ ସଦାସର୍ବଦା ଚେଷ୍ଟିତ ଥିଲେ। ସାରା ଭାରତ ଶିକ୍ଷା ବଞ୍ଚାଅ କମିଟିର ସର୍ବ ଭାରତୀୟ କମିଟିର ଅନ୍ୟତମ ଉପଦେଷ୍ଟା ଭାବେ ସେ ଦୀର୍ଘଦିନ ଧରି ବିଭିନ୍ନ ଶିକ୍ଷା ଆନ୍ଦୋଳନକୁ ପ୍ରୋତ୍ସାହିତ କରି ଆସୁଥିଲେ। ତାଙ୍କର ବିୟୋଗରେ ଶିକ୍ଷା ଆନ୍ଦୋଳନରେ ଏକ ଅପୂରଣୀୟ କ୍ଷତି ହେଲା ବୋଲି କମିଟିର କଟକ ଜିଲ୍ଲା ସଭାପତି ପ୍ରଫେସର ଅକ୍ଷୟ ଦାସ ଓ ସମ୍ପାଦକ ବବି ବଳବନ୍ତରାୟ ଏକ ଶୋକବାର୍ତ୍ତାରେ କହିଛନ୍ତି।



## ଏସ୍‌ସିବିରୁ ୨ ଦଲାଲ ଗିରଫ

### ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ କର୍ମଚାରୀ କରୁଥିଲେ ଦଲାଲି

**କଟକ, ୨୧ ।୭ (ସମିସ):** ଏସ୍‌ସିବି ମେଡିକାଲ୍‌ର ବିଭିନ୍ନ ୱାର୍ଡରେ ଚଢ଼ଉ କରାଯାଇ ଆଜି ୨ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟରତ ୨ କର୍ମଚାରୀ ହିଁ ଦଲାଲି କରୁଥିବା ଜଣାପଡ଼ିଥିଲା। ମଙ୍ଗଳାବାଗ ଥାନା ପୁଲିସ ଓ ମେଡିକାଲ୍‌ରେ ନିୟୋଜିତ ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ଚଢ଼ଉ କରି ଏହି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରାଯାଇଥିଲା। ଅଭିଯୁକ୍ତ ଦ୍ୱୟ ହେଲେ ରାଣୀହାଟ ଅଞ୍ଚଳର ପ୍ରସନ୍ନ ନାଏକ(୨୭) ଏବଂ ଜଗତପୁର ନିମସାହି ଅଞ୍ଚଳର ଅରୁଣ ନାଏକ(୨୪)। ବିଏନ୍‌ଏସ୍-୨୦୨୩ ର ଧାରା ୩୧୯(୨)/ ୩୧୮(୪)/୩୦୮(୨)/ ୩(୫) ଅନୁଯାୟୀ ଏକ ଫୌଜଦାରୀ ମାମଲା ପଞ୍ଜିକୃତ ହୋଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ ପରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତ ପ୍ରସନ୍ନ ଓ ଅରୁଣ ମେଡିସିନ୍ ୱାର୍ଡରେ ରୋଗୀ ଏବଂ ସେମାନଙ୍କ ପରିବାରଙ୍କୁ ଉତ୍ତମ ସେବା ପ୍ରଦାନ କରିବାର ମିଥ୍ୟା ବାହାନା କରି ସେମାନଙ୍କର ସମ୍ପୃକ୍ତ ଘରୋଇ କ୍ଲିନିକ୍ ଏବଂ ଡାଇଗ୍ନୋଷ୍ଟିକ୍ ସେଣ୍ଟରଗୁଡ଼ିକୁ ଯିବାକୁ ପ୍ରବର୍ତ୍ତାଉଥିଲେ। ଏସ୍‌ସିବିରେ ଭଲ ସେବା ମିଳୁନାହିଁ, ସେଠାରେ ଉତ୍ତମମାନର ସେବା ପ୍ରଦାନ କରାଯାଉଛି ବୋଲି କହୁଥିଲେ। ଏହି ଦଲାଲମାନେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଘରୋଇ ନର୍ସିଂହୋମ୍‌ରେ ଉତ୍ତମ ଚିକିତ୍ସାର ମିଥ୍ୟା ପ୍ରତିଶ୍ରୁତି ଦେଇ ଟଙ୍କା ଆଦାୟ କରୁଥିବା ଜଣାପଡ଼ିଥିଲା। ଏହା ପୁଲିସକୁ ଖବର ମିଳିବା ପରେ ଅଚାନକ ଚଢ଼ଉ କରାଯାଇ ମେଡିସିନ୍ ୱାର୍ଡରୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।




## ପରିବେଶ ଆଇନ ଉଲ୍ଲଂଘନ କରି ଚାଲିଛି ଗାଡ଼କଣ ଡମ୍ପୟାର୍ଡ

**କଟକ, ୨୧ ।୭ (ସମିସ):** ଭୁବନେଶ୍ୱର ସୈନିକ ସ୍କୁଲ ପ୍ରାଚୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗାଡ଼କଣ ଅଳିଆଗଦା ବା ଡମ୍ପୟାର୍ଡ ପରିବେଶ ମଞ୍ଜୁରୀ ବିନା ଚାଲି ଆସୁଥିବା ଅଭିଯୋଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ରାଜ୍ୟ ସରକାର, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଖୋର୍ଦ୍ଧା ଜିଲ୍ଲାପାଳ ଓ ଭୁବନେଶ୍ୱର ମହାନଗର ନିଗମକୁ ଜବାବ ତଲବ କରିଛନ୍ତି। ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ ପାଇଁ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଭୁବନେଶ୍ୱର ଉନ୍ନୟନ ପରିଷଦ ତରଫରୁ ଏହାର ସଭାପତି ବାସୁଦେବ ଭଟ୍ଟ ଦ୍ୱାରା ଆଗତ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଅଗଷ୍ଟ ୪ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିରଜା ମହାପାତ୍ର, ବିପ୍ଳବ ବାହାଲି ଓ ସୂର୍ଯ୍ୟ ମିଶ୍ର ମାମଲା ପରିଚାଳନା କରୁଛନ୍ତି। ଏହି ଅଳିଆଗଦା ଯୋଗୁଁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହେବା ସହିତ ଓ ଏହାର ଆଖପାଖରେ ରହୁଥିବା ବାସିନ୍ଦା ମାନଙ୍କର ସ୍ୱାସ୍ଥ୍ୟପ୍ରତି ଘୋର ବିପଦ ସୃଷ୍ଟି ହେଇଛି। ବାରମ୍ବାର ଆନ୍ଦୋଳନ ଓ ଦାବିପତ୍ରକୁ ଉଭୟ ପୌର କର୍ତ୍ତୃପକ୍ଷ ଓ ସରକାର ଅଣଦେଖା କରିଛନ୍ତି। ସରକାର ଅସ୍ଥାୟୀ ଆବର୍ଜନା ପରିଚାଳନା କେନ୍ଦ୍ର ନାମ ଦେଇ ବିଭିନ୍ନ ନିୟମ ଉଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏହି ଅଳିଆଗଦା ବନ୍ଦ ହେଲେ ସୈନିକ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ଓ କଲୋନୀରେ ଛାତ୍ର ଛାତ୍ରୀ ଓ ଲୋକମାନେ ଆଶ୍ୱସ୍ତି ଲାଭ କରିବେ ବୋଲି ଦର୍ଶାଯାଇଛି।

**ହାଇକୋର୍ଟଙ୍କ ଜବାବତଲବ**

## ଶ୍ରମିକଙ୍କୁ ହତ୍ୟା; ମୁଖ୍ୟ ଅଭିଯୁକ୍ତ ଗିରଫ, ୫ ଫେରାର୍

**କଟକ, ୨୧ ।୭ (ସମିସ)**

ସହରରେ ମଦ ପିଇବାକୁ କେନ୍ଦ୍ର କରି ଜଣେ ଶ୍ରମିକଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ପୁରୀଘାଟ ଥାନା ପୁଲିସ ତଦନ୍ତ ଚଳାଇ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ତେବେ ମୃତ ଶ୍ରମିକ ଜଣକ ହେଲେ ସାଆନ୍ତ ସାହିର ରବୀନ୍ଦ୍ର କୁମାର ସାହୁ(୪୭)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଜେରା କରାଯାଉଥିବା ବେଳେ ଅନ୍ୟ ୫ଜଣ ଅଭିଯୁକ୍ତ ଫେରାର ହୋଇଛନ୍ତି। ଘଟଣାସ୍ଥଳରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରାଯିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ବୟାନ୍ ଆଧାରରେ ତଦନ୍ତ କରାଯାଉଥିବା ଜଣାପଡ଼ିଛି।

ପୁଲିସ ସୂଚନା ଅନୁସାରେ, ସାଆନ୍ତ ସାହିର ରବୀନ୍ଦ୍ର ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ହରିପୁର ଅଞ୍ଚଳର ଶଙ୍କର ପ୍ରଧାନଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଥିଲା। ଉଭୟ ପ୍ରାୟ ସମୟ ଏକାଠି ମଦ୍ୟପାନ କରିଥାଆନ୍ତି। କିଛି ଦିନ ତଳେ ଶଙ୍କରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ଡାକ୍ତର ତାଙ୍କୁ ମଦ ପିଇବାକୁ ବାରଣ କରିଥିଲେ। ମାତ୍ର ରବୀନ୍ଦ୍ର ତାଙ୍କୁ ପ୍ରତ୍ୟେକ ଦିନ ଡାକି ନେଉଥିଲେ। ଏହାକୁ ନେଇ ଶଙ୍କରଙ୍କ ପୁଅ ବିରକ୍ତ ହେବା ସହିତ ରବୀନ୍ଦ୍ରଙ୍କୁ ବାରଣ କରୁଥିଲେ। ହେଲେ ପୂର୍ବଭଳି ଗତ ରବିବାର ଅପରାହ୍ନରେ ଦୁହେଁ ଏକାଠି ମଦ ପିଇବାକୁ ଯାଇଥିଲେ। ଏହି କଥା ଜାଣିବା ପରେ ଶଙ୍କରଙ୍କ ପୁଅ ସୁରଜ ପ୍ରଧାନ(୨୮) କ୍ରୋଧାନ୍ୱିତ ହୋଇପଡ଼ିଥିଲେ। ରାତିରେ ସୁରଜ୍ କିଛି ସାଙ୍ଗଙ୍କୁ ଧରି ରବୀନ୍ଦ୍ରଙ୍କ ଘରେ ପହଞ୍ଚିଥିଲେ। ସେଠାରେ ବାପାଙ୍କୁ କାହିଁକି ସବୁବେଳେ ମଦ ପିଇବାକୁ ଡାକି ନେଉଛ ବୋଲି କହି ଜୋରଦାର ପାଟିତୁଣ୍ଡ କରିଥିଲେ। ଏହି ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ରବୀନ୍ଦ୍ର ଆସି ତା' ସହ ଯୁକ୍ତିତର୍କ କରିଥିଲେ। ବଚସା ବଢ଼ିବାରୁ ସୁରଜ୍ ଉତକ୍ଷିପ୍ତ ହୋଇ ସାଙ୍ଗମାନଙ୍କ ସହ ମିଶି ରବୀନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଘର ପାଖ କେନାଲ କଡ ରାସ୍ତାକୁ ଘୋଷାଡି ଆଣି ନିସ୍ତୁକ ମାଡ ମାରିଥିଲେ। ପରିବାର ଲୋକେ ବି ଉଦ୍ଧାର କରିବାକୁ ଆସି ଆକ୍ରମଣର ଶିକାର ହୋଇଥିଲେ। ପ୍ରାୟ ଅଧ ଘଣ୍ଟା ଧରି ଏଭଳି ମାରଧର୍ ଚାଲିଥିଲା। ଏହାପରେ ସାହି ପଡୋଶୀଙ୍କ ହସ୍ତକ୍ଷେପ ପରେ ଝଗଡ଼ା ଥମିଥିଲା। ସେତେବେଳକୁ ରବୀନ୍ଦ୍ର ପ୍ରଚୁର ନିଶାରେ ଥିବାରୁ ମେଡିକାଲ ଯିବାକୁ ମନା କରିଥିଲେ। ତେବେ ଆଜି ସକାଳୁ ହଠାତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯାଇଥିଲା। ପରିବାର ଲୋକେ ତାଙ୍କୁ ନେଇ ଏସ୍‌ସିବି ମେଡିକାଲ ଯାଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ମଦ ପିଇବାକୁ କେନ୍ଦ୍ରକରି ଘଟିଛି ହତ୍ୟାକାଣ୍ଡ

### ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତ ଗିରଫ ହେବେ: ଡିସିପି

ଘଟଣା ସମ୍ପର୍କରେ ପୁରୀଘାଟ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ମୃତକଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ରାତିରେ ଚଢଉ କରି ମୁଖ୍ୟ ଅଭିଯୁକ୍ତ ସୁରଜକୁ କାବୁ କରିଛନ୍ତି। ଶଙ୍କର ଏକ ଅଟୋ ଚଳାଉଥିବା ଜଣାପଡ଼ିଛି। ସୁରଜ ଠାରୁ ସହଯୋଗୀଙ୍କ ତଥ୍ୟ ଯୋଗାଡ କରି ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରୁଛି। ଘଟଣା ସମ୍ପର୍କରେ ଡିସିପି ଖିଲାରୀ ରିଶିକେଶ ଦ୍ୟାନଦେଓଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସ ଘଟଣା ସମ୍ପର୍କରେ ଜାଣିବା ପରେ ତୁରନ୍ତ ଏସସିବି ମେଡିକାଲରେ ପହଞ୍ଚି ଶବକୁ ଜବତ କରିଥିଲା। ଅନ୍ୟପଟେ ଏକ ଟିମ୍ ଗଠନ କରାଯାଇ ପୁରୀଘାଟ ଥାନା ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯାଇଥିଲା। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତକୁ ଧରାଯାଇ ପଚରାଉଚରା କରାଯାଉଛି। ଖୁବ୍‌ଶୀଘ୍ର ଘଟଣାର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ ହେବ ବୋଲି ଡିସିପି ଦ୍ୟାନଦେଓ ସୂଚନା ଦେଇଛନ୍ତି।

## ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**କଟକ, ୨୧ ।୭ (ସମିସ):** ପୁରୀଘାଟ ଥାନା ନିକଟସ୍ଥ ଏକ ବେସରକାରୀ ହସ୍ପିଟାଲରେ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ରୋଗୀ ସମ୍ପର୍କୀୟ ଓ ହସ୍ପିଟାଲ କର୍ମଚାରୀ ମୁହାଁମୁହିଁ ହୋଇଥିଲେ। ସମ୍ପୃକ୍ତ ରୋଗୀଙ୍କୁ ରବିବାର ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ବିଷୟ ହସ୍ପିଟାଲ କର୍ତ୍ତୃପକ୍ଷ ଜଣାଇବା ପରେ ମୃତକଙ୍କ ସମ୍ପର୍କୀୟମାନେ ଧୈର୍ଯ୍ୟହରା ହୋଇପଡ଼ିଥିଲେ। ଚିକିତ୍ସା ଅବହେଳାକୁ ଦାୟୀ କରି ସେମାନେ ହସ୍ପିଟାଲ ଭିତରେ ହୋହଲ୍ଲା କରିଥିଲେ। ହସ୍ପିଟାଲ କର୍ମଚାରୀ ଯେତେ ବୁଝାଇକଲେ ମଧ୍ୟ ସେମାନେ କାହାରି କଥା ଶୁଣିନଥିଲେ। ଉତ୍ତେଜନା ସମ୍ପର୍କରେ ସୂଚନା ପାଇ ପୁରୀଘାଟ ପୁଲିସ ପିସିଆର ହସ୍ପିଟାଲକୁ ଯାଇ ସ୍ଥିତି ନିୟନ୍ତ୍ରଣ କରିଥିଲା। ପରେ ମୃତକଙ୍କ ପରିବାର ସଦସ୍ୟ ଶବ ଧରି ଫେରିଯାଇଥିବା ଜଣାପଡ଼ିଛି। ଘଟଣା ନେଇ କୌଣସି ଅଭିଯୋଗ ହୋଇନଥିବା ପୁରୀଘାଟ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

■ ଜଙ୍ଗଲ ବାବୁଙ୍କ ଜମି ଲୋଭ

# ଚଢ଼ଉର ଦ୍ୱିତୀୟ ଦିନରେ ମିଳିଲା ୮.୫ଲକ୍ଷ ଟଙ୍କା

ଭୁବନେଶ୍ୱର/କେନ୍ଦୁଝର,୨୧।୭(ସମିସ): କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫଓ ନିତ୍ୟାନନ୍ଦ ନାୟକଙ୍କ ଜମି ଲୋଭ ଘଟଣାକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା। ସେ ଯେଉଁଠିକି ଚାକିରି କରିବାକୁ ଯାଇଛନ୍ତି,

■ ସରକାରଙ୍କୁ ଦେଉଥିବା ସମ୍ପତ୍ତି ତାଲିକାରେ ଦର୍ଶାଇଥିଲେ ୧୨ଟି ପ୍ଲଟ୍
■ ୯ଟି ବ୍ୟାଙ୍କ୍ ଆକାଉଣ୍ଟରେ ୫୦ଲକ୍ଷ ଠାବ
■ ଏକାଧିକ ପ୍ଲଟର ଦସ୍ତାବିଜ୍, ବନ୍ଧୁକ ଜବତ



ସେଠାରେ ଜମି କିଣିଛନ୍ତି। ଗତକାଲି ବାବୁଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରି ତାଙ୍କ ପତ୍ନୀ, ପୁଅଝିଅ ଓ ନିଜ ନାଜରେ ଥିବା ୧୧୫ଟି ପ୍ଲଟ୍ ସହ ବିପୁଳ ସମ୍ପତ୍ତି ଠାବ କରିଥିଲା। ଆଜି ଦ୍ୱିତୀୟ ଦିନରେ ଭିଜିଲାନ୍ସ ବିଭାଗ କେଉଁଝର ଫରେଷ୍ଟ କଲୋନୀରେ ଥିବା ସରକାରୀ କ୍ୱାର୍ଟର୍ସ ଛାନ୍‌ଭିନ କରିବା ପରେ ସେଥିରୁ ୮.୫ଲକ୍ଷ ନଗଦ ଟଙ୍କା ମିଳିଛି। ପୂର୍ବରୁ ତାଙ୍କ ଘରୁ୧.୫୫ଲକ୍ଷ ମିଳିଥିଲା। ଏହିଭଳି ତାଙ୍କଠାରୁ ବର୍ତ୍ତମାନ ସୁଦ୍ଧା ୧୦ଲକ୍ଷ ଟଙ୍କା ଜବତ କରାଗଲାଣି। ନିତ୍ୟାନନ୍ଦ ସରକାରଙ୍କୁ ମଧ୍ୟ ଚୂନ ଲଗାଉଥିବା ପ୍ରମାଣ ମିଳିଛି। ସରକାରଙ୍କୁ ପ୍ରତିବର୍ଷ ଦେଉଥିବା ସମ୍ପତ୍ତି ତାଲିକାରେ ଭୁଲ୍ ତଥ୍ୟ ଦେଉଥିଲେ। ତାଙ୍କର ୧୧୫ଟି ପ୍ଲଟ୍ ଥିବା ବେଳେ ସେ ସରକାରଙ୍କୁ ଦେଉଥିବା ସମ୍ପତ୍ତି ତାଲିକାରେ ୧୨ଟି ପ୍ଲଟ୍ ଦେଖାଉଥିଲେ। କେଉଁଝର ସରକାରୀ କ୍ୱାର୍ଟର୍ସରେ ଚଢ଼ଉ ସମୟରେ ଗୋଟିଏ ବନ୍ଧୁକ, ଏକାଧିକ ଜମି ପଟ୍ଟା, ଏବଂ ବିପୁଳ ପରିମାଣର ବ୍ୟାଙ୍କ୍ ପାସ୍‌ବୁକ ଜବତ କରାଯାଇଛି। ଭିଜିଲାନ୍ସ ଏହି ସବୁ ପାସ୍‌ବୁକ୍ ଏବଂ ବ୍ୟାଙ୍କ ଇନ୍ସୁରାନ୍ସକୁ ଯାଞ୍ଚ କରୁଛି। ଭିଜିଲାନ୍ସକୁ ମିଳିଥିବା ନିତ୍ୟାନନ୍ଦଙ୍କ ୯ଟି ବ୍ୟାଙ୍କ୍ ଆକାଉଣ୍ଟରେ ୫୦ ଲକ୍ଷ ରହିଥିବା ଜଣାପଡ଼ିଛି। ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ମଧ୍ୟ ଭିଜିଲାନ୍ସ ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଲକ୍‌ର ଯାଞ୍ଚ କରୁଛି। ଗତକାଲି ଡିଏଫ୍‌ଓ ନିତ୍ୟାନନ୍ଦଙ୍କ ପୈତୃକ ବାସଭବନ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇଥିଲା।

ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ ଘଟଣା

# ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ବିକ୍ଷୋଭ

କଟକ,୨୧।୭(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଶେଷ ମୁହୂର୍ତ୍ତରେ ବାତିଲ ହେବା ଘଟଣାରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ଆଜି କଟକସ୍ଥିତ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ବିଧାୟକ ବ୍ୟୋମକେଶ ରାୟ ଓ ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ବହୁସଂଖ୍ୟାରେ କର୍ମୀ ଯୋଗଦେଇ ରାଜ୍ୟ ବିଜେପି ସରକାରକୁ ସମାଲୋଚନା କରିଥିଲେ।

ସେମାନେ ଅଭିଯୋଗ କରିଥିଲେ ଯେ ରାଜ୍ୟ ବିଜେପି ସରକାର ବିଭିନ୍ନ ନିଯୁକ୍ତି ଓ ଅନ୍ୟାନ୍ୟ ପରୀକ୍ଷାକୁ ତ୍ରୁଟିଶୂନ୍ୟ ଭାବେ ଆୟୋଜନ କରିବାରେ ସଂପୂର୍ଣ୍ଣ ବିଫଳ। ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷାର ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ଘୁଞ୍ଚାଇ ଦିଆଯାଇଥିଲା। ପ୍ରଶ୍ନପତ୍ର ପ୍ରଘଟ ନୁହେଁ, ବରଂ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି। ଏହା ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିପାଇଁ ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇପଡ଼ିଛନ୍ତି।



■ ତ୍ରୁଟିଶୂନ୍ୟ ପରୀକ୍ଷା କରିବାରେ ରାଜ୍ୟ ସରକାର ବିଫଳ
■ ପ୍ରଶ୍ନପତ୍ର ପ୍ରଘଟ ନୁହଁ, ବିକ୍ରି କରାଯାଇଛି
■ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଖାଲି ଏହି ପରୀକ୍ଷା ନୁହେଁ, ଗତ ବର୍ଷକ ମଧ୍ୟରେ ବିଜେପି ଶାସନରେ ଏଭଳି ଅନେକ ପରୀକ୍ଷା ବାତିଲ ହୋଇଛି। ଏହି ସମୟ ଭିତରେ ବିଭିନ୍ନ କାରଣରୁ ପ୍ରାୟ ୧୨ଟି ପରୀକ୍ଷା ଘୁଞ୍ଚାଯାଇଛି। କେଉଁଠି ପ୍ରଶ୍ନପତ୍ର ପ୍ରଘଟ ହେଉଛି ତ କେଉଁଠି ଭୁଲ୍ ପ୍ରଶ୍ନପତ୍ର ବଣ୍ଟନ ଯୋଗୁଁ ପରୀକ୍ଷା ଘୁଞ୍ଚାଯାଇଛି। ଓପିଏସ୍‌ସି, ଓଏସ୍‌ଏସ୍‌ସି, ଏସ୍‌ଏସ୍‌ବି ମାଧ୍ୟମରେ ହେଉଥିବା ପରୀକ୍ଷାଗୁଡ଼ିକ ବିଭିନ୍ନ କାରଣରୁ ବାତିଲ କରାଯାଇଛି। ଏହାଛଡ଼ା ଆରଆଇ ଓ ଅମିନ ପରୀକ୍ଷାରେ ମଧ୍ୟ ସମାନ ତ୍ରୁଟିଥିବାରୁ ବାତିଲ କରାଯାଇଥିଲା।

ଏଭଳି ପ୍ରଶ୍ନପତ୍ର ପ୍ରଘଟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ଓଡ଼ିଶା ପବ୍ଲିକ ସର୍ଭିସ ପରୀକ୍ଷା ବିଲ୍ ୨୦୨୪ରେ କରାଯାଇଛି। ଅଭିଯୁକ୍ତଙ୍କୁ ଜେଲଦଣ୍ଡ ସହ ୧କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। କିନ୍ତୁ, ଆଜି ପର୍ଯ୍ୟନ୍ତ କେହି ଦଣ୍ଡିତ ହୋଇନାହାନ୍ତି। ଏହି ଆଇନକୁ କାର୍ଯ୍ୟକାରୀ କରିବାବଦଳରେ ସରକାର ଦୋଷୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ବୋଲି ନେତାମାନେ ଅଭିଯୋଗ କରିଥିଲେ।

ବିକ୍ଷୋଭରେ ଚାନ୍ଦବାଲି ବିଧାୟକ ତଥା ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ, ବାଙ୍କୀ ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ଏଲିନା ଦାସ, ସ୍ମୃତି ରଞ୍ଜନ ନାୟକ, ଶୁଭ୍ରାଂଶୁ ମିଶ୍ର, ସନ୍ତୋଷ ମହାପାତ୍ର, ସଞ୍ଜୟ ପଟ୍ଟନାୟକ, ସଞ୍ଜୀବ ପୃଷ୍ଟି ଓ ପରମିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାକୁ ଦୁଷ୍କର୍ମ କରି ରାସ୍ତାକଡ଼ରେ ଛାଡ଼ିଦେଲା

ମାଲକାନଗିରି,୨୧।୭(ସମିସ): ମାଲକାନଗିରି ଜିଲ୍ଲାରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଏନେଇ ନାବାଳିକାର ପରିବାରଲୋକ ମାଲକାନଗିରି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ସାଙ୍ଗର ଜନ୍ମଦିନ ପାଳନ ପାଇଁ ନାବାଳିକାଜଣଙ୍କ ସାଙ୍ଗ ଘରକୁ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତି ଯାଏଁ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ସେମାନେ ବହୁ ଖୋଜାଖୋଜି କରିଥିଲେ ହେଁ ଝିଅର ପତ୍ତା ପାଇନଥିଲେ। ତେବେ, ବିଳମ୍ବିତ ରାତିରେ ଜିଲ୍ଲା ସଦରରୁ ଜୟପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ବିଜାଘାଟିଠାରେ ଉକ୍ତ ନାବାଳିକାଙ୍କୁ ସନ୍ଦେହଜନକ ଅବସ୍ଥାରେ ଦେଖି କିଛି ସ୍ଥାନୀୟ ଲୋକ ମାଲକାନଗିରି ପୁଲିସକୁ ଖବର ଦେଇଥିଲେ। ପୁଲିସ ସେଠାରେ ପହଞ୍ଚି ଉକ୍ତ ନାବାଳିକାକୁ ଉଦ୍ଧାର କରିବା ସହ ଶକ୍ତିସଦନ ଗୃହରେ ରଖାଇଥିଲା। ଆଜି ନାବାଳିକାର ମା' ଶକ୍ତିସଦନରେ ପହଞ୍ଚି ସବୁ କଥା ଶୁଣିବା ପରେ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ୍ ନମ୍ବର ୩୬୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଜଣେ ଟ୍ରକ୍ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି। ଏହାସହ ନାବାଳିକାର ଡାକ୍ତରୀ ପରୀକ୍ଷା ମଧ୍ୟ କରାଇଛି।

ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

# କଲେଜ ଅଧ୍ୟକ୍ଷ ଓ ଅଧ୍ୟାପକ ନିଲମ୍ବିତ

ରଘୁନାଥପୁର, ୨୧।୭(ସମିସ): ଛାତ୍ରୀ ନିର୍ଯାତନା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଓ ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତିଙ୍କୁ ସୋମବାର ନିଲମ୍ବନ କରାଯାଇଛି। ଜିଲ୍ଲାପାଳଙ୍କ ଜରିଆରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପକ୍ଷରୁ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

ସୂଚନା ମୁତାବକ, ଗତ ଜାନୁଆରୀ ୧୫ ତାରିଖରେ କଲେଜର ଜଣେ ଛାତ୍ରୀ ଗଣିତ ଅଧ୍ୟାପକ ଶ୍ରୀ ମହାନ୍ତିଙ୍କ ବିରୁଦ୍ଧରେ ଅସଦାଚରଣ ନେଇ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀ ସାହୁ ତୁରନ୍ତ ଏକ କମିଟି ଗଠନ କରି ସମ୍ପୃକ୍ତ ଅଧ୍ୟାପକ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ୍ ମାଗିଥିଲେ। କମିଟି ମଧ୍ୟ ଏ ସମ୍ପର୍କରେ ତଦନ୍ତ କରି ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏପ୍ରିଲ ୨ ତାରିଖରେ ଛାତ୍ରୀଜଣଙ୍କ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ। ସେଥିରେ ଅଧ୍ୟାପକ ଶ୍ରୀ ମହାନ୍ତି ତାଙ୍କର ଭୁଲ ବୁଝି ପାରି କ୍ଷମା ପ୍ରାର୍ଥନା କରିଥିବା ଓ ଆପୋଷ ସମାଧାନ ହୋଇଥିବା ସମ୍ପର୍କରେ ଦର୍ଶାଇଥିଲେ। ଏଣୁ ଉକ୍ତ ଅଭିଯୋଗକୁ ଆଉ ଆଗକୁ ନନେଇ ପରିସମାପ୍ତି କରିବା ପାଇଁ ଛାତ୍ରୀଜଣଙ୍କ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ।

ଅପରପକ୍ଷେ, କିଛି ଦିନ ତଳେ, ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଏନେଇ ଅଭିଯୋଗ ହୋଇଥିଲା। ଗତ ୧୯/୭/୨୦୨୫ରେ ଜିଲ୍ଲାପାଳଙ୍କ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ସାହୁଙ୍କୁ ୩ଦିନ ମଧ୍ୟରେ ଘଟଣା ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ରିପୋର୍ଟ ସନ୍ତୋଷଜନକ ନଥିବାରୁ ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଅନ୍ୟପକ୍ଷରେ ଛାତ୍ରୀଙ୍କ ବାପାଙ୍କ ପକ୍ଷରୁ ସୋମବାର କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଦରଖାସ୍ତ ଦିଆଯାଇଛି। ସେଥିରେ ସେ ତାଙ୍କ ଜ୍ଞାତସାରରେ ସମାଧାନ ତଥା ପରିସମାପ୍ତି ହୋଇଥିବା ଉକ୍ତ ବିଷୟକୁ ଗଣମାଧ୍ୟମରେ ଅଧିକ ଚର୍ଚ୍ଚିତ ନ କରିବା ପାଇଁ ଅନୁରୋଧ କରିଛନ୍ତି। ଏହାକୁ ସହ୍ୟ କରି ନପାରି ଝିଅ ଯଦି କିଛି ଅଘଟଣ କରି ବସେ, ତେବେ ଏଥିପାଇଁ କିଏ ଦାୟୀ ରହିବ? ସମ୍ପୃକ୍ତ ଗଣମାଧ୍ୟମ ନା କଲେଜ କର୍ତ୍ତୃପକ୍ଷ ନା ସରକାର ବୋଲି ଛାତ୍ରୀଙ୍କ ବାପା ପ୍ରଶ୍ନ କରିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ, ଦୁଇ ଶିକ୍ଷକ ଅଟକ

ଜଳେଶ୍ୱର ବ୍ଲକ୍, ୨୧।୭ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚାମାରଗାଁସ୍ଥିତ ପୃଥୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ରାଇବଣିଆ ପୁଲିସ୍ ସ୍କୁଲର ପ୍ରଧାନଶିକ୍ଷକ ଓ ଗଣିତ ଶିକ୍ଷକଙ୍କୁ ପୁଲିସ ଥାନାରେ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଗଣିତ ଶିକ୍ଷକ କୈଳାସ ଚନ୍ଦ୍ର ବେଜ ଦୀର୍ଘ ଦିନ ଧରି ସମ୍ପୃକ୍ତା ଛାତ୍ରୀଙ୍କୁ ଅସଦାଚରଣ କରି ଆସୁଥିଲେ। ଏ ସଂପର୍କରେ ଘରେ ଜଣାଇଲେ ଫେଲ୍ କରିଦେବାର ଧମକ ଦେଉଥିଲେ। ତେବେ ଛାତ୍ରୀଜଣଙ୍କ ସାହସ ଜୁଟାଇ ଏ ସଂପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ରବିବାର ସନ୍ଧ୍ୟାରେ ଛାତ୍ରୀ ଓ ତାଙ୍କ ବାପା-ମା' ରାଇବଣିଆ ଥାନାରେ ପହଞ୍ଚି ଘଟଣା ବାବଦରେ ଲିଖିତ ଅଭିଯୋଗ କରିଥିଲେ। ପରେ ରାଇବଣିଆ ପୁଲିସ ପ୍ରଧାନ ଶିକ୍ଷକ ଓ ଗଣିତ ଶିକ୍ଷକଙ୍କୁ ଥାନାକୁ ଉଠାଇ ଆଣିଥିଲା। ସୋମବାର ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଡିଏସ୍‌ପି ନିର୍ମଳା ଗୋଚ୍ଛାୟତ, ଏସ୍‌ଡିପିଓ ସୁବ୍ରତ ବେହେରା, ଏଡିଇଓ ପୂର୍ଣ୍ଣିମା ମହାପାତ୍ର, ବିଇଓ ଜଗବନ୍ଧୁ ଜେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ରାଉତ ବିଦ୍ୟାଳୟରେ ପହଞ୍ଚି ପୀଡ଼ିତ ଛାତ୍ରୀ ଓ ଅଭିଭାବକଙ୍କୁ ଭେଟି ପଚରାଉଚରା କରିଥିଲେ। ଖବର ଲେଖାହେବା ବେଳକୁ ଦୁଇ ଶିକ୍ଷକ ଥାନାରେ ଅଟକ ରହିଛନ୍ତି।

■ ଝିଅର ପ୍ରେମବିବାହକୁ ପରିବାରଲୋକଙ୍କ ବିରୋଧ

# ପୁଅର ମା'ଙ୍କୁ ଘରୁ ଉଠାଇନେଲେ

ମାଲକାନଗିରି, ୨୧।୭(ସମିସ): ପ୍ରେମ ବିବାହରୁ ତୁମୁଳକାଣ୍ଡ। ପରିବାରଲୋକଙ୍କ ବିନା ସହମତିରେ ବିବାହ କରିଥିବା ଝିଅର ପରିବାରଲୋକ ପୁଅ ମା'କୁ ଅପହରଣ କରିନେବା ଭଳି ଏକ ଘଟଣା ମାଲକାନଗିରି ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି-୪୮ ଗ୍ରାମରେ ଏହି ଘଟଣା ଘଟିଛି। ସୂଚନା ମୁତାବକ, ଏମ୍‌ଭି-୪୮ ଗ୍ରାମର ଚମ୍ପା ସରକାରଙ୍କ ପୁଅ ପୁଦ୍ରିକ ସରକାର ପଡ଼ୋଶୀ ଛତିଶଗଡ଼, ସୁକୁମା ଜିଲ୍ଲାର ଗୌଡ଼ ସରଦାରଙ୍କ ଝିଅ ଜ୍ୟୋତିମାଳାଙ୍କୁ ଭଲ ପାଉଥିଲେ। ଦୀର୍ଘ ଦିନ ଧରି ଦୁହିଁଙ୍କ ସଂପର୍କ ଥିଲା। କିଛି ଦିନ ତଳେ ପରିବାରଲୋକଙ୍କ ଅଗୋଚରରେ ଦୁହେଁ ବିବାହ କରିନେଇଥିଲେ। ପୁଦ୍ରିକଙ୍କ ଘରଲୋକେ ଜ୍ୟୋତିଙ୍କୁ ବୋହୂ ରୂପରେ ଗ୍ରହଣ କରିଥିଲେ। କିନ୍ତୁ ଜ୍ୟୋତିମାଳାଙ୍କ ପରିବାରଲୋକ ଏହି ବିବାହକୁ ସ୍ୱୀକୃତି ଦେଇନଥିଲେ। ଝିଅକୁ ଘରକୁ ଫେରାଇ ଆଣିବା ଲାଗି ସେମାନେ ଏମ୍‌ଭି-୪୮ ଗ୍ରାମକୁ ଯାଇଥିଲେ। କିନ୍ତୁ ସେଠାରେ ଝିଅ-ଜ୍ୱାଇଁଙ୍କୁ ନ ପାଇବାରୁ ପୁଅର ମା'ଙ୍କୁ ଅପହରଣ କରିନେଇଥିଲେ। ତେବେ, ଏହି ଘଟଣାରେ ସାମିଲ ଥିବା ଝିଅର ଜଣେ ସମ୍ପର୍କୀୟଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବର ପାଇ ମାଲକାନଗିରି ପୁଲିସ୍ ଗ୍ରାମରେ ପହଞ୍ଚି ଉକ୍ତ ସଂପର୍କୀୟଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତେବେ, ରିପୋର୍ଟ ଲେଖାହେବା ବେଳକୁ ଅପହୃତ ଚମ୍ପା ଘରକୁ ଫେରି ଆସିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

# ଗିରଫ ଉଦିତ ପ୍ରଧାନ ଛାତ୍ର କଂଗ୍ରେସରୁ ନିଲମ୍ବିତ

ଭୁବନେଶ୍ୱର,୨୧।୭(ସମିସ): ଦୁଷ୍କର୍ମ ଅଭିଯୋଗ ଆସିବା ପରେ ଛାତ୍ର କଂଗ୍ରେସ ସଭାପତି ପଦରୁ ଉଦିତ୍ ପ୍ରଧାନଙ୍କୁ ଦଳ ଓ ସଙ୍ଗଠନରୁ ନିଲମ୍ବିତ କରିଛନ୍ତି ଏନ୍‌ଏସ୍‌ୟୁଆଇ ଜାତୀୟ ସଭାପତି ବରୁଣ ଚୌଧୁରୀ। ଜାତୀୟ ଛାତ୍ରକଂଗ୍ରେସ ପକ୍ଷରୁ ଏ ସଂକ୍ରାନ୍ତରେ ଏକ

ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା ପିସିସି

ବିବୃତି ଜାରି କରାଯାଇଛି। ବୈଷମ୍ୟତା କ୍ଷେତ୍ରରେ ଏନ୍‌ଏସ୍‌ୟୁଆଇ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରେ; ତେଣୁ ଉଦିତ୍‌ଙ୍କୁ ତାଙ୍କ ପଦରୁ ନିଲମ୍ବିତ କରାଯିବା ସହ ଏହି ଘଟଣାରେ ତଦନ୍ତ କରାଯିବ। ଏହାସହିତ ଆଗକୁ ମଧ୍ୟ ବାଲେଶ୍ୱର ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଜାରିରହିଥିବା ଲଢ଼େଇ ବଳବତ୍ତର ରହିବ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ଓଡ଼ିଶା ପ୍ରଦେଶ କମିଟି ଗୁରୁତ୍ୱର ସହ ଗ୍ରହଣ କରିଛି। ଘଟଣାର ଅନୁଧ୍ୟାନ କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଏକ ୬ ଜଣିଆ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି ୬ ଜଣିଆ ଦଳରେ ପିସିସି ଉପ ସଭାପତି ସସ୍ମିତା ବେହେରା ଅଧ୍ୟକ୍ଷ ରହିଛନ୍ତି। ତାଙ୍କ ବ୍ୟତୀତ ବିଧାୟିକା ସୋଫିଆ ଫିର୍ଦୋସ, ଡା. ଦେବସ୍ମିତା ଶର୍ମା,



ସୋନାଲି ସାହୁ, ଜୟଶ୍ରୀ ପାତ୍ର, ଡଃ ମନୀଷା ଦାସ ପଟ୍ଟନାୟକ ପ୍ରମୁଖ ସଦସ୍ୟା ଅଛନ୍ତି। ଏହି କମିଟି ଅଭିଯୋଗକାରିଣୀଙ୍କୁ ଭେଟି ତାଙ୍କ ସହ ଆଲୋଚନା କରିବା ପରେ ଏକ ରିପୋର୍ଟ ପ୍ରସ୍ତୁତ କରିବ ଓ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦାନ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

ଇତିମଧ୍ୟରେ କମିଟିର ସଦସ୍ୟାମାନେ ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତା ଅଭିଯୋଗ କରିଥିବା ମଞ୍ଚେଶ୍ୱର ଥାନା ସମେତ ବିଭିନ୍ନ ସ୍ଥାନକୁ ଯାଇ ଏହି କମିଟି ତଥ୍ୟ ଅନୁଧ୍ୟାନ କରୁଛି। ସୋନାଲି ସାହୁ କହିଛନ୍ତି ଯେ ଦଳ ମହିଳା ବରୋଧୀ ଘଟଣା ଉପରେ ଜିରୋ ଟଲରାନ୍ସ ନୀତି ଆପଣେଇଛି। ଉଦିତଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ତେବେ ଘଟଣା ୪ ମାସ ତଳେ ଘଟିଥିବା କୁହାଯାଉଛି, ତେଣୁ ବର୍ତ୍ତମାନ ଏ ସଂକ୍ରାନ୍ତରେ ଏତଲା ସନ୍ଦେହ ସୃଷ୍ଟି କରିଛି। ଏବିଭିପିର ମୃତ ଛାତ୍ରୀଙ୍କ ପାଇଁ ଆମେ ଯେଉଁ ପଦକ୍ଷେପ ନେଇଥିଲୁ ଏଠି ମଧ୍ୟ ସମାନ ପଦକ୍ଷେପ ନେବୁ । ଝିଅ ଏବଂ ମହିଳାଙ୍କ କ୍ଷେତ୍ରରେ ଅବହେଳାର ପ୍ରଶ୍ନ ଉଠୁନାହିଁ। ସେ ଦଳ ହେଉ କି ଦଳ ବାହାରେ ହେଉ ଆମେ ସବୁବେଳେ ଝିଅ-ମହିଳାଙ୍କ ସପକ୍ଷରେ ରହିଛୁ। ତେବେ ସାଧାରଣତଃ ଏଫ୍‌ଆଇଆର୍ କପିରେ ଅଭିଯୋଗକାରୀଙ୍କ ଠିକଣା ରୁହେ। ହେଲେ ଉଦିତ ପ୍ରଧାନଙ୍କ ଏଫ୍‌ଆଇଆର୍ କପିରେ ଝିଅର କୌଣସି ଠିକଣା ନାହିଁ; ଯାହା ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରୁଛି। ରାଜନୈତିକ ଦଳ ଭାବେ ଝିଅକୁ ଭେଟିବା ଆମର ଉତ୍ତର ଦାୟିତ୍ୱ ରହିଛି। ବାସ୍ତବରେ ଝିଅ ସାଙ୍ଗରେ କଣ ହେଇଛି ଜାଣିବା ପାଇଁ ଥାନାକୁ ଯାଇ ଆମେ ବୁଝିବୁ। ରାଜନୈତିକ ଅଭିସନ୍ଧି ରଖି ଏହା କରାଯାଇଛି କି ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହେଲେ ବି ନୈତିକତା ଦୃଷ୍ଟିରୁ ଆକ୍ସନ ହୋଇଛି। କମିଟି ତା କାମ ସରିବା ପରେ ମତ ରଖିବ ବୋଲି ସୋନାଲି ସାହୁ କହିଛନ୍ତି।

# ଭାଇରାଲ ଭିଡିଓ ପଛରେ କେଉଁ ପୁଲିସ

ଭୁବନେଶ୍ୱର,୨୧।୭(ସମିସ): ଥଣ୍ଡା ପାନୀୟରେ ନିଶା ଦେଇ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ହୋଇଛନ୍ତି। ପୁଲିସ ମଧ୍ୟ ତଦନ୍ତକୁ ଆଗକୁ ନେବା ସହିତ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଧାରା ୧୮୦ ଆଧାରରେ ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ହେଲେ ଉଦିତ ଜେଲ୍ ଯିବା ପୂର୍ବରୁ ପୀଡ଼ିତାଙ୍କ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ୨ ମିନିଟ୍ ୨୧ ସେକେଣ୍ଡର ଏହି ଭିଡିଓରେ ଜଣେ ମହିଳା ପୁଲିସ ଅଧିକାରିଣୀ ପ୍ରଶ୍ନ କରୁଥିବା ବେଳେ ପୀଡ଼ିତା ଘଟଣା ବିଷୟରେ ବଖାଣୁଛନ୍ତି। ପୁଲିସ ଅଧିକାରୀଙ୍କ ଟେବୁଲ ଉପରେ କେସ୍ ଫାଇଲ ରହିଥିବାରୁ ଭିଡିଓଟି ଥାନା ଭିତରର ବୋଲି ସ୍ପଷ୍ଟ ହୋଇଛି। ପୁଲିସ କର୍ମଚାରୀ ନାଁ ଆଉ କେହି ଏହି ଭିଡିଓ କରିଥିଲେ, ତାହା ସ୍ପଷ୍ଟ ହୋଇ ପାରିନାହିଁ। କିନ୍ତୁ ସେହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମ ଓ ହ୍ୱାଟ୍ସଆପ ଯୋଗେ ଏ ମୋବାଇଲରୁ ସେ ମୋବାଇଲକୁ ଘୁରି ବୁଲୁଛି। ଦୁଷ୍କର୍ମ ଭଳି ସମ୍ବେଦନଶୀଳ ମାମଲାରେ ପୀଡ଼ିତାଙ୍କ ବୟାନକୁ ବଳିଷ୍ଠ ପ୍ରମାଣ ଭାବେ ବିବେଚନା କରାଯାଏ। ହେଲେ ପୀଡ଼ିତାଙ୍କ ବୟାନ ରେକର୍ଡ ବେଳର ଲୁଚା ଚୋରାରେ ଭିଡିଓ କରି ତା'କୁ ସର୍ବସାଧାରଣରେ ସେୟାର କରାଯାଉଛି। କେଉଁ ପୁଲିସ ଅଧିକାରୀ ମନ୍ଦ ଉଦ୍ଦେଶ୍ୟ ରଖି ଏପରି ଭିଡିଓ ଭାଇରାଲ କରୁଛନ୍ତି ତା'କୁ ନେଇ ପ୍ରଶ୍ନ ଉଠିଛି।

■ ଛାତ୍ର କଂଗ୍ରେସ ସଭାପତିଙ୍କ ଗିରଫ ପ୍ରସଙ୍ଗ

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

ଭୁବନେଶ୍ୱର,୨୧।୭(ସମିସ): ଜନୈକ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତିଙ୍କ ଗିରଫଦାରୀ ପ୍ରସଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି ଯେ କଂଗ୍ରେସ ଦଳର ଛାତ୍ର ସଭାପତି ଉଦିତ ପ୍ରଧାନଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି, ତାହା ଅତ୍ୟନ୍ତ




ମହିଳାଙ୍କ ଉପରେ ଅତ୍ୟାଚାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ରହୁ

ସଙ୍ଗୀନ ଅଟେ। ପୀଡ଼ିତା ମହିଳାଙ୍କ ଅଭିଯୋଗ ଆଧାରରେ ସରକାର ନିରପେକ୍ଷ ତଦନ୍ତ କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାର ବ୍ୟବସ୍ଥା କରନ୍ତୁ। କେବଳ ଏହି ଘଟଣା ନୁହେଁ; ସମଗ୍ର ରାଜ୍ୟରେ ଯେଉଁଠି ନାରୀମାନଙ୍କ ଉପରେ ଅତ୍ୟାଚାର ହେଉଛି, ପ୍ରତ୍ୟେକ କ୍ଷେତ୍ରରେ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରନ୍ତୁ। ପ୍ରତ୍ୟେକ କ୍ଷେତ୍ରରେ ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବ୍ୟବସ୍ଥା କରନ୍ତୁ ବୋଲି ସେ ଦାବି କରିଛନ୍ତି।

ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ବଢ଼ିଲା ମନ୍ତ୍ରୀ ଆଶାୟୀଙ୍କ ହୃତ୍‌କମ୍ପନ

ଭୁବନେଶ୍ୱର, ୨୧।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସନ୍ଧ୍ୟାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସାକ୍ଷାତକୁ ସୌଜନ୍ୟମୂଳକ କୁହାଯାଉଥିଲେ ହେଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଉଛି। ରାଜ୍ୟରେ ବିଜେପି ସରକାର ଗଠନକୁ ଇତିମଧ୍ୟରେ ୧୩ ମାସ ବିତିଯାଇଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇ ପାରିନାହିଁ। ଯାହାକୁ ନେଇ ରାଜ୍ୟ ସରକାର ସମାଲୋଚିତ ହୋଇ ଆସୁଥିବା ବେଳେ ଦଳୀୟ ମହଲରେ ମଧ୍ୟ ଏନେଇ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ତେବେ ରାଜ୍ୟପାଳ-ମୁଖ୍ୟମନ୍ତ୍ରୀ ଭେଟଘାଟ ପରେ ଚଳିତ ସପ୍ତାହରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଗତ ୧୦ ଦିନ ମଧ୍ୟରେ



ପ୍ରଥମେ ବାଲେଶ୍ୱରରେ ଜଣେ ଛାତ୍ରୀଙ୍କ ଆତ୍ମାହୂତି ଏବଂ ପୁରୀ ବଳଙ୍ଗାରେ ଜମେ ନାବାଳିକାକୁ କିରୋସିନି ଢାଳି ଜାଳିଦେବା ଉଦ୍ୟମ ସମ୍ପ୍ରସାରଣରେ ଅନ୍ତରାୟ ସାଜିଥିଲା। ଉପରୋକ୍ତ ଦୁଇଟି ଘଟଣାକୁ ନେଇ ବିରୋଧୀ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରୁଥିବା ବେଳେ ନିଜ ଭାବମୂର୍ତ୍ତି ବଞ୍ଚାଇବାକୁ ସରକାର ମଧ୍ୟ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ଏସବୁ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା କିଛି ମନ୍ତ୍ରୀଙ୍କ ହୃଦସ୍ପନ୍ଦନ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁଯାୟୀ ସମ୍ପ୍ରସାରଣରେ ଅତିକମରେ ଉକ୍ତ ମନ୍ତ୍ରୀଙ୍କ ନିକଟରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କାଢ଼ି ନିଆଯାଇପାରେ ବୋଲି ଆଲୋଚନା ହେଉଛି। ମନ୍ତ୍ରିମଣ୍ଡଳରେ ମୋଟ ୬ଟି ପଦ ଫାଙ୍କା ରହିଛି। ଏହାସହ ୨ରୁ ୩ ଜଣ ମନ୍ତ୍ରୀ ସମ୍ପ୍ରସାରଣ ବେଳେ ବାଦ୍ ପଡ଼ିବା ନେଇ ମଧ୍ୟ ଏହି ସୂତ୍ରରୁ ସୂଚନା ମିଳିଛି। ଅତଏବ ସମ୍ପ୍ରସାରଣ ହେଲେ ପ୍ରାୟ ୮ରୁ ୯ ଜଣ ନୂଆ ମୁହଁଙ୍କୁ ଦେଖିବାକୁ ମିଳିବ। ତନ୍ମଧ୍ୟରୁ ୨ ଜଣ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ନିଜ ଟିମରେ ସାମିଲ କରିବାକୁ ନିଷ୍ପତ୍ତି ନେଇ ସାରିଥିବା ବେଳେ ବିଭିନ୍ନ ସମୀକରଣକୁ ଲକ୍ଷ୍ୟ କରି ଆଉ ୭ ଜଣଙ୍କୁ ନେବେ। ମିଳିଥିବା ସୂଚନା ଅନୁଯାୟୀ ଲୋକସଭା ମଣ୍ଡଳୀୱାରୀ ସମୀକରଣକୁ ସମ୍ପ୍ରସାରଣରେ ସର୍ବାଧିକ ଗୁରୁତ୍ୱ ମିଳିବ। ଏହାସହ ବରିଷ୍ଠତା, ଦଳୀୟ ଆନୁଗତ୍ୟତା, ନିର୍ମଳ ଭାବମୂର୍ତ୍ତି ଥିବା ନେତାଙ୍କୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଇପାରନ୍ତି ବୋଲି ଆଲୋଚନା ହେଉଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

# ସମ୍ପାଦକୀୟ



କାହାରି ଅନିଷ୍ଟ ନ କରି, କାହାରିକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା ଆଜିର ଲକ୍ଷ୍ୟ ହେବା ଉଚିତ।

-ମା' ରମାଦେବୀ

ସକାଳ THE SAKALA

## ଟ୍ରମ୍ପଙ୍କ କୂଟକପଟ

ପହଲଗାମରେ ଆତଙ୍କବାଦୀଙ୍କ ନୃଶଂସତା ଓ ବର୍ବରତାର ଉତ୍ତର ଭାରତ 'ଅପରେସନ ସିନ୍ଦୂର' ମାଧ୍ୟମରେ ଦେଇଛି। ଏହି ସୀମିତ ଯୁଦ୍ଧର ଗତି ଓ ପ୍ରକୃତିକୁ ଅନୁଧ୍ୟାନ କଲେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତ ଏକାସାଙ୍ଗରେ ପାକିସ୍ତାନ, ଚୀନ ଓ ତୁର୍କୀର ମୁକାବିଲା କରିଥିଲା। ଏହାର ମୂଳ ଉଦ୍ଦେଶ୍ୟ ଥିଲା, ପାକିସ୍ତାନର ଆତଙ୍କୀ ସଂଗଠନକୁ ନିଶ୍ଚିହ୍ନ କରିବା। ତେଣୁ ରଣନୀତି ସେହି ଅନୁଯାୟୀ ପ୍ରସ୍ତୁତ ହୋଇଥିଲା। ଯେଉଁ ରାଷ୍ଟ୍ର ନିଜ ସାମରିକ ରଣକୌଶଳର ଏକ ଅଙ୍ଗ ରୂପେ ଆତଙ୍କବାଦୀ ସଂଗଠନକୁ ସ୍ୱୀକୃତି ଦେଇ ଛାୟାଯୁଦ୍ଧ ଜାରି ରଖିଛି ସେ କ'ଣ ନିର୍ବିରୋଧରେ ଭାରତର ଏହି ଯୋଜନାକୁ ସାକାର କରିବା ସକାଶେ ବାଟ ଛାଡ଼ିଦେବ? ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥାଇ ଯେଉଁ ରାଷ୍ଟ୍ର ପାକିସ୍ତାନକୁ ସହଯୋଗର ହାତ ବଢ଼ାଇଲେ ଧରିନେବାକୁ ହେବ ଯେ ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ କରୁଛନ୍ତି। ମେ' ମାସର ଏହି ଘଟଣା ଉପୁଜିବାର ଦୁଇମାସ ପରେ ଯେତେବେଳେ ଟିଆରଏଫକୁ ଆମେରିକା ଓ ପରେ ପରେ ଚୀନ ମଧ୍ୟ ଆତଙ୍କବାଦୀ ସଂଗଠନ ଘୋଷଣା କରି ପହଲଗାମ ଘଟଣାର ନିନ୍ଦା କରୁଛନ୍ତି ସେତେବେଳେ ଧରିନେବାକୁ ହେବ ଯେ ବିଶ୍ୱ କୂଟନୀତିରେ ଯେଉଁ ଓଲଟା ଫେରି ଚାଲିଛି ତାହାର ଏହା ପରିଣାମ।

ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଭୂମିକା ଆମ ସରକାରଙ୍କ ଆନ୍ତର୍ଜାତିକ ସ୍ତରରେ ଥିବା ପ୍ରତୀକ ଓ ପତିଆରା କ୍ଷୁର୍ଣ୍ଣ କରିବା ପାଇଁ ଉଦ୍ଦିଷ୍ଟ। ଏହି ବିବାଦର ସମାଧାନ ରାଷ୍ଟ୍ରମୁଖ୍ୟ ସ୍ତରରେ ହେବା ଉଚିତ। କିନ୍ତୁ ବାରମ୍ବାର ଟ୍ରମ୍ପ, ଏପରିକି ୨୦ ଥରରୁ ଉର୍ଦ୍ଧ୍ୱ ସେହି ଏକକଥାକୁ ଦୋହରାଇ ଚାଲିଛନ୍ତି। ସତେଯେପରି କୂଟନୈତିକ ଆଚରଣ ଓ ଶାଳୀନତାକୁ ସେ ତିଳେ ହେଲେ ଭ୍ରୂକ୍ଷେପ କରନ୍ତିନି। ଭାରତୀୟ ସଂସଦର ମୌସୁମୀ ଅଧିବେଶନର ଦୁଇଦିନ ପୂର୍ବରୁ ହ୍ୱାଇଟହାଉସରେ ରିପବ୍ଲିକାନ ସାଂସଦଙ୍କ ଉଦ୍ଦେଶ୍ୟରେ ଆୟୋଜିତ ରାତ୍ରିଭୋଜନରେ ଟ୍ରମ୍ପ ପୁଣି ତାହାକୁ ଦୋହରାଇଛନ୍ତି। ତାଙ୍କର ବକ୍ତବ୍ୟ ଥିଲା, ଯୁଦ୍ଧଏତେ ଭୟଙ୍କର ଥିଲା ଯେ ୫ଟି ସାମରିକ ଜେଟ୍‌କୁ ଗୁଳିକରି ଖସାଇ ଦିଆଯାଇଛି। ଅବଶ୍ୟ ନିର୍ଦ୍ଦିଷ୍ଟ ଭାବେ କାହାର ଯୁଦ୍ଧ ବିମାନକୁ ଖସାଇ ଦିଆଯାଇଛି ତାହା ସେ ସ୍ପଷ୍ଟ କରିନାହାନ୍ତି। ଦୁଇ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରଙ୍କ ମଧ୍ୟରେ ଯୁଦ୍ଧର ଭୟାବହତା ଦେଖି ସେ ବାଣିଜ୍ୟିକ ସଂପର୍କ ରକ୍ଷା ଆଳରେ ଧମକ ଦେଇ ବିରତିର ବାଧ୍ୟବାଧକତା ସୃଷ୍ଟି କରିଛନ୍ତି। ବାରମ୍ବାର ବକ୍ତବ୍ୟକୁ ସେ ଦୋହରାଇବା ମଧ୍ୟରେ ୫ ଟି ଯୁଦ୍ଧ ବିମାନ ଧ୍ୱଂସ ପାଇବା ଏକ ନୂଆ ତଥ୍ୟ। ଯେଉଁ ବିବାଦ ଏବେ ମଧ୍ୟ ଭାରତର ପିଛା ଛାଡ଼ିନାହିଁ। ମୌସୁମୀ ଅଧିବେଶନ ପୂର୍ବରୁ ଏହା ବାର୍ତ୍ତା ଦେବା ପଛରେ ଟ୍ରମ୍ପଙ୍କ ଉଦ୍ଦେଶ୍ୟ କ'ଣ? ଏହାପଛରେ ଯେତେ ମନ୍ଦ ଉଦ୍ଦେଶ୍ୟ ଥାଉ ନା କାହିଁକି କ୍ଷମତାସୀନ ସରକାର ଉପରେ ତାହା କୌଣସି ପ୍ରତିକୂଳ ପ୍ରତୀକ ପକାଇ ପାରିବ ନାହିଁ। ହଁ ଏକଥା ହୋଇପାରେ ତାହା ବିରୋଧୀ ଦଳର ଆକ୍ରମଣକୁ ଅଧିକ ଶାଣିତ ଓ ଲକ୍ଷ୍ୟଭେଦୀ କରିବ, ଯାହାକି ସଂସଦ ଅଧିବେଶନ ଆରମ୍ଭରୁ ପରିଲକ୍ଷିତ ହୋଇଛି। ଟ୍ରମ୍ପଙ୍କୁ ମନେ ରଖିବାକୁ ହେବ ଯେ ତାଙ୍କର ବ୍ୟକ୍ତିଗତ କ୍ରୋଧ ଯାହା ଥାଉ ନା କାହିଁକି ଭାରତ ସରକାର ଭୁଶୁଡ଼ି ପଡ଼ିବନି।

ଭାରତର ଅତ୍ୟାଧୁନିକ ରାଫେଲ ଯୁଦ୍ଧ ବିମାନ ସଂଗ୍ରହ ପ୍ରତିପକ୍ଷଙ୍କ ପାଇଁ ଈର୍ଷାର କାରଣ ହୋଇଛି। ତେଣୁ ୫ଟି ଯୁଦ୍ଧ ବିମାନ ଗୁଳି କରି ଖସାଇ ଦିଆଯିବା ପ୍ରସଙ୍ଗ ପଛରେ ରାଫେଲ ବିରୋଧୀ ଯୁଦ୍ଧ ବିମାନ ବ୍ୟବସାୟୀଙ୍କ ଷଡ଼ଯନ୍ତ୍ର ନିହିତ ଅଛି ବୋଲି ଧରିନେବାକୁ ହେବ। ତେଣୁ ପାକିସ୍ତାନର ଦାବିକୁ ରାଫେଲ ନିର୍ମାତା ଡାସାଲ୍ଟ କମ୍ପାନୀ ପକ୍ଷରୁ ଦୃଢ଼ ଖଣ୍ଡନ କରାଯାଇଛି। ଏତେ ବାଦ ପ୍ରତିବାଦ ମଧ୍ୟରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଭାରତର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା ପାକିସ୍ତାନର ଆତଙ୍କବାଦୀ ସଂଗଠନର ଭିତ୍ତିଭୂମିକୁ ଧ୍ୱଂସ କରିବା। ତେଣୁ ସମସ୍ତ ପ୍ରକାର ପ୍ରତିରୋଧ ସତ୍ତ୍ୱେ ଭାରତ ୯ଟି ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରିବାରେ ସଫଳ ହୋଇଛି। ଏହି ସଫଳତା ବିନିମୟରେ ଆମେ ଯେକୌଣସି ମୂଲ୍ୟ ଦେବାରେ ଅସୁବିଧା କ'ଣ ଅଛି? ଆମ ପ୍ରତିରକ୍ଷା ବାହିନୀର ସେନାଧ୍ୟକ୍ଷ. ଜେନେରାଲ ଅନିଲ୍ ଚୌଧୁରୀଙ୍କ ତଥ୍ୟ ଏକ୍ଷେତ୍ରରେ ପ୍ରଣିଧାନଯୋଗ୍ୟ। ପ୍ରାରମ୍ଭିକ ସଫଳତା ପଛରେ ତଥାକଥିତ ବିପର୍ଯ୍ୟୟ ମୂଲ୍ୟହୀନ। ପରିବର୍ତ୍ତୀ ଆକ୍ରମଣର ମୁକାବିଲା କରି ନ ପାରି ପାକିସ୍ତାନର ବାୟୁସେନା ଯେଭଳି ଲହୁଲୁହାଣ ହେଲା ତାହା ଯେ ଐତିହାସିକ ତଥ୍ୟ ଏକଥା ସ୍ୱୀକାର୍ଯ୍ୟ। ପାକିସ୍ତାନ ନିଜର ଆତ୍ମରକ୍ଷା ପାଇଁ ଭାରତର ଲଢୁଆ ବିମାନ ଖସାଇ ଦେବା ଦାବିର ପ୍ରାମାଣିକ ତଥ୍ୟ ଜେନେରାଲ୍ ମୁନିରଙ୍କ ପାଖରେ ନାହିଁ। ପରିସ୍ଥିତିର ଚାପରେ ପଡ଼ି ପାକିସ୍ତାନ ପକ୍ଷରୁ ଯୁଦ୍ଧ ବିରତି ପ୍ରସ୍ତାବ ଆଗତରେ ଅସ୍ୱାଭାବିକତା କିଛି ନାହିଁ। ତେବେ ଏକଥା ସତ ଯେ ଟ୍ରମ୍ପଙ୍କ ଏହି ନୂଆ ଦାବି ପାକିସ୍ତାନକୁ ବଳ ଦେଇଛି ଓ ଆମ ପ୍ରତି ସନ୍ଦେହ ସୃଷ୍ଟି କରିଛି।

ପାକିସ୍ତାନର ଲସ୍କର ଏ ତୋଇବା ଓ ଜୈସ ଏ ମହମ୍ମଦ ଆତଙ୍କବାଦୀ ସଂଗଠନ ବିରୋଧରେ ନିଷେଧାଦେଶ ଜାରି ପରେ ଟିଆରଏଫ ଲସ୍କର ଏ ତୋଇବାର ଏକ ଛାମୁଆଁ ଆତଙ୍କୀଗୋଷ୍ଠୀ ରୂପେ ସକ୍ରିୟ ଥିବା ସ୍ପଷ୍ଟ ହେଉଛି। ପହଲଗାମରେ ୨୬ ପର୍ଯ୍ୟଟକଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିବା ଘଟଣାକୁ ଟିଆରଏଫ ନିଜ ଆଡୁ ଦାବି କରିଛି। ପାକିସ୍ତାନରେ ବୈଦେଶିକ ମନ୍ତ୍ରୀ ତଥା ଉପପ୍ରଧାନମନ୍ତ୍ରୀ. ଖୋଲାଖୋଲି ଭାବେ ଟିଆରଏଫକୁ ସମର୍ଥନ କରିଛନ୍ତି। ସେହିଭଳି ପହଲଗାମ ଘଟଣା ପୂର୍ବରୁ ଜେନେରାଲ ମୁନୀରଙ୍କ ଯେଉଁ ଭିଡିଓ ସାଧାରଣରେ ପ୍ରକାଶ ପାଇଥିଲା ସେଥିରେ ଟିଆରଏଫକୁ ପ୍ରୟୋଗ କରାଯାଇ ଥିବାରୁ ସୂଚନା ଥିଲା। ଏହାଠାରୁ ଆଉ ଅଧିକ କ'ଣ ପ୍ରମାଣ ପାକିସ୍ତାନ ଚାହୁଁଛି। ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତରେ ଏହା ସବୁଠାରୁ ବଡ଼ ଆତଙ୍କବାଦୀ ହମଲା। ଆମେରିକା ଟିଆରଏଫକୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ପରେ ଚୀନ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛି। ଏପର୍ଯ୍ୟନ୍ତ ପାକିସ୍ତାନ ସପକ୍ଷରେ କୂଟନୈତିକ ବାତାବରଣ ଠିକ୍ ଠାକ୍ ଥିବାବେଳେ ଟିଆରଏଫ ପ୍ରସଙ୍ଗ ଇସଲାମାବାଦ ନେତୃତ୍ୱକୁ ଅଡୁଆରେ ପକାଇଦେଇଛି।

ଜାତିସଂଘ ନିରାପତ୍ତା ପରିଷଦରେ ପହଲଗାମ ଆକ୍ରମଣ ନେଇ ନିନ୍ଦା ପ୍ରସ୍ତାବ ଆଗତ କରାଯାଉଥିଲା। ସେଥିରେ ଟିଆରଏଫ ନାମ ଉଲ୍ଲେଖ ଥିବାରୁ ପାକିସ୍ତାନର ପ୍ରତିବାଦ କ୍ରମେ ତାହାକୁ ବାଦ ଦିଆଯାଇଥିଲା। ସମୟ ସବୁବେଳେ ସମାନ ଯାଏନି। ପରିବର୍ତ୍ତିତ ପରିସ୍ଥିତିରେ ଦିଗ ପରିବର୍ତ୍ତନ କରୁଥିବା କୂଟନୀତି କିନ୍ତୁ ଭିନ୍ନ ସନ୍ଦେଶ ଦେଉଛି। ଆମେରିକା ଓ ଚୀନ ଟିଆରଏଫକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିବା ଭାରତ ପାଇଁ ଅନ୍ୟତମ ସଫଳତା କୁହାଯାଇପରେ।

## ରାଜ୍ୟ ଜଳନୀତି କେବେ ଓ କେମିତି

**ସୌଭାଗ୍ୟ ସୁନ୍ଦରରାୟ**

ରାଜ୍ୟର ପ୍ରମୁଖ ଜୀବନଧାରା ମହାନଦୀ ଜଳପ୍ରବାହ ଛତିଶଗଡ଼ ଦ୍ୱାରା ନିୟନ୍ତ୍ରିତ ହେବା ପରେ ରାଜ୍ୟରେ ଏକ 'ଜଳନୀତି'ର ଆବଶ୍ୟକତା ପଡ଼ିଛି। ତତ୍କାଳୀନ ବିଜେଡି ସରକାର ମହାନଦୀ ସୁରକ୍ଷା ପାଇଁ 'ମହାନଦୀ ବଞ୍ଚାଅ' ଅଭିଯାନ ଆରମ୍ଭ କରିବା ସହ ରାଜ୍ୟରେ ଏକ 'ଜଳନୀତି' ପ୍ରଣୟନ ନିମନ୍ତେ ପ୍ରସ୍ତାବ ରଖିଥିଲେ। ଏହାର ବ୍ୟୟ ଅଟକଳ ୭୫ ହଜାର କୋଟି ରହିଥିବା ବେଳେ ବିସ୍ତୃତ ରିପୋର୍ଟ ବା ଡିପିଆର ପ୍ରସ୍ତୁତ ହେବ ବୋଲି ମଧ୍ୟ କୁହାଯାଇଥିଲା। ଇତିମଧ୍ୟରେ ଶାସନରେ ପରିବର୍ତ୍ତନ ଘଟିଛି। ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର କ୍ଷମତାସୀନ ହେବା ୧ ବର୍ଷ ଅତିକ୍ରାନ୍ତ କରିସାରିଲାଣି। 'ଜଳନୀତି' ରୂପରେଖ କ'ଣ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ତେବେ 'ଜଳନୀତି' ପ୍ରଣୟନ ପାଇଁ ନୂଆ ସରକାର ମଧ୍ୟ କହିଛନ୍ତି। ତେଣେ ମହାନଦୀ ଜଳ ବିବାଦ ନେଇ ଏକ ଟ୍ରିବ୍ୟୁନାଲ ଗଠନ ହୋଇଛି।

'ଜଳନୀତି' ଶବ୍ଦଟି ବେଶ ଶ୍ରୁତିମଧୁର ଓ ଅଭିନବ। ତେବେ ଏହାର ରିପୋର୍ଟ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନ ବୋଧହୁଏ ହୀରାକୁଦ ବନ୍ୟା ପରିଚାଳନାଠାରୁ ଅଧିକ ଜଟିଳ। ଏକବିଂଶ ଶତାବ୍ଦୀର ଏହି ପ୍ରସ୍ତାବିତ 'ଜଳନୀତି' ସୁଦୂରପ୍ରସାରୀ ତଥା ଦୂରଦୃଷ୍ଟିସଂପନ୍ନ ହେବା ଆବଶ୍ୟକ ବୋଲି ରାଜ୍ୟବାସୀ ଆଶା କରନ୍ତି। ୫୦ ଦଶକର 'ଜଳନୀତି'ରେ ଯେଉଁ ନବୀବନ୍ଧ ପ୍ରତିଷ୍ଠା ହେଉଥିଲା ବା ବିସ୍ଥାପନ ହେଉଥିଲା ସେଥିପ୍ରତି କେହି ଉତ୍ତରଦାୟୀ ରହୁ ନ ଥିଲେ। ଏଥିଯୋଗୁଁ ହୀରାକୁଦ, ସମଲ ପ୍ରକଳ୍ପ ପାଇଁ ବିସ୍ଥାପିତ ଜନତା ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ପାଇପାରି ନାହାନ୍ତି। ସେ ସମୟର 'ଜଳନୀତି'ର ପ୍ରମୁଖ ଲକ୍ଷ୍ୟ ଥିଲା ଜଳସେଚନ, ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ ଉତ୍ପାଦନ। କିନ୍ତୁ ଏବେ ସମୟ ଓ ପରିବେଶ ବଦଳିଛି। ନୂଆ ସମସ୍ୟା ଦେଖାଦେଇଛି। ମନୁଷ୍ୟଙ୍କଠାରୁ ଆରମ୍ଭ କରି ପଶୁପକ୍ଷୀ, ଗଛଲତା, ଶିଳ୍ପସଂସ୍ଥା ଆଦି ଜଳର ନୂଆ ଦାବିଦାର ଭାବେ ଉଭା ହୋଇଛନ୍ତି। ସହରାଞ୍ଚଳରେ ଛାତ ଉପରେ ବଗିଚା ପାଇଁ ପାନୀୟ ଜଳ ବ୍ୟବହାର କରାଯାଉଛି। ଏପରିକି ଗାଈଗୋରୁଙ୍କ ସ୍ନାନ ପାଇଁ ଗ୍ରାମାଞ୍ଚଳରେ ଏହାର ବ୍ୟବହାର କରାଯାଉଛି। ଏସବୁ ବିଷୟକୁ ଦୃଷ୍ଟିରେ ରଖି ଏହି ନୀତି ପ୍ରଣୟନ ହେବା ଆବଶ୍ୟକ।

ଏବେ ଜଳଉତ୍ସ କମୁଛି ଓ ଆବଶ୍ୟତା ବଢୁଛି। ବର୍ତ୍ତମାନ ଜଳର ସଂରକ୍ଷଣ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହୋଇଛି। 'ଜଳନୀତି'ରେ ଏବେ ବୃହତ ପ୍ରକଳ୍ପ ସ୍ଥାନ ପାଇବା ଅସମ୍ଭବ। କାରଣ ଏଥିସହ ବିସ୍ଥାପନ ପରି ବିଭିନ୍ନ ସ୍ପର୍ଶକାତର ସାମାଜିକ ପ୍ରସଙ୍ଗ ଆସୁଛି। ପୂର୍ବରୁ ମଣିଭଦ୍ରା, ସିଣ୍ଡୋଲ ବା ସୁବଳୟା ଆଦି ପ୍ରକଳ୍ପ ଏହି କାରଣରୁ କାର୍ଯ୍ୟକାରୀ ହୋଇପାରି ନାହିଁ। ସଂପୃକ୍ତ ପ୍ରକଳ୍ପଗୁଡ଼ିକୁ ନୂଆ 'ଜଳନୀତି' ମଧ୍ୟକୁ ଅଣାଗଲେ ଏହା ଜନବିରୋଧର ସାମ୍ନା କରିବା ନିଶ୍ଚିତ। ନୂଆ ବ୍ୟାରେଜ, ଆନିକଟ ମଧ୍ୟ ବିରୋଧର ସମ୍ମୁଖୀନ ହେବ। ନରାଜ, ଯୋବ୍ରା ଓ ବିରୂପାର ପୁରୁଣା ଆନିକଟ ଭଙ୍ଗା କାର୍ଯ୍ୟ ଚାଲିଛି। ଏଣୁ 'ଜଳନୀତି' ସଚିବାଳୟରୁ ପ୍ରଣୟନ ହେବ ନା ଏଥିରେ ଅଂଶଦାରଙ୍କ ମତାମତ ଭିତ୍ତିରେ ପ୍ରଣୟନ ହେବ ତାହା ବର୍ତ୍ତମାନ ଏକ ପ୍ରଶ୍ନ। 'ଜଳନୀତି' ପ୍ରାକୃତିକ ସଂପଦକୁ କେନ୍ଦ୍ର କରି ହୋଇଥିବାରୁ ଏହାର ଅନେକ ଦିଗ ଥିବା ମନେହୁଏ।

'ଜଳନୀତି'ର ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଏବେ ଗାଁ ବା ପଞ୍ଚାୟତକୁ ଯିବା ଅବଶ୍ୟମ୍ଭାବୀ। ନିର୍ଦ୍ଦିଷ୍ଟ ଅଞ୍ଚଳର ଆବଶ୍ୟକତା ଓ ଜନମତାମତକୁ 'ଜଳନୀତି'ରେ ସ୍ଥାନ ଦେବାକୁ ପଡ଼ିବ। 'ଜଳନୀତି' ପରିଚାଳନା ମଧ୍ୟ ଅଂଶୀଦାରଙ୍କ ହାତରେ ଟେକିବାକୁ ପଡ଼ିବ। 'ଜଳନୀତି' ପ୍ରଣୟନ ପାଇଁ ଏକ ଆନ୍ତଃ-ବିଶେଷଜ୍ଞ ସମନ୍ୱିତ କମିଟି ଗଠନ କରିବା ଅପରିହାର୍ଯ୍ୟ। ରାଜ୍ୟରେ ଏବେ ବର୍ଷା ପରିମାଣ କେତେ, ବିଗତ ୫୦ ବର୍ଷରେ ବର୍ଷା ପରିମାଣ କେତେ ରହିଛି ଏବଂ ଆଗାମୀ ୫୦ ବର୍ଷ ପାଇଁ ବର୍ଷା ଆକଳନ କ'ଣ ରହିବ ସେ ସମ୍ପର୍କରେ ପ୍ରଥମେ ଅନୁଧ୍ୟାନ ହେବା ଆବଶ୍ୟକ। ଏହି କାର୍ଯ୍ୟ କରିବେ ପାଣିପାଗ ବିଶେଷଜ୍ଞ। ଜଳ ଗଚ୍ଛିତ କରି ରଖିବା ପାଇଁ କେଉଁ ଅଞ୍ଚଳରେ କି ପ୍ରକାର ପ୍ରକଳ୍ପ କରାଯିବ ଏବଂ ଏହାର ଶୈଳୀ କ'ଣ ରହିବ ତାହା ସିଭିଲ ଇଞ୍ଜିନିୟର ଓ ସ୍ଥପତିଙ୍କ ଦ୍ୱାରା ନିର୍ଦ୍ଧାରଣ ହେବା ଆବଶ୍ୟକ। ନଦୀରେ ବର୍ଷାଦିନେ ଓ ଅଣବର୍ଷା ସମୟରେ ଜଳପ୍ରବାହ ପରିମାଣ କ'ଣ ରହିଛି ସେ ସମ୍ପର୍କରେ ଜଳତାତ୍ତ୍ୱିକ ସର୍ବେକ୍ଷଣ ହେବା ଆବଶ୍ୟକ। ସେହିପରି ପଶୁପକ୍ଷୀ ଓ ବୃକ୍ଷଲତା ପାଇଁ ବ୍ୟବସ୍ଥା କ'ଣ ହେବ ତାହା ଜଙ୍ଗଲ ଓ ପରିବେଶ ବିକାଶ ବିଭାଗ ଦ୍ୱାରା ସ୍ଥିରୀକୃତ ହେବା ଆବଶ୍ୟକ। ନଦୀ ମୁହାଁଣ ଅଞ୍ଚଳ ଅର୍ଥାତ ଉପକୂଳ ଅଞ୍ଚଳରେ ଜଳନୀତିର ପ୍ରଭାବ କ'ଣ ରହିବ ସେ ସଂପର୍କରେ ସାମୁଦ୍ରିକ ବିଜ୍ଞାନୀଙ୍କ ପରାମର୍ଶ ଜରୁରୀ।

'ଜଳନୀତି'ରେ ଉଭୟ ଭୂତଳ ଓ ଭୂପୃଷ୍ଠ ଜଳ ସଂପର୍କରେ ବିଚାରବିମର୍ଶ ହେବା ଆବଶ୍ୟକ। ଶିଳ୍ପାନୁଷ୍ଠାନ କେତେ ପରିମାଣର ଜଳ ଉପଯୋଗ କରିବେ ଏବଂ ଜଳ କେତେ ପ୍ରଦୂଷିତ କରିବେ ସେଥିପାଇଁ ପ୍ରଦୂଷଣ ବିଶେଷଜ୍ଞ ନିୟୋଜିତ ହେବା ବର୍ତ୍ତମାନର ପ୍ରମୁଖ ଆବଶ୍ୟକତା। ଜଳସମ୍ପଦ ନୀତିରେ ଜଳବିଦ୍ୟୁତ ପ୍ରକଳ୍ପ ପରିକଳ୍ପନା ମଧ୍ୟ ସ୍ଥାନିତ ହୋଇପାରେ। କେଉଁ ନଦୀଶଯ୍ୟାରେ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ହୋଇପାରିବ ସେ ସମ୍ପର୍କରେ ଅନୁଧ୍ୟାନର ଆବଶ୍ୟକତା ରହିଛି। ଜଳ ସଂରକ୍ଷଣ ପାଇଁ କ୍ଷୁଦ୍ର ଆନିକଟ, ବନ୍ଧ ବା ବ୍ୟାରେଜ ନିର୍ମାଣ କରାଗଲେ ପଟୁ ଜମିବା ନିଶ୍ଚିତ। ଏହି ପଟୁ ନିଷ୍କାସନର ବ୍ୟବସ୍ଥା କ'ଣ ହେବ? ନଚେତ ପଟୁମାଟି ଯୋଗୁଁ ପ୍ରକଳ୍ପ, ନଦୀଶଯ୍ୟା ପୋତି ହୋଇ ଏଗୁଡ଼ିକ ଶୀଘ୍ର ଅକାମୀ ହେବାର ଆଶଙ୍କା ରହିଛି। ଏଣୁ ପ୍ରତ୍ୟେକ ବିଭାଗ ନିଜନିଜ ଦୃଷ୍ଟିକୋଣରୁ ରିପୋର୍ଟ ପ୍ରଦାନ କରିବା ପରେ ଏହାକୁ ତର୍ଜମା କରାଯାଇ ଅଂଶୀଦାରଙ୍କ ମତାମତ ଭିତ୍ତିରେ ସମନ୍ୱିତ ଜଳନୀତି ପ୍ରଣୟନ କରାଯାଇପାରେ। କେବଳ ଆଇଆଇଟିକୁ ରିପୋର୍ଟ ପ୍ରସ୍ତୁତ କରିବା ଦାୟିତ୍ୱ ଦେଇ ପରବର୍ତ୍ତୀ ସମୟର ତ୍ରୁଟି ପାଇଁ ସରକାର ସେମାନଙ୍କ ମୁଣ୍ଡରେ ନଡ଼ିଆ ବାଡ଼େଇବା ଏକ ଧୃଷ୍ଟତା ହେବ।

ଏହାପରେ ଆସୁଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତାହାହେଲା କ୍ଷୁଦ୍ର ଜଳାଶୟର ବର୍ତ୍ତମାନର ସ୍ଥିତି ଓ ଏହାର ପୁନରୁଦ୍ଧାର। ଏକଦା ଗାଁଗହଳିରେ ଥିଲା ଏକାଧିକ ଗାଡ଼ିଆ, ପୋଖରୀ, କଟା, ବନ୍ଧ, ଟୁବ, ଯୋର। ଏଗୁଡ଼ିକ ଯଥେଷ୍ଟ ପରିମାଣର ଜଳ ସଂରକ୍ଷିତ କରି ରଖିବା ଦେଖାଯାଏ। ପ୍ରାୟ ଫେବୃୟାରୀ/ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏଥିରେ ଜଳ ରହିଥାଏ। ଯୋରରେ ପ୍ରାୟତଃ ସବୁ ସମୟରେ ଜଳ ରହିଥାଏ। ଏହା ରବି ଫସଲ ପାଇଁ ବହୁଳ ମାତ୍ରରେ ସହାୟକ ହୋଇଥାଏ। ଏହି ଜଳକୁ ଟେଣ୍ଡା ସାହାଯ୍ୟରେ ଉଠାଇ ରବି ଫସଲକୁ ଜଳଯୋଗାଣ ହୋଇଥାଏ। ଏଥିରେ ମାଛବଂଶ ବୃଦ୍ଧି ଘଟିଥାଏ। ଖରାଦିନେ ଗୃହପାଳିତ ପଶୁଙ୍କ ପାଇଁ ଏହି ପାଣି ମଧ୍ୟ ଉପଯୋଗ କରାଯାଇଥାଏ। ଗ୍ରାମାଞ୍ଚଳରେ ଏହି କ୍ଷୁଦ୍ର ଜଳାଶୟଗୁଡ଼ିକର ଏବେ ପ୍ରାୟ ନିଶ୍ଚିହ୍ନ। ଗୃହନିର୍ମାଣ, ରାସ୍ତାକାର୍ଯ୍ୟ, ଜବରଦଖଲ ଓ ପଟୁମାଟି ଯୋଗୁଁ ଏହି ଜଳାଶୟ ଚିହ୍ନବର୍ଣ୍ଣ ହରାଇଲାଣି। କଟକ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଏକଦା ଥିଲା ନୟନଯୋରୀ ଓ ପାଟନାଳୀ। ଏପ୍ରିଲ/ ମେ ମାସ ପର୍ଯ୍ୟନ୍ତ ଏହା ସନ୍ତସନ୍ତିଆ ଅବସ୍ଥାରେ ରହୁଥିଲା। କିନ୍ତୁ ଜାତୀୟ ରାଜପଥ ନିର୍ମାଣ ଯୋଗୁଁ ଏଗୁଡ଼ିକ ପୋତି ଦିଆଗଲା। ରାସ୍ତା ନିର୍ମାଣ ସମୟରେ କୌଣସି ପରିବେଶ ଯୋଜନା ରହିଲା ନାହିଁ। ଫଳରେ ଠିକାଦାର ସଂସ୍ଥା ନିଜ ସୁବିଧାରେ ଏହାକୁ ପୋତି କାର୍ଯ୍ୟ କରିଚାଲିଲେ। ଏହାଥିଲା ଜଳ ସଂରକ୍ଷଣର ଅନ୍ୟତମ ପ୍ରମୁଖ ଉତ୍ସ। ସରକାର ଗ୍ରାମାଞ୍ଚଳରେ ଆରମ୍ଭ କରିଥିବା 'ମୋ ପୋଖରୀ' ଯୋଜନା ଏବେ କେଉଁ ପର୍ଯ୍ୟାୟରେ ରହିଛି ତାହାର ଏକ ନିରପେକ୍ଷ ସମୀକ୍ଷା ଜଳନୀତି ପ୍ରଣୟନ ପରିପ୍ରେକ୍ଷୀରେ ହେବା ଆବଶ୍ୟକ।

ସମୟସ୍ରୋତରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅନେକ ବିକାଶ ଘଟିଛି। ବୈଷୟିକ କ୍ଷେତ୍ରରେ ଘଟିଛି ଯୁଗାନ୍ତକାରୀ ପରିବର୍ତ୍ତନ। ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ ପାଇଁ ବିଶ୍ୱ ଚିନ୍ତିତ। ଏକ ସବୁଜ ବିଶ୍ୱ ପାଇଁ ସମସ୍ତେ ଉଦବିଗ୍ନ। କୃତ୍ରିମ ବୁଦ୍ଧିମତ୍ତା ଓ ରୋବଟ ପ୍ରଯୁକ୍ତିକୁ ନେଇ ବିଶ୍ୱ ୪ର୍ଥ ଶିଳ୍ପ ବିପ୍ଳବର ଦ୍ୱାରଦେଶରେ ଉପନୀତ ହେଲାଣି। ବିଭିନ୍ନ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ସମୟରେ ଏସବୁର ଉପଯୋଗ କରାଯିବା ଆବଶ୍ୟକ। ଜଳର ମାହାତ୍ମ୍ୟ ଓ ଜଳନୀତି ବିଦ୍ୟାଳୟସ୍ତରୀୟ ପାଠ୍ୟକ୍ରମରେ ସ୍ଥାନିତ ହେବା ମଧ୍ୟ ଜରୁରୀ। ଏହାହେଲେ ଭବିଷ୍ୟତ ପିଢ଼ି ଜଳ ସଂରକ୍ଷଣ ଓ ଉପଯୋଗ ସଂପର୍କରେ ସଚେତନ ହୋଇପାରିବେ। ବର୍ତ୍ତମାନ ପରିସ୍ଥିତିର ଆହ୍ୱାନ ହେଲା ବହୁମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇ ଜିଲ୍ଲା ସଦର ମହକୁମାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଗୋଟିଏ ଛାତ ତଳକୁ ଆଣିବା। ଏହାହେଲେ ସରକାରୀ କାର୍ଯ୍ୟାଳୟରେ ଜଳ ସଞ୍ଚୟ ବ୍ୟବସ୍ଥା ସୁଗମ ହୋଇପାରିବ। ଭୂତଳ ଜଳାଭାବରୁ ଏବେ ଅନେକ ସ୍ଥାନରେ ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ଅବସ୍ଥାକୁ ଆସିଲାଣି। ତେଣୁ 'ଜଳନୀତି' ପ୍ରଣୟନ ପୂର୍ବରୁ ସମସ୍ତ ଦିଗ ପ୍ରତି ସୁଚିନ୍ତିତ ବିଚାରବିମର୍ଶ ହେବା ଆବଶ୍ୟକ। ଏହା ହେଲେ ରାଜ୍ୟରେ 'ଜଳନୀତି' ଫଳପ୍ରସୂ ହୋଇପାରିବ।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

## ବିତ୍ତୀୟ ପ୍ରଦୂଷଣ: ପ୍ରଗତିର ପ୍ରତିବନ୍ଧକ

**ଅନନ୍ତ ଚରଣ ସ୍ୱାଇଁ**



ଦ୍ରୁତ ଶିଳ୍ପାୟନ, ନଗରୀକରଣ ଓ ଅତିରିକ୍ତ ଭୋଗବିଳାସୀ ଜୀବନଶୈଳୀ ଦ୍ୱାରା ପରିବେଶ ଦୂଷିତ ହେଉଛି। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୁଷଣ ଓ ଜଙ୍ଗଲର ଦ୍ରୁତ କ୍ଷୟ ପରିବେଶ ଏବଂ ମାନବ ସମାଜ ପ୍ରତି ସୃଷ୍ଟି କରୁଛି ମହାବିପଦ। ଏସବୁ ପ୍ରଦୂଷଣରୁ ସୃଷ୍ଟି ହେଉଥିବା ସମସ୍ୟା ଓ ସମାଧାନ ପାଇଁ ଆନ୍ତର୍ଜାତିକ ସ୍ତରରେ ଅନେକ ଉଦ୍ୟମ କରାଯାଉଛି। କିନ୍ତୁ ସମାଜରେ ଦେଖାଦେଉଥିବା ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟା ପ୍ରତି ଜନସଚେତନତା ଏବେଠାରୁ ସୃଷ୍ଟି ହେବା ଦରକାର। ବିତ୍ତୀୟ ପ୍ରଦୂଷଣ ହେଉଛି ବିଭିନ୍ନ ଆର୍ଥିକ ଅବୈଧ କାର୍ଯ୍ୟକଳାପ, ଯାହା ଦେଶର ଅର୍ଥବ୍ୟବସ୍ଥାକୁ ଦୁର୍ବଳ କରେ ଏବଂ ସାଧାରଣ ଜନତାଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଏ।

ଆର୍ଥିକ କାରବାରରେ ଅନିୟମିତତା, ଭ୍ରଷ୍ଟାଚାର, ଟିକସ ଫାଙ୍କି, କଳାଧନ, ଋଣର ଅପବ୍ୟବହାର, ବ୍ୟାଙ୍କ ଠକାମୀ, ଷ୍ଟକ ବଜାରରେ ହସ୍ତକ୍ଷେପ ପରି ଅନେକ ଅବୈଧ କାର୍ଯ୍ୟକଳାପ ବିତ୍ତୀୟ ପ୍ରଦୁଷଣ ଅନ୍ତର୍ଭୁକ୍ତ। ବିତ୍ତୀୟ ପ୍ରଦୂଷଣ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବା ସହିତ ରାଜନୀତି, ସାମାଜିକ ନ୍ୟାୟ, ସମାଜରେ ସମାନତା ଓ ସର୍ବୋପରି ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରେ। କିଛି ରାଜନୈତିକ ନେତା, ଅଧିକାରୀ, ଅସାଧୁ ବ୍ୟବସାୟୀ ପରିସ୍ଥିତିର ଦୁରୁପଯୋଗ କରି ଅନୁଚିତ ଭାବେ ଅର୍ଥ ଅର୍ଜନ କରନ୍ତି। ଭ୍ରଷ୍ଟାଚାର ଅନୈତିକ କାମକୁ ପ୍ରୋତ୍ସାହିତ କରିଥାଏ। ଭ୍ରଷ୍ଟାଚାର ବଢ଼ିଲେ ସମାଜରେ ଅସ୍ଥିରତା ଓ ଅରାଜକତା ଦେଖାଦିଏ। ସେହିଭଳି ଭାରତରେ ବିପୁଳ ପରିମାଣର କଳା ଧନ ଅଛି। ଅବୈଧ ଉପାୟରେ ଅର୍ଜିତ ଧନ, ଯାହା ଟିକସର ପରିସର ଭୁକ୍ତ ହୋଇନଥାଏ, ତାହା ଦେଶ ଭିତରେ କିମ୍ବା ବାହାରେ ଗୁପ୍ତ ଭାବରେ କାରବାର କରାଯାଏ। ଜଟିଳ ଟିକସ ନିୟମରେ ଥିବା ଦୁର୍ବଳତାର ଫାଇଦା ଉଠାଇ କିଛି ବ୍ୟକ୍ତି ଟିକସ ପ୍ରଦାନରେ ହେରଫେର କରନ୍ତି। ବ୍ୟାଙ୍କରୁ ଋଣ ନେଇ ଫେରସ୍ତ ନକରିବା, ଜାଲ କାଗଜପତ୍ର ବ୍ୟବହାର କରି ଠକିବା ଆଦି ଜରିଆରେ ମଧ୍ୟ କିଛି ଲୋକଙ୍କ ପାଖକୁ ସହଜରେ ଟଙ୍କା ଆସିଯାଏ ଏବଂ ତାହାର ଦୁରୁପଯୋଗ ହୁଏ।

ସେହିଭଳି ଆଉ କେତେକ ବିତ୍ତୀୟ ପ୍ରଦୂଷଣ ଷ୍ଟକ ମାର୍କେଟରୁ ସୃଷ୍ଟି ହୁଏ। ନିଜକୁ ସୁହାଇଲା ପରି କୃତ୍ରିମ ଭାବେ ଷ୍ଟକର ମୂଲ୍ୟ ନିୟନ୍ତ୍ରଣ କରି ଆର୍ଥିକ ଅନିୟମିତା କରାଯାଏ। ଅବୈଧ ଭାବେ ଅର୍ଜିତ ଧନକୁ ବିଭିନ୍ନ ବ୍ୟବସାୟରେ ଖଟାଇ ବୈଧ ବୋଲି ପ୍ରମାଣ କରିବା ପ୍ରକ୍ରିୟା ହେଉଛି ମନି ଲଣ୍ଡରିଂ। ଏହାଦ୍ୱାରା ବିପୁଳ କଳାଧନକୁ ବୈଧ କରିବାର ପଥ ସୃଷ୍ଟି ହୁଏ। ନକଲି ନୋଟ ଦେଶର ଅର୍ଥନୀତି ପାଇଁ ବଡ଼ ଶତ୍ରୁ। ଏହାର ଅବୈଧ କାରବାର, ଆତଙ୍କବାଦୀ କାର୍ଯ୍ୟ ଓ ଅନ୍ୟାନ୍ୟ ଅପରାଧ କାର୍ଯ୍ୟକୁ ପ୍ରୋତ୍ସାହିତ କରିଥାଏ। ଆହୁରି ମଧ୍ୟ କେତେକ ପ୍ରଭାବଶାଳୀ ବ୍ୟକ୍ତି ନିଜର ରାଜନୈତିକ ଶକ୍ତି ପ୍ରୟୋଗ କରି ଅବୈଧ ଆର୍ଥିକ କାରବାରକୁ ପ୍ରୋତ୍ସାହନ ଦେବା ଦ୍ୱାରା ଅନୈତିକ କାର୍ଯ୍ୟ ବୃଦ୍ଧି ପାଏ।

ବିତ୍ତୀୟ ପ୍ରଦୂଷଣ ଦେଶର ସାମାଜିକ ଓ ଅର୍ଥନୈତିକ ବୃଦ୍ଧିରେ ବାଧକ ହୋଇଥାଏ। ଏହାଦ୍ୱାରା ସମାଜରେ ସୃଷ୍ଟି ହୁଏ ଅର୍ଥନୈତିକ ଅସମତା। କିଛି ଲୋକ ଅନେକ ଅର୍ଥ ଅନୁଚିତ ଉପାୟରେ ଅର୍ଜନ କରି ଏହାକୁ ଗୁପ୍ତ ରଖିବା ଫଳରେ ଦେଶର ଆର୍ଥିକ ଏବଂ ସାମାଜିକ ସମତାକୁ ପ୍ରଭାବିତ ହୁଏ। ଧନୀ ଓ ଗରିବଙ୍କ ମଧ୍ୟରେ ଦୂରତା ବଢ଼ି ଚାଲେ। ଆର୍ଥିକ ଅସମତା ହେତୁ ସମାଜରେ ଅସନ୍ତୋଷ, ଅଶାନ୍ତି ଓ ଅସ୍ଥିରତା ବୃଦ୍ଧି ପାଏ।

ଭ୍ରଷ୍ଟାଚାର ଓ ଅନିୟମିତତା କାର୍ଯ୍ୟ ଦକ୍ଷତା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଭ୍ରଷ୍ଟ ଅଧିକାରୀମାନେ ଲାଞ୍ଚ ନେଇ ଅନୈତିକ କାମକୁ ପ୍ରଶ୍ରୟ ଦିଅନ୍ତି। ଫଳରେ ସମାଜର ଉନ୍ନତିମୂଳକ କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଏ। ବିତ୍ତୀୟ ପ୍ରଦୂଷଣ ହେତୁ ଉଭୟ ଦେଶୀ ଓ ବିଦେଶୀ ନିବେଶକ ଭାରତରେ ନିବେଶ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଏହାର ପ୍ରଭାବ ଜାତୀୟ ଅର୍ଥନୀତିରେ ପ୍ରତିଫଳିତ ହୁଏ। ଦେଶର ସାମୂହିକ ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରେ। କଳା ଧନ ଓ ଅବୈଧ ବ୍ୟବସାୟ ଆତଙ୍କବାଦୀ କାର୍ଯ୍ୟ ଓ ଅପରାଧକୁ ଉତ୍ସାହିତ କରେ। ଅପରାଧୀ ଓ ଆତଙ୍କବାଦୀମାନଙ୍କ ପାଖକୁ ଅର୍ଥ ଆସିଲେ ସେମାନେ ହିଂସାତ୍ମକ କାର୍ଯକଳାପରେ ଲିପ୍ତ ରହି ସମାଜରେ ଅରାଜକତା ସୃଷ୍ଟି କରନ୍ତି।

ବିତ୍ତୀୟ ପ୍ରଦୂଷଣ ଜନିତ ସମସ୍ୟାଗୁଡ଼ିକଠାରୁ ମୁକ୍ତ ରହିବାକୁ ଭ୍ରଷ୍ଟାଚାର ବିରୁଦ୍ଧରେ ଦୃଢ଼ ଆଇନ ପ୍ରଣୟନ, ତ୍ୱରିତ ନ୍ୟାୟ ପ୍ରଦାନ, ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ସହ ଜନସଚେତନତାର ଆବଶ୍ୟକ ରହିଛି। ବିତ୍ତୀୟ ପ୍ରଦୁଷଣ ଦେଶର ପ୍ରଗତିରେ ପ୍ରତିବନ୍ଧକ ହୋଇଥିବାରୁ ଏହାକୁ ଦୂର କରିବା ପାଇଁ ସରକାର, ପ୍ରଶାସନ ଏବଂ ସାଧାରଣ ଲୋକମାନଙ୍କ ଉଦ୍ୟମ ଆବଶ୍ୟକ।

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

## ରଙ୍ଗ ଓ ବ୍ୟକ୍ତିତ୍ୱ

**ଶ୍ରୀନନ**

ବିବିଧ ରଙ୍ଗ ପ୍ରତି ଆମର ଆକର୍ଷଣ ଜନ୍ମଗତ। ଅବଶ୍ୟ ବ୍ୟକ୍ତିଠାରୁ ବ୍ୟକ୍ତି ଏବଂ ସ୍ଥଳବିଶେଷ ଉପରେ ନିର୍ଭର କରି ଏହା ଭିନ୍ନ ଭିନ୍ନ ହୋଇଥାଏ। ସେଥିପାଇଁ କାହାର ନୀଳରଙ୍ଗ ଅଧିକ ପସନ୍ଦ ହେଲା ବେଳେ ଆଉ କାହାର ଲାଲ୍ ବା ହଳଦିଆ....। ରଙ୍ଗ ହେଲା ଭିନ୍ନ ଭିନ୍ନ ତରଙ୍ଗ ଲମ୍ବଯୁକ୍ତ ଆଲୋକ। ଗୋଟିଏ ବସ୍ତୁ ଉପରେ ଆଲୋକ ରଶ୍ମିଟିଏ ପତିତ ହେଲେ ତହିଁରେ ଥିବା ବିଭିନ୍ନ ରଙ୍ଗ (ଯେପରିକି ସୂର୍ଯ୍ୟ ରଶ୍ମିର ସାତ ରଙ୍ଗ) ମଧ୍ୟରୁ ଯେଉଁଟିକୁ ତାହା ଶୋଷଣ ନ କରି ପ୍ରତିଫଳିତ କରିଦିଏ ଆମେ କେବଳ ସେହିଟିକୁ ଦେଖୁ। ଅତଏବ ବସ୍ତୁଟିର ରଙ୍ଗ ଆମକୁ ସେହି ଅନୁସାରେ ଦେଖାଯାଏ।

ବୈଜ୍ଞାନିକମାନଙ୍କ ମତରେ ବିଭିନ୍ନ ରଙ୍ଗ ଆମକୁ ବିଭିନ୍ନ ରୂପେ ପ୍ରଭାବିତ କରେ। ଯେପରିକି ଆମ ମାନସିକ ଅବସ୍ଥା, ନିଦ୍ରାର ଢଙ୍ଗ, ରକ୍ତ ଚାପ ଓ ଯୌନ ଜୀବନକୁ ମଧ୍ୟ। ଆମେ ଆଖି ବନ୍ଦ ରଖିଲେ ବି ଆମ ଉପରେ ଏହାର କିଛିଟା ପ୍ରଭାବ ରହିଥାଏ। ରଙ୍ଗ ଆମ ଚକ୍ଷୁଷ ସ୍ମୃତିକୁ ଏବଂ ଚେତନାର ସ୍ତରକୁ ପରିବର୍ଦ୍ଧିତ କରେ ବିଭିନ୍ନ ରୂପେ। ଉଦାହରଣ ସ୍ୱରୂପ, ସାଧାରଣତଃ ଲାଲ୍ ରଙ୍ଗ ଦେଖିଲା ବେଳେ ସବୁଜ ତୁଳନାରେ ଆମ ମନସ୍ତାତ୍ତ୍ୱିକ ଚେତନା ଅଧିକ ଉତ୍ତୋଳିତ ହୁଏ। ଅନ୍ୟ ପକ୍ଷରେ ଲାଲରଙ୍ଗ ଆମ ନକାରାତ୍ମକ ସ୍ମୃତିକୁ ପରିବର୍ଦ୍ଧିତ କଲା ବେଳେ ନୀଳରଙ୍ଗ ସକାରାତ୍ମକ ସ୍ମୃତିକୁ ସେପରି କରେ ବୋଲି କୁହାଯାଏ। ଅନ୍ୟାନ୍ୟ ରଙ୍ଗ ମଧ୍ୟ ଭିନ୍ନ ଭିନ୍ନ ଭାବେ ଆମ ଭାବପ୍ରବଣତା ସହିତ ସଂପୃକ୍ତ ନାନା ପ୍ରକାର ସ୍ମୃତିକୁ ଉଦ୍ଦୀପିତ କରନ୍ତି।

### ବିଜ୍ଞାନ ବାର୍ତ୍ତା

ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ରଙ୍ଗ ଅଧିକ ପସନ୍ଦ ହୋଇଥିବାର ଦେଖାଯାଏ। ତହିଁରୁ ତାଙ୍କର ବ୍ୟକ୍ତିତ୍ୱ ସମ୍ପର୍କରେ କିଛିଟା ସୂଚନା ମିଳିଥାଏ। **ନୀଳ-** ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକେ ସାଧାରଣତଃ ଚିନ୍ତାଶୀଳ ଏବଂ ବିଚାରବନ୍ତ ହୋଇଥା'ନ୍ତି। ତାଙ୍କର ସ୍ୱଭାବ ଶାନ୍ତ ହୋଇଥାଏ ଏବଂ ତାଙ୍କର ବିଶ୍ୱାସଯୋଗ୍ୟତା ତାଙ୍କୁ କର୍ମକ୍ଷେତ୍ରରେ ନେତୃତ୍ୱ ନେବା ତଥା ଅନ୍ୟମାନଙ୍କୁ ନିଜ ପ୍ରତି ଆକର୍ଷିତ କରିବା ସମ୍ଭବ କରିଥାଏ। ସେମାନେ ମଧ୍ୟ ସହକର୍ମୀମାନଙ୍କର ପ୍ରିୟଭାଜନ ହୋଇଥା'ନ୍ତି। **ଲାଲ୍-** ଏହାକୁ ପସନ୍ଦ କରୁଥିବା ଲୋକେ ସାହାସୀ ଏବଂ ଦୃଢ଼ ନିଷ୍ପତ୍ତି ନେବାକୁ ସକ୍ଷମ ହୋଇଥା'ନ୍ତି। ସେମାନେ କର୍ମଦିଗାଭିମୁଖୀ ତଥା ଦାୟିତ୍ୱସଂପନ୍ନ ଅଟନ୍ତି। ତାଙ୍କର ଇଚ୍ଛାଶକ୍ତି ତାଙ୍କୁ ପରିସ୍ଥିତିର ସମ୍ମୁଖୀନ ହୋଇ ଲକ୍ଷ୍ୟସାଧନ କରିବାରେ ସହାୟକ ହୁଏ। **ହଳଦିଆ-** ଏ ରଙ୍ଗକୁ ଭଲ ପାଉଥିବା ଲୋକେ ସଦାବେଳେ ଖୁସି ମିଜାସର ଏବଂ ଦୃଢ଼ମନା ହୋଇଥା'ନ୍ତି। ଆଶାବାଦୀ ମନୋଭାବ ତାଙ୍କୁ ଗଭୀରଭାବେ ସକାରାତ୍ମକ ଚିନ୍ତା କରିବାକୁ ସମର୍ଥ କରିଥାଏ। **ସବୁଜ-** ଏହାର ପସନ୍ଦକାରୀମାନେ ସାଧାରଣତଃ ସର୍ବଦା ସନ୍ତୁଳିତ ମନୋଭାବସମ୍ପନ୍ନ ଏବଂ ସଚ୍ଚୋଟ ହୋଇଥା'ନ୍ତି। ସମସ୍ୟା ସମାଧାନ କରିବାରେ ଦକ୍ଷତା ଏବଂ ସୃଜନାତ୍ମକ ମାନସିକତା ଏମାନଙ୍କର ଆଉ ଦୁଇଟି ବିଶେଷଗୁଣ। **ନାରଙ୍ଗୀ-** ଏ ରଙ୍ଗକୁ ପସନ୍ଦ କରୁଥିବା ଲୋକମାନେ କଠୋର ପରିଶ୍ରମୀ ଏବଂ ଧୈର୍ଯ୍ୟବାନ୍। ସେମାନେ ସାହାସର ସହିତ ଯେକୌଣସି ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। **ବାଇଗଣୀ-** ଏହାକୁ ଭଲ ପାଉଥିବା ଲୋକେ କଳ୍ପନାପ୍ରବଣ ଅଟନ୍ତି। ସେମାନଙ୍କ ଚିନ୍ତାଶକ୍ତି ପ୍ରଖର। ତାଙ୍କର ସୃଜନାତ୍ମକ ଦକ୍ଷତା ଓ ଦୂରଦୃଷ୍ଟି ତାଙ୍କୁ ଅନ୍ୟମାନଙ୍କୁଠାରୁ ଭିନ୍ନ ରୂପେ ପ୍ରତିପାଦିତ କରେ। **ଗୋଲାପୀ-** ଏରଙ୍ଗର ପସନ୍ଦକାରୀମାନଙ୍କ ଆଚରଣ ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ। ସହକର୍ମୀମାନଙ୍କ ପ୍ରତି ସଂବେଦନଶୀଳ ହୋଇଥିବାରୁ ସଫଳତା ସହ ଅନ୍ୟମାନଙ୍କ ସହ ମିଶି କାର୍ଯ୍ୟ ସଂପାଦନ କରିପାରନ୍ତି। ଏମାନେ ଲୋକପ୍ରିୟ ଓ ସୃଜନଶୀଳ ଏବଂ ନେତୃତ୍ୱ ନେବାରେ ଦକ୍ଷ।

**କଳା-** ଏଥିପ୍ରତି ଆକୃଷ୍ଟ ହେଉଥିବା ଲୋକମାନେ ଦୃଢ଼ ମାନିକତା ସମ୍ପନ୍ନ ଏବଂ ଆତ୍ମନିର୍ଭରଶୀଳ। କୌଣସି କାର୍ଯ୍ୟ କଲା ବେଳେ ସେମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେଇଥା'ନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହେବାକୁ ସଦା ପ୍ରସ୍ତୁତ ଥା'ନ୍ତି। **ଧଳା-** ଏରଙ୍ଗର ପସନ୍ଦକାରୀମାନେ ଶାନ୍ତ ଓ ସକାରାତ୍ମକ। ଏମାନଙ୍କ କାର୍ଯ୍ୟଭଙ୍ଗୀ ସୁଶୃଙ୍ଖଳିତ। ଏମାନେ ସଦାସର୍ବଦା ଧୀରସ୍ଥିର ରହୁଥିବାରୁ ଅନ୍ୟମାନଙ୍କର ବିଶ୍ୱାସଭାଜନ ହୋଇଥା'ନ୍ତି। **ସ୍ୱର୍ଣ୍ଣାଭ-** ଏଥିପ୍ରତି ଆକର୍ଷିତ ହେଉଥିବା ଲୋକେ ସାଧାରଣତଃ ଆଡ଼ମ୍ବର ପୂର୍ଣ୍ଣ ଜୀବନ ପ୍ରତି ଆଗ୍ରହୀ। ସେମାନେ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ କଠୋର ପରିଶ୍ରମ କରନ୍ତି ଏବଂ ଆତ୍ମସମ୍ମାନକୁ ଗୁରୁତ୍ୱ ଦିଅନ୍ତି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶପଥ ନେଲେ ଜଷ୍ଟିସ...

ପାଠକଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଥିଲା। ଜୁଲାଇ ୧୪ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯିବା ପରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା।

୧୯୬୫ ଅଗଷ୍ଟ୨୮ରେ ଗୌହାଟୀରେ ଜନ୍ମିତ ଜଷ୍ଟିସ୍ ପାଠକ ବେଙ୍ଗାଲୁରୁର ସେଣ୍ଟ ଯୋସେଫସ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲଏଲବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ସେପ୍ଟେମ୍ବର ୧୨ରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇଥିଲେ। ୨୦୧୩ ମେ' ୨୨ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ଥିଲେ। ଜଷ୍ଟିସ୍ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି। ପ୍ରଥମ ଦିନରେ ମୁଖ୍ୟ ବିଚାରପତିଙ୍କ ସହ ଜଷ୍ଟିସ ପାଠକ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିଛନ୍ତି।

## ଉପରାଷ୍ଟ୍ରପତି ଧନଖଡ଼ଙ୍କ...

୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ରାଜ୍ୟପାଳ ଥିଲେ। ଗତ ମାର୍ଚ୍ଚ ମାସରେ ହୃଦ୍‌ରୋଗ କାରଣରୁ ଧନଖଡ଼ ଏମ୍ସରେ ଭର୍ତ୍ତି ହୋଇଥିଲେ। ଗତମାସ କୁମାଓଁ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ଅଚେତ ହୋଇପଡ଼ିଥିଲେ। ସେବେଠାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନଥିଲା।

ବିଶିଷ୍ଟ ଆଇନଜୀବୀ ରୂପେ ପରିଚିତ ଧନଖଡ଼ ତାଙ୍କର ରାଜନୈତିକ ଜୀବନ ଜନତା ଦଳ ଓ କଂଗ୍ରେସରୁ ଆରମ୍ଭ କରିଥିଲେ। ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ସେ ଜନତା ଦଳର ଲୋକସଭା ସଭ୍ୟ ଥିଲେ ଏବଂ ୧୯୯୦ରୁ ୧୯୯୧ ମଧ୍ୟରେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ଥିଲେ। ୧୯୯୧ରେ କଂଗ୍ରେସରେ ଯୋଗଦେଇଥିଲେ। ୧୯୯୩ରୁ ୧୯୯୮ ପର୍ଯ୍ୟନ୍ତ ସେ ରାଜସ୍ଥାନ ବିଧାନସଭାରେ ବିଧାୟକ ଥିଲେ। ୨୦୦୩ରେ ସେ ବିଜେପିରେ ଯୋଗଦେଇଥିଲେ। ୨୦୧୯ ରେ ତାଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା।

ପଶ୍ଚିମବଙ୍ଗ ରାଜ୍ୟପାଳ ଥିବା ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହିତ ତାଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ୨୦୨୨ରେ ଉପରାଷ୍ଟ୍ରପତି ହେବାପରେ ମଧ୍ୟ ସେ ବିଭିନ୍ନ କାରଣକୁ ନେଇ ଚର୍ଚ୍ଚାରେ ଥିଲେ। ଗୃହ ପରିଚାଳନାରେ ପାତରଅନ୍ତର ଆଭିମୁଖ୍ୟ ଅଭିଯୋଗ କରି ବିରୋଧୀ ଦଳ ତାଙ୍କ ବିରୋଧରେ ଗତବର୍ଷ ଡିସେମ୍ବରରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ତେବେ ଅନାସ୍ଥା ନୋଟିସକୁ ଖାରଜ କରିଦେଇଥିଲେ ରାଜ୍ୟସଭା ଉପାଧ୍ୟକ୍ଷ। ଧନଖଡ଼ ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଖୋଲାଖୋଲି ଓକିଲାତି କରିବା ସହିତ ବିଚାର ବିଭାଗୀୟ ବ୍ୟବସ୍ଥାକୁ ଟାର୍ଗେଟ କରୁଥିଲେ। ଏପରିକି ସୁପ୍ରିମ କୋର୍ଟଙ୍କ ଅନେକ ଆଦେଶ/ରାୟର ସେ ସମାଲୋଚନା କରିବାକୁ ମଧ୍ୟ ପଛାଇନଥିଲେ। ରାଜ୍ୟ ବିଧାନସଭାରେ ଗୃହୀତ ବିଲକୁ ଅନୁମୋଦନ ପାଇଁ ସୁପ୍ରିମକୋର୍ଟ ଉଭୟ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିଥିବାରୁ ଧନଖଡ଼ ଏହାର ତୀବ୍ର ସମାଲୋଚନା କରିବା ସହିତ ଏହାକୁ ପରମାଣୁ ଅସ୍ତ୍ର ସହ ତୁଳନା କରିଥିଲେ।

## ଆରମ୍ଭରୁ ହଙ୍ଗାମା...

ସେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଅନୁମତି ଦେଇଥିଲେ। ଖଡ଼ଗେ କହିଥିଲେ ଯେ ପହଲଗାମରେ ଆକ୍ରମଣ କରିଥିବା ଆତଙ୍କବାଦୀ କୁଆଡ଼େ ଗଲେ? ସେମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ କାହିଁକି? ଉପରାଜ୍ୟପାଳ କହୁଛନ୍ତି ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମ ଆକ୍ରମଣ ହେଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୪ ଥର କହିଲେଣି ଯେ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ କିଛି କହୁ ନାହାନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତୁରନ୍ତ ଆଲୋଚନା ହେଉ ଏବଂ ପ୍ରଧାନମନ୍ତ୍ରୀ ଏହା ଉପରେ ଉତ୍ତର ରଖନ୍ତୁ। ଏହାପରେ ଗୃହର ନେତା ତଥା ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା କହିବା ଆରମ୍ଭ କରିଥିଲେ। ଏହାକୁ ନେଇ ଶାସକ ଓ ବିରୋଧୀ ସଭ୍ୟ ମୁହାଁମୁହିଁ ହୋଇଥିବା ବେଳେ ନଡ୍ଡା କହିଥିଲେ ଯେ କେବଳ ତାଙ୍କ କଥା ରେକର୍ଡଭୁକ୍ତ ହେବ ଏବଂ ବିରୋଧୀ କଥା ରେକର୍ଡକୁ ନିଆଯିବ ନାହିଁ। ସେହିଭଳି ଲୋକସଭା ମୁଲତବୀ ହେବାପରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଥିଲେ ଯେ ଗୃହରେ ତାଙ୍କୁ କହିବା ଲାଗି ସୁଯୋଗ ଦିଆଯାଉ ନାହିଁ। ମନ୍ତ୍ରୀ ଓ ସେମାନଙ୍କ (ବିଜେପି) ସଭ୍ୟଙ୍କୁ କହିବାକୁ ଦିଆଯାଉଛି। କିନ୍ତୁ ସେ ବିରୋଧୀ ଦଳର ନେତା ହେବା ସତ୍ତ୍ୱେ କହିବାକୁ ସୁଯୋଗ ଦିଆଉ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ ସରକାର ଅପରେସନ ସିନ୍ଦୂର ପ୍ରସଙ୍ଗରେ ଆସନ୍ତା ସପ୍ତାହ ଆଲୋଚନା କରିବାକୁ ରାଜି ହୋଇଛନ୍ତି। ଲୋକସଭାରେ ଏଥିପାଇଁ ୧୬ ଘଣ୍ଟା ଏବଂ ରାଜ୍ୟସଭାରେ ୯ ଘଣ୍ଟା ସମୟ ଦିଆଯାଇଛି। ଅନ୍ୟାନ୍ୟ ସରକାରୀ ବିଲ ଉପରେ ଆଲୋଚନା ପାଇଁ ୧୨ ଘଣ୍ଟା ସମୟ ନିର୍ଦ୍ଧାରିତ କରାଯାଇଥିବା ଜଣାପଡ଼ିଛି। ଚଳିତ ସପ୍ତାହ ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରେ ଯାଉଥିବାରୁ ଅସନ୍ତା ସପ୍ତାହ ଏହା ଉପରେ ଆଲୋଚନା ହେବ ବୋଲି କୁହାଯାଉଛି। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅକ୍ଷତାରେ ଅନୁଷ୍ଠିନ ଗୃହ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଲୋକସଭାରେ ହଟ୍ଟଗୋଳ ମଧ୍ୟରେ କଂଗ୍ରେସ ସାଂସଦ ସପ୍ତଗିରି ଉଲାକା ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ ପ୍ରସଙ୍ଗରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଆଗତ କରିଥିଲେ। ଏସଂପର୍କରେ ବାଚସ୍ପତିଙ୍କୁ ଦେଇଥିବା ନୋଟିସରେ ସାଂସଦ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ଛାତ୍ରୀଙ୍କୁ ଦୀର୍ଘ ଦିନ ଧରି ନିର୍ଯ୍ୟାତନା ଦିଆଯାଉଥିଲା। ସେ ଏସଂପର୍କରେ କଲେଜ ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି ଶୁଣିନଥିଲେ। ଫଳରେ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ଦେଲେ। ଏଭଳି ଭୟଙ୍କର ଓ ଚିନ୍ତାଜନକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଇତିମଧ୍ୟରେ ସଂସଦ ମୁଲତବୀ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର କିଛି ବରିଷ୍ଠ କ୍ୟାବିନେଟ ମନ୍ତ୍ରୀଙ୍କ ସହିତ ଅଲୋଚନା କରିଛନ୍ତି। ଏହାପରେ ମନ୍ତ୍ରୀମାନଙ୍କର ଏକ ବୈଠକ ହୋଇଥିଲା। ଏଥିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥ ମନ୍ତ୍ରୀ ନିର୍ମଳା ଶୀତାମରଣ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, ଶିବରାଜ ସିଂହ ଚୌହାନ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କିରଣ ରିଜିଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ଇଡିକୁ ସୁପ୍ରିମକୋର୍ଟଙ୍କ...

ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ହାଇକୋର୍ଟଙ୍କ ଏକକ ଖଣ୍ଡପୀଠ ଦେଇଥିବା ରାୟରେ କୌଣସି ତ୍ରୁଟି ନାହିଁ। ତଥ୍ୟକୁ ଦେଖି ମାମଲାକୁ ଖାରଜ କରାଯାଉଛି। ଇଡି ଉପରେ କୌଣସି ଅପ୍ରୀତିକର ମନ୍ତବ୍ୟ ଦେଇ ନ ଥିବାରୁ ଏଏସଜିଙ୍କୁ ସୁପ୍ରିମକୋର୍ଟ ଧନ୍ୟବାଦ ଦେଇଛନ୍ତି।

## ଜେଲ ଗଲେ ଛାତ୍ର...

ଭିଡିଓ ଭାଇରାଲ ହୋଇଛି। ଏହି ଭିଡ଼ିଓରେ ପୀଡ଼ିତା ଓ ତଙ୍କର ବାନ୍ଧବୀଙ୍କ ସହ ଉଦିତ୍ ଓ ତାଙ୍କର ବନ୍ଧୁ ଆୟୁଷ୍ମାନ ଦେଖିବାକୁ ମିଳିଛି। ଏହି ଭିଡ଼ିଓ ଏବଂ ଫଟୋ ଭାଇରାଲ ହେବା ପରେ ଭିଡ଼ିଓ କରି ମୁହଁ ଖୋଲିଛନ୍ତି ଆୟୁଷ୍ମାନ। ସେ କହିଛନ୍ତି ଯେ, ଥାନାରେ ଦେଇଥିବା ଝିଅ କାହିଁ କେସ୍ ଦେଲା କଣ ପାଇଁ ଦେଲା ସେ ଜାଣିନାହାନ୍ତି; ତାଙ୍କର ଏଥିରେ କିଛି ଭୂମିକା ନାହିଁ। ମୁଁ ଆଉ ମୋ ସାଙ୍ଗ ହାଉସ୍ ପାର୍ଟି ପାଇଁ ଡାକିଥିଲୁ। ସେ ସେଠି ଡ୍ରିଙ୍କସ୍ ଏବଂ ସ୍ମୋକିଙ୍ଗ୍ କରେ। ଭାଇରାଲ ହୋଇଥିବା ଫଟୋ ଭିଡ଼ିଓରେ ସେଭଳି କିଛି ହୋଇନାହିଁ। ମୋର ଓ ମୋ ବନ୍ଧୁଙ୍କର ତା ସହ କୌଣସି ସମ୍ପର୍କ ନାହିଁ।

ଏନେଇ କମିଶନରେଟ ପୁଲିସ ଜୋନ ୫ ଏସିପି ବିଶ୍ୱରଞ୍ଜନ ସେନାପତି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗିରଫ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦୁଷ୍କର୍ମ ଶିକାର ହୋଇଥିବା ଯୁବତୀ ଜଣକ ରବିବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନାରେ ଏନେଇ ଅଭିଯୋଗ କରିଥିଲେ। ମାର୍ଚ୍ଚ ୧୮ ତାରିଖରେ ସମ୍ପୃକ୍ତ ଯୁବତୀ ତାଙ୍କର ଜଣେ ପୁଅ ସାଙ୍ଗ ଏବଂ ଜଣେ ଝିଅ ସାଙ୍ଗ ବୁଲିବାକୁ ଡାକିଥିଲେ। ସମସ୍ତେ ୪ ଚକିଆ ଗାଡିରେ ବୁଲିବାକୁ ଯାଇଥିଲେ। ମାଷ୍ଟରକ୍ୟାଣ୍ଟିନ ପାଖରେ ଅନ୍ୟ ଜଣେ ଯୁବକ ଉଠିଥିଲେ। ଯୁବତୀ ଜଣକ ତାଙ୍କୁ ଚିହ୍ନି ନ ଥିଲେ ହେଁ ପରେ ସେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ବୋଲି ଜାଣିଥିଲେ। ସମସ୍ତେ ମଞ୍ଚେଶ୍ୱର ଅଞ୍ଚଳରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେଠାରେ ଅନ୍ୟମାନେ ମଦ୍ୟପାନ କରିଥିଲେ। ସେ ମଦ୍ୟପାନ ନ କରିବାରୁ ଉଦିତ ପ୍ରଧାନ ତାଙ୍କୁ ଏକ କୋଲ୍ଡ ଡ୍ରିଙ୍କ୍ସ ଆଣି ଦେଇଥିଲେ। କୋଲ୍ଡ ଡ୍ରିଙ୍କ୍ସ ପିଇବା ପରେ ସେ ଅଶ୍ୱସ୍ତି ଅନୁଭବ କଲେ। ହୋସ ଫେରିବା ପରେ ତାଙ୍କ ସହ ଦୁଷ୍କର୍ମ ହୋଇଥିବା ସେ ଜାଣି ପାରିଥିଲେ। ତାଙ୍କ ପାଖରେ ଉଦିତ୍ ମଧ୍ୟ ଶୋଇଥିଲେ। ଏହା ପରେ ଉଦିତ ତାଙ୍କୁ ଗାଳି ଗୁଲଜ କରିବା ସହ ପୁଲିସରେ ନ କହିବାକୁ ଧମକ ଦେଇଥିଲେ। ତେଣୁ ସେ ଭୟରେ ପୁଲିସରେ ଅଭିଯୋଗ ଆଣି ନ ଥିଲେ। ହେଲେ ଏବେ ମହିଳାଙ୍କ ସୁରକ୍ଷାକୁ ନେଇ ଏତେ ଘଟଣା ସାମ୍ନାକୁ ଆସିବା ପରେ ସେ ପୁଲିସ ନିକଟକୁ ଆସିବା ପାଇଁ ସାହସ କରି ପାରିଛନ୍ତି ବୋଲି ପୀଡ଼ିତା ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଏତଲା ଆଧାରରେ ପୁଲିସ ଉଦିତ ପ୍ରଧାନଙ୍କ ବିରୋଧରେ ମଞ୍ଚେଶ୍ୱର ଥାନାରେ ଏକ ମାମଲା (ନଂ-୪୧୯) ରୁଜୁ କରିଛି। ଉଦିତଙ୍କ ବିରୋଧରେ ବିଏନ୍ଏସ୍ ଧାରା ୬୧(୧), ୧୨୩ ୩, ୨୯୬, ୭୪, ୩୫୧(୨) ଲଗାଯାଇଛି। ଗତ ଫେବ୍ରୁଆରୀ ୧ ତାରିଖରେ ଉଦିତ ଓ ଅନ୍ୟମାନେ ମିଳିତ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ମୁଖ୍ୟ ମୋହନ ଭାଗବତଙ୍କ କାରକେଡକୁ ଅଟକେଇବାକୁ ଚେଷ୍ଟା କରିଥିଲେ। କାରକେଡ୍ ସାମ୍ନାରେ କଳା ପତାକା ଦେଖାଇ ହୋ ହଲ୍ଲା କରିବା ସହ କାର୍ଯ୍ୟରତ ଜଣେ ସବଇନ୍ସପେକ୍ଟରଙ୍କୁ ମାଡ଼ ମାରିଥିଲେ। ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ ଗିରଫ କରିଥିଲା।

## ତିନି ଆର୍‌ଡିସି ଅଫିସ୍...

ଦୀର୍ଘ ୬ ମାସ ଲଢ଼ିବା ପରେ ଶେଷରେ ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମଦାହ କରିବା ଘଟଣା ସମଗ୍ର ଦେଶରେ ରାଜ୍ୟ ପାଇଁ ଲଜ୍ଜା ଓ ନିନ୍ଦା ଆଣିଛି। ଏଫଏମ କଲେଜ ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ, ପୁରୀ ଜିଲ୍ଲାର ବଳଙ୍ଗାଠାରେ ଗୋଟିଏ ନାବାଳିକାକୁ ଜିଅନ୍ତା ଜାଳିଦେବା ଉଦ୍ୟମ ଭଳି ହୃଦୟବିଦାରକ ଘଟଣା ଲୋକଲୋଚନକୁ ଆସିଛି। ଦୁଷ୍କର୍ମ, ଗଣଦୁଷ୍କର୍ମ ସଂପ୍ରତି ରାଜ୍ୟରେ ଏକ ନିତିଦିନିଆ ଘଟଣା ହୋଇଛି। ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି।

କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ସୁଦାମ ମାରାଣ୍ଡି, ପ୍ରଣବ ବଳବନ୍ତରାୟ, ସୁଲୋଚନା ଦାସ, ସୁବାସ ସିଂ, ଦେବାଶିଷ ସାମନ୍ତରାୟ, ପ୍ରଫୁଲ୍ଲ ସିଂ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସୁଭାଶିଷ ଖୁଣ୍ଟିଆ, ସଞ୍ଜୀବ ମଲ୍ଲିକ, ସୁଶାନ୍ତ ରାଉତ, ପ୍ରଶାନ୍ତ ବେହେରା, ଗଣେଶ୍ୱର ବେହେରା, ଧ୍ରୁବଚରଣ ସାହୁ, ସାରଦା ଜେନା, ରମାକାନ୍ତ ଭୋଇ, ରମେଶ ବେହେରା, ମଞ୍ଜୁଲତା ମଣ୍ଡଳ, ପ୍ରଫୁଲ୍ଲ ସାମଲ, ଅଂଶୁମାନ ମହାନ୍ତି, ସୁକାନ୍ତ ନାୟକ,ସ୍ୱରୂପ ଦାସ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଅଶୋକ ପଣ୍ଡା, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ରୁଦ୍ର ମହାରଥୀ, ତୁଷାରକାନ୍ତି ବେହେରା, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ରାଜେନ୍ଦ୍ର ଦାସ, ବାସନ୍ତୀ ହେମ୍ବ୍ରମ, ସାନନ୍ଦ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

ସମ୍ବଲପୁର ଆର୍‌ଡିସି ଅଫିସ୍ ସାମ୍ନାରେ ବିଜେଡିର ବିକ୍ଷୋଭରେ ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ, ରୋହିତ ପୂଜାରୀ, କଳିକେଶ ନାରାୟଣ ସିଂହଦେଓ, ପ୍ରଦୀପ ଅମାତ, ରଜନୀକାନ୍ତ ସିଂ, ନଳିନୀକାନ୍ତ ପ୍ରଧାନ, ବର୍ଷା ସିଂ ବରିହା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୀତା ସାହୁ, ଅଳକା ମହାନ୍ତି, ସାରଦା ନାୟକ, ସୁଧୀର ସାମଲ, ମୁକେଶ ପାଲ୍, ମହେଶ ସାହୁ, ଆୟୁବ ଖାନ୍, ଅଧିରାଜ ପାଣିଗ୍ରାହୀ, ଲମ୍ବୋଦର ନିଆଲ ପ୍ରମୁଖ ସାମିଲ ଥିଲେ।

ବ୍ରହ୍ମପୁର ଆର୍‌ଡିସି ଅଫିସ୍ ସମ୍ମୁଖରେ ବିଜେଡିର ବିକ୍ଷୋଭରେ ସଞ୍ଜୟ କୁମାର ଦାସବର୍ମା, ଚନ୍ଦ୍ରଶେଖର ସାହୁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରବି ନାରାୟଣ ନନ୍ଦ, ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ମନୋହର ରନ୍ଧାରୀ, ମାନସ ମାଡକାମୀ, ଝିନ ହିକକା, ରୂପେଶ ପାଣିଗ୍ରାହୀ, ଭାସ୍କର ରାଓ, ଜଗନ୍ନାଥ ସାରକା, ଚକ୍ରମଣୀ କହଁର, ବିକ୍ରମ ଆରୁଖ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସଙ୍ଘମିତ୍ରା ଦଲେଇ, ପ୍ରଫୁଲ୍ଲ ପାଙ୍ଗୀ, ପ୍ରଦୀପ କୁମାର ଦିଶାରୀ, ପୁଷ୍ପେନ୍ଦ୍ର ସିଂହଦେଓ, ପଦ୍ମିନୀ ଦିଆନ, ମନୋରମା ମହାନ୍ତି, ରଘୁନାଥ ଗମାଙ୍ଗୋ, ରମେଶ ମାଝୀ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣ ସ୍ୱାଇଁ, ମଞ୍ଜୁଳା ସ୍ୱାଇଁ, ସୁବାସ ବେହେରା, ବିପ୍ଳବ ପାତ୍ର, ସୂର୍ଯ୍ୟମଣୀ ବୈଦ୍ୟ, ତ୍ରମ୍ବନାଥ ପଣ୍ଡା, ଚକ୍ରମଣୀ କହଁର, ପ୍ରଭୁ ଜାନି, ନନ୍ଦିନୀ ଦେବୀ, ଶ୍ରୀ ଶ୍ରୀରୂପ ଦେବ ଅନୁସୂୟା ମାଝୀ ପ୍ରମୁଖ ସାମିଲ ଥିଲେ।

## ନାବାଳିକା ହକି...

ସହ ବିଚାରପତିଙ୍କ ନିକଟରେ ନାବାଳିକାକୁ ହାଜର କରାଯାଇ ତା'ର ବୟାନ ରେକର୍ଡ କରାଯାଇଛି। ପୁଲିସ ମଧ୍ୟ ଗତ ରବିବାର ରାତିରେ ନାବାଳିକାର ବୟାନ ରେକର୍ଡ କରିଥିଲା। ତେବେ ଏହି ଘଟଣା ଗତ ୩ ତାରିଖରୁ ହୋଇଥିଲେ ମଧ୍ୟ କାହିଁକି ମାମଲା ରୁଜୁ ପାଇଁ ବିଳମ୍ବ ହେଉଥିଲା ଏବଂ ଯେଉଁ ଲଜ୍‌ରେ ଏଭଳି ଅଭିଯୋଗ ହୋଇଛି, ସେହି ଲଜ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। ଏନେଇ ଯାଜପୁର ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ରଙ୍କୁ ଚାରିବାରେ ଘଟଣା ସଂପର୍କରେ ତଦନ୍ତ ଚାଲିଛି ଏବଂ ଘଟଣାରେ ସମସ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

## ଥାନାରେ ବିଷ...

ରହିଥିବା ସୂଚନା ମିଳିଛି। ମାତ୍ର ଯୁବତୀଜଣଙ୍କ ଆଲୋକଙ୍କ ନାଁରେ ବାରମ୍ବାର ଅଭିଯୋଗ କରିଆସୁଥିବା ଜଣାପଡ଼ିଛି। ଯୁବତୀଜଣଙ୍କ ବାରମ୍ବାର ଥାନାକୁ ଆସି ଆଲୋକ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ବିରୁଦ୍ଧରେ ଏତଲା ପରେ ଏତଲା ଦେଇଆସୁଥିଲେ। ଏହାକୁ ପୁଲିସ ଅନୁଧ୍ୟାନ କରିବା ବେଳେ ମିଛ ବୋଲି ଜାଣିବାକୁ ପାଇଥିଲା।

ଗତ କିଛି ଦିନ ହେବ ଆଲୋକ ଜାମିନ ପାଇବା ପରେ ତାଙ୍କ ପରିବାର ପିଙ୍କିଙ୍କ ପରିବାର ସଦସ୍ୟଙ୍କୁ ହଇରାଣ କରିବା ସହ ମାରପିଟ୍ କରୁଥିବା ଅଭିଯୋଗ କରିଥିଲେ। ରବିବାର ପିଙ୍କିଙ୍କ ଭାଇଙ୍କୁ ଆଲୋକଙ୍କ ପରିବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଉଭୟଙ୍କୁ ସୋମବାର ଥାନାକୁ ଡାକିଥିଲା। ଥାନାରେ କିଛି ପୁଲିସ ପିଙ୍କିଙ୍କୁ ଧମକାଇବା ସହ ତାଙ୍କ ଭାଇଙ୍କୁ ଗିରଫ କରିବାକୁ ଧମକ ଦେଇଥିବା ପିଙ୍କି ଅଭିଯୋଗ କରିଛନ୍ତି। ଏହାପରେ ହଠାତ୍ ପିଙ୍କି ଏକ କୀଟନାଶକ ଔଷଧ ଆଣି ଥାନା ପରିସରରେ ପିଇ ଦେଇଥିଲେ। ପୁଲିସ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଯୁବତୀଙ୍କ ଅବସ୍ଥା ସ୍ଥିର ଥିଲେ ମଧ୍ୟ ବିପଦ ଆଶଙ୍କା ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବା ଡାକ୍ତର କହିଛନ୍ତି। ନୟାଗଡ଼ ତହସିଲ୍‌ଦାର ରାଜେଶ କେଶରୀ ସ୍ୱାଇଁ ଡାକ୍ତରଖାନାରେ ପହଞ୍ଚି ଯୁବତୀଙ୍କ ବୟାନ ରେକର୍ଡ କରିଛନ୍ତି।

## ବିଲ ମଝିରୁ...

ସେଠାରୁ ବିଲ ରାସ୍ତା ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ତାଙ୍କ ମୁହଁରେ ଗାମୁଛା ପକାଇ ଟେକିନେଇଥିଲେ। ପରେ ଏକ ନିଛାଟିଆ ଜାଗାରେ ଗଣଦୁଷ୍କର୍ମ କରିଥିଲେ। ତେବେ କୌଶଳକ୍ରମେ ଯୁବତୀଜଣଙ୍କ ସେଠାରୁ ଖସି ଘରକୁ ପଳାଇ ଆସିଥିଲେ। ପରିବାରଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

■ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ପ୍ରୀତିରଞ୍ଜନ

## 'ମାନପୁର ଓଭର ବ୍ରିଜ୍ କାମ ଶୀଘ୍ର ସାର'

ଦାନଗଦି, ୨୧।୭ (ସମିସ): ମାନପୁର ଓଭରବ୍ରିଜ୍ କାମ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ। ଯାଜପୁର ଜିଲ୍ଲା ସୁକିନ୍ଦା କ୍ରୋମାଇଟ ଖଣି ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ବ୍ୟାସନଗର ମ୍ୟୁନିସିପାଲଟି, ଜିଲ୍ଲା ମୁଖ୍ୟାଳୟ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ମୁଖ୍ୟାଳୟ ସହିତ ସଂଯୋଗ କରୁଛି ଡୁବୁରୀ-ଚୋରଦା ରାସ୍ତା। ଏହି ରାସ୍ତାରେ ଥିବା ମାନପୁର ରେଲୱେ ଓଭରବ୍ରିଜ ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲଖମା ସବୁ ସୃଷ୍ଟି ହୋଇଛି। ଫଳରେ ଏହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବିପଦର କାରଣ ସାଜିଛି। ତୁରନ୍ତ ମରାମତି କରା ନଗଲେ କୌଣସି ମୁହୂର୍ତ୍ତରେ ଏହି ବ୍ରିଜ୍ ଭୁଶୁଡ଼ି ପଡ଼ିବାର ଆଶଙ୍କା ଅଛି। ପ୍ରତିଦିନ ଓଭରବ୍ରିଜ ଜାମ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିରେ ସୁଧାର ଆଣିବା ପାଇଁ ୨୦୧୯-୨୦ ମସିହାରେ ଦ୍ୱିତୀୟ ଓଭରବ୍ରିଜ୍ କାମ ଆରମ୍ଭ କରାଯାଇଥିଲା। ତାହା ଏବେ ଅଧାରେ ଅଟକି ରହିଛି। ଏଣୁ ମାନପୁର ଓଭରବ୍ରିଜର ମରାମତି କାମ ଓ ଦ୍ୱିତୀୟ ଓଭରବ୍ରିଜ ଏବଂ ରେଲୱେ ଓଭର ବ୍ରିଜ୍ କାମ ତୁରନ୍ତ ଆରମ୍ଭ କରିବାକୁ ଇଂ. ଘଡ଼ାଇ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଦାବି କରିଛନ୍ତି।


**AFFIDAVIT**

By virtue of an affidavit sworn before The Executive Magistrate, Padampur, Date-21/07/2025. I, **Ugresan Sahu**, Address: At- Amlipali, Po- Raisalpadar, Dist-Bargarh, PIN- 768037, Odisha declared that, I have changed the name of my son from **Bijay Sahu** (old name) to **Bijaya Sahu** (new name). Henceforth, he shall be known as **Bijaya Sahu** (new name) for all purposes.

**Ugresan Sahu**

**AFFIDAVIT**

By virtue of an affidavit sworn before The Notary Public, Sunabeda dated 21.07.2025, I, Sri Paparao Gunjia, S/o-Ghasi Gunjia, Vill.- Narasinghpur, Po.- Parajabadapada, Ps.- Padwa, District- Koraput declare that I have changed my daughter's name from **Trisha Gujia** to **Tirisa Gunjia**. Henceforth, my daughter shall be known as **Tirisa Gunjia** for all purposes.

**Sd/- Paparao Gunjia**

e-Procurement Notice

**OFFICE OF THE NOTIFIED AREA COUNCIL, GOPALPUR,**
**Tender Call Notice,**
**No: 229 dt: 19-07-2025**
**Bid Identification No: 02/2025-26**

Bid documents consisting of work, estimated cost, cost of tender paper, time of completion, class of contractors, and terms and conditions can be seen at: www.tendersorissa.gov.in

| | |
|---|---|
| Total Number of Civil works. | 8 Nos. |
| Estimated Cost | Rs.3.0 Lakh to 19 Lakh |
| Date & time of availability of Bid Documents in the portal | 10.00 A.M of dt. 21.07.2025 to 16.00 P.M of dt. 30.07.2025 for online bidding |
| Last Date of receive of Bid through Online | 16.00 P.M of dt. 30.07.2025 |
| Date of opening of Bid | 11.00 A.M. on Dt. 31.07.2025 |

Sd/- Executive Officer
N.A.C. Gopalpur

C-712 OIPR - 13186/11/0021/2526

CAD-1190

Email: itdagnp@od.gov.in

**GOVERNMENT OF ODISHA**
**OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, GUNUPUR**
**E-Procurement Notice**
**Bid Identification No: ITDAGNP – Online – 01 / 2025-26**

No. 1601/VII-89/2025 Date: 18.07.2025

1 Name of the Work : Construction of Building Works
2 Total No. of Works : 48 No.(Percentage rate tender)
3 Amount put to tender : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Project Administrator, I.T.D.A, Gunupur | ITDAGNP Online- 01/2025-26 | 22.07.2025 at 10.00 A.M. | 05.08.2025 up to 5.00 P.M. | 05.08.2025 up to 5.00 P.M. | 06.08.2025 at 11.00 Hrs. | Will intimate later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website: www.tendersorissa.gov.in.

Project Administrator,
I.T.D.A., Gunupur.

OIPR - 26072/11/0008/2526

**AFFIDAVIT**

By virtue of an affidavit Sl. No.- 4883 before Executive Magistrate, Kanika, dtd 10/07/2025. I Binodinee Dash, W/o- Sasadhar Malik, Vill.- Kothasahi, Po.- Giria, Ps.- Rajkanika, Dist. - Kendrapara, Pin- 754220 declare that, my minor son's name has been changed from **Rudra Malik to Rudradev Malik**. Henceforth he will be known as **Rudradev Malik** for all future purposes.

**AFFIDAVIT**

By virtue of an affidavit before Executive Magistrate, K.S.Nagar, Ganjam, no.830 dtd.19.7.2025 I Sri Shankar Sahu, S/o- Bijaya Sahu, resident of Village/Po.- Barida-A, Ps.- Kabisurya Nagar, Dist.- Ganjam, Odisha state that, my daughter's name is **Adyasha Sahu, D/o- Shankar Sahu**. But in her Aadhar card her name has been wrongly mentioned as Mamata Sahu, C/o- Sankar Sahu. Please correct the name in my daughter's Aadhar as **Adyasha Sahu, D/o- Shankar Sahu.**

**AFFIDAVIT**

I, K Sanjita, W/o.: K Govinda Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 209, Dtd: 12.07.2025 that now onwards I shall be known as **K Sanjita Patra** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 09/06/2025 I, Sri Dhanurjaya Tangul, S/o- Bhikari Tangul, Village - Balda, Post- Balda, PS. - Padua, Dist. - Koraput declare that, I have changed my name from **Danurjana Tagila, S/o- Bhikari Tagura** to **Dhanurjaya Tangul S/o- Bhikari Tangul**. Henceforth, I shall be known as **Dhanurjaya Tangul, S/o- Bhikari Tangul** for all purpose.

**Sd/- Dhanurjaya Tangul**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 21/07/2025. I, **Lipi Dharua** (new name), formerly called as **Bimala Dharua** (old name), W/o Swagat Patra, permanent resident of AT/PO- Rigdul, P.S. Titilagarh, Dist- Bolangir, (Odisha), PIN-767033 now residing at the same place affirm that I have changed my name from **Bimala Dharua** (old name) To **Lipi Dharua** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Lipi Dharua** (new name).

**Lipi Dharua**

**AFFIDAVIT**

I, Manas Maheswar Maharana, S/o- Maheswar Maharana, resident of Plot No- F-25, CDA, Sector-6, P.S- Markat Nagar, Dist- Cuttack, PIN- 753014, Odisha declare by this affidavit No. 70AA 129247, dated- 03/07/2025 that now onward I shall be known as **MANAS MAHARANA** for all future purpose.

**In the Court of the Senior Civil Judge, Angul**
**Civil Suit No. 358 of 2013**

**Gouranga Sahu & Others ...Plaintiffs**
**Vs.**
**Panchu Sahu & Others ...Defendants**

**NOTICE UNDER ORDER 5 RULE 20 (1)(A) CPC**

To:
1.(D 21-a) Rukmuni Sahu, W/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul,
2. (D 21-b) Runu Sahu, D/o – Late Panchanan Sahu, AT – Ambapal, PO – Patakumunda, PS – Bagedia, SD/Dist – Angul.
3. (D 21-c) Tuni Sahu, D/o – Late Panchanan Sahu, AT – Ambapal, PO–Patakumunda, PS – Bagedia, SD/Dist – Angul.

Whereas the above-named, Plaintiffs have instituted the above suit against you for partition and allotment of separate share. In the suit you were previously summoned to appear in this Court by person or by your pleader duly instructed and able to answer all material questions relating to the suit. But in spite of all endeavor of the Plaintiffs, you evaded the Court process. As such you are hereby once again summoned to appear in the Court on dated **07.08.2025 at 10:30 A.M.** failing which or in your absence, the suit will be heard and determined in your absence. Given under my hand and the seal of the Court, this **19th day of May 2025.**

**Sd/- Senior Civil Judge, Angul**

**AFFIDAVIT**

By Virtue of an affidavit SL.No-2182/25, dtd 21.07.2025 before the Notary Public, Malkangiri,I, Nande Padiami, have changed my name from **Mande Padiami** to **Nande Padiami**. Henceforth I shall be known as **Nande Padiami** for all purpose.

**Sd/- Nande Padiami**

**AFFIDAVIT**

By virtue of an affidavit vide No.: 31418, dated-19.07.2025, sworn before the notary public, Bhubaneswar, I, G. Rameswari, W/o.: R. Santosh Kumar Reddy, Resident of Plot No.: K2-146, Kalinga Nagar, Ghatikia, Bhubaneswar, PIN-751029, Dist.: Khordha, Odisha, do hereby declare that I have changed my name from G. Rameswari to R. Rameswari Reddy for all future purposes. Henceforth, I shall be known as **R. Rameswari Reddy.**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/07/2025, I, Sri Deba Khillo, S/o- Ghadua Khillo, Village - Raising, Post - Raising, PS. - Padua, Dist. - Koraput declare that, I have changed my son's name from **Sukant Khila** to **Sushanta Khillo**. Henceforth, My son shall be known as **Sushanta Khillo** for all purpose.

**Sd/- Deba Khillo**

**AFFIDAVIT**

I Sanjaya Kumar Mahananda(55),residence of Mandal, P.S.Belpara Dist.Balangir,hereby declare that I have changed my name from **Sanjaya Kumar Mahananda** to **Sanjaya Kumar Nanda** vide affidavit no.2377 dated 21.07.2025 before the Executive Magistrate Balangir Hence i will known as **Sanjay Nanda** for all purposes.

**AFFIDAVIT**

I, K Govind Rao, S/o.: K Sriram Rao, resident of Plot No.: 331/1947, Road No.: 6, Sri Aurobinda Nagar, Chandrasekharpur, Near Municipality Kalyan Mandap, Bhubaneswar, Dist.: Khordha, Odisha-751016, declare by this affidavit No.: 208, Dtd: 12.07.2025 that now onwards I shall be known as **K Govinda Rao** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 17/06/2025 I Sri Laxman Gemel, S/o- Bhanja Gemel Vill:- Sadam, Po.-Sadam, Ps. - Pottangi, Dist. - Koraput declare that, I have changed my Daughters name from **Manjula Gemel** to **Tilottama Gemel**. Henceforth, My Daughter shall be known as **Tilottama Gemel** for all purpose.

**Sd/- Laxman Gemel**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar C.F. No. 116, on dated 14/07/2025, I GURUDEV SAHOO, S/o Late Sarat Kumar Sahoo resident of Village At-Gadakan Upar Sahi (Padma Bhawan), Po- Mancheswar Railway Colony, Ps- Mancheswar, Dist-Khordha, Odisha - 751017 declare that I have changed my minor son's name from AMRITANSHU SAHOO to AMRITANSU SAHOO. Henceforth, he shall be known as AMRITANSU SAHOO for all future purposes.

Sd- GURUDEV SAHOO

**AFFIDAVIT**

I declare that my name is **Mumtaz Khatoon,** D/o- Mohiuddin Khan, resident of Vill- Manapur, Po- Bisanpur, Ps- Krushnanandapur, Dist- Jagatsinghpur, Odisha, my actually DOB is **07.11.2002,** but wrongly in my Aadhaar Card No- 9317 1877 1508, my name is written as **Mamataj Beggum**, D/o- Mohiuddin khan and my DOB is **2003.** Henceforth, I shall be known as **Mumtaz Khatoon,** D/o- Mohiuddin Khan and DOB- **07.11.2002** in all and everywhere in this name from now.

**Mumtaz Khatoon**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 19/07/2025. I, **Mohammad Mustakim** (new name), formerly called as **MD Mustakiam** (old name), S/o Pharuk Mohammad, permanent resident of AT- Sagarapara Prathamagali, P.O. Titilagarh, P.S. Titilagarh, Dist- Balangir, (Odisha), PIN- 767033 affirm that I have changed my name from **MD Mustakiam** (old name) To **Mohammad Mustakim** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mohammad Mustakim** (new name).

**Mohammad Mustakim**

## ବାରମ୍ବାର ବିଦ୍ୟୁତ କାଟ୍‌କୁ ନେଇ ଅସନ୍ତୋଷ

# ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ନରସିଂହପୁର, ୨୧।୭ (ସମିସ)



ନରସିଂହପୁର-କମଳାଡ଼ିହ ମୁଖ୍ୟରାସ୍ତାର ଆଇଁସିଆ ଛକ ନିକଟରେ ବାରମ୍ବାର ବିଦ୍ୟୁତ କାଟ ଏବଂ ବିଦ୍ୟୁତ ସେବାରେ ଅବହେଳାକୁ କେନ୍ଦ୍ରକରି ସୋମବାର ଟାୟାର ଜାଳି ଆଇଁସିଆ ଗ୍ରାମବାସୀ ଅବରୋଧ କରିଛନ୍ତି। ସୂଚନା ଅନୁଯାୟୀ, ପୂର୍ବରୁ ବିଦ୍ୟୁତ ସେବାରେ ବାରମ୍ବାର କାଟିବାକୁ ନେଇ ବିଭାଗୀୟ ଅଧିକାରୀଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ଏଥିସହିତ ପୂର୍ବରୁ ରାସ୍ତା ଅବରୋଧ କରିଥିଲେ। ତେବେ ଗ୍ରାମବାସୀଙ୍କୁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରି ନ ଥିଲେ। ତେବେ ଗତ ରାତିରେ ବିଦ୍ୟୁତ ସରବାରହ ବନ୍ଦ ରହିଥିଲା। ରାତିସାରା ଗ୍ରାମବାସୀ ଅନ୍ଧାରରେ ରହିଥିଲେ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପ୍ରତିକାର ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ କହିବା ମୁତାବକ ସେହି ଗ୍ରାମକୁ ଦିଆଯାଇଥିବା ବିଦ୍ୟୁତ ସେବାକୁ ଗ୍ରାମାଞ୍ଚଳ ଫିଡରରେ ନାଁ ଦେଇ ସିଧାସଳଖ ପ୍ରଦାନ କରିବା ଆବଶ୍ୟକ। ମାତ୍ର ଏହି କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହେଉ ନ ଥିବାରୁ ରାସ୍ତା ଅବରୋଧ କରିଛନ୍ତି। ବହୁ ସମୟଧରି ରାସ୍ତା ଅବରୋଧ ହେବ ଫଳରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଘଟଣାସ୍ଥଳରେ ନରସିଂହପୁର ଥାନା ନିରୀକ୍ଷକ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ସମେତ ପୁଲିସ କର୍ମଚାରୀ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସରଧାପୁର ସମିତିସଭ୍ୟ ଶକ୍ତି ପ୍ରସାଦ ମିଶ୍ର ଏବଂ ଗ୍ରାମବାସୀ ଉପସ୍ଥିତ ରହି ଘଟଣାକୁ ନେଇ ଆଲୋଚନା ପରେ ଆସନ୍ତା ବୁଧବାର ଆଠଗଡ଼ ବିଦ୍ୟୁତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନର ଉପସ୍ଥିତିରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନା ପରେ ରାସ୍ତା ଅବରୋଧରୁ ଗ୍ରାମବାସୀ ଓହରିଥିଲେ। ଏଥିସହିତ ବୁଧବାର ଆଲୋଚନାରେ ସମସ୍ୟା ସମାଧାନ କରା ନ ଗଲେ ଗୁରୁବାର ପୁଣି ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଦୁର୍ଘଟଣାରେ ସାଇକଲ ଚାଳକ ମୃତ

ଭଦ୍ରେଶ୍ୱର, ୨୧।୭ (ସମିସ): ମାହାଙ୍ଗା ବ୍ଲକ କଇଥା ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଟ୍ରକ୍ ଦୁର୍ଘଟଣାରେ ଜଣେ ସାଇକଲ ଚାଳକ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଆଜି କଇଥା ଗ୍ରାମପଞ୍ଚାୟତ କନକେଇ ଠାକୁରାଣୀଙ୍କ ପୀଠସ୍ଥଳୀ ନିକଟରେ ଦ୍ରୁତଗତିରେ ଓଡି ୦୪ ଜେ ୩୨୯୨ ଟ୍ରକ ଯାଉଥିଲା। ଏହି ସମୟରେ ସ୍ଥାନୀୟ ଯଶରାଜପୁର ଗ୍ରାମର ପ୍ରଫୁଲ୍ଲ କୁମାର ମହାରଣା (୫୩) ଏକ ସାଇକଲ ଯୋଗେ ଯାଉଥିଲେ। ଟ୍ରକଟି ସାଇକଲ ଆରୋହୀଙ୍କୁ ଧକ୍କା ଦେବା ଯୋଗୁଁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମାହାଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକଟିକୁ ଜବତ କରିଛନ୍ତି।

## କର୍କଟ ଆକ୍ରାନ୍ତ ଯୁବକଙ୍କ ମୃତ୍ୟୁ



ନିଶ୍ଚିନ୍ତକୋଇଲି, ୨୧।୭ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଫଗୋଲ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଗଗନବିହାରୀ ଓଝା (୫୫) ଙ୍କର ଅକାଳ ବିୟୋଗ ଘଟିଛି। ଗତ କିଛି ଦିନ ହେବ ସେ ପାକସ୍ଥଳୀଜନିତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ଓଝା ଜଣେ ଶାନ୍ତ ସରଳ ଓ ମେଳାପୀ ସ୍ୱଭାବର ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଓ ତିନି କନ୍ୟାଙ୍କ ସମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ଖବର ପାଇ ସରପଞ୍ଚ ବୈଷ୍ଣବ ସାମଲ, ପ୍ରାକ୍ତନ ସମିତିସଭ୍ୟ ପ୍ରଫୁଲ୍ଲ ରାଉତ, ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁ, ସମାଜସେବୀ ଏସଡ଼ିପିଆର ମହାପାତ୍ର, ନାଏବ ସରପଞ୍ଚ ତସଲିବ୍ ମହମ୍ମଦ, ସେକ୍ ସିରାଜ୍‌ଉଦ୍ଦିନ୍, ହିମାଂଶୁ ଶେଖର ଦାସ ପ୍ରମୁଖ ବାସଭବନରେ ପହଞ୍ଚି ପରିବାରକୁ ସାନ୍ତ୍ୱନା ଦେବା ସହିତ ଶେଷ ଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ପୁତୁରା ଜ୍ଞାନରଞ୍ଜନ ଓଝା ମୁଖାଗ୍ନି ଦେଇଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା



କଣ୍ଟାପଡ଼ା, ୨୧।୭ (ସମିସ): କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ବାଗଲପୁର ପଞ୍ଚାୟତ ସୁନ୍ଦରଗ୍ରାମ ଭୋଇ ସାହିରେ ଆଜି ଅପରାହ୍ନରେ ଚୁଲିରୁ ନିଆଁ ଉଠି ସ୍ୱାମୀ ପରିତ୍ୟକ୍ତା କବିତା କାଣ୍ଡିଙ୍କ ଦୁଇ ବଖରା ଚାଳ ଛପର ଘର ପୋଡିଯାଇଛି। ଫଳରେ ଘରେ ଥିବା ଜରୁରୀ କାଗଜପତ୍ର ବାସନ କୁସନ ଓ ଘରର ଆସବାବପତ୍ର ଏହି ନିଆଁରେ ଭସ୍ମ ହୋଇଯାଇଛି। ଦୁଇ ବଖରା ମାଟି କାନ୍ଥରେ ନିର୍ମିତ ଟିଣମିଶ୍ରିତ ଚାଳ ଘରେ ୧୨ ଓ ୧୦ ବର୍ଷର ଦୁଇ ପୁଅ ଓ ବାପାଙ୍କୁ ନେଇ ରହୁଥିଲେ। ଆଜି ରୋଷେଇ ସାରି ବାହାରେ କାମ କରିବାକୁ ଯାଇଥିବା ବେଳେ ଚୁଲିରୁ ନିଆଁ ଉଠି ଘରେ ଲାଗିଯାଇଥିଲା। ସ୍ଥାନୀୟ ଲୋକ ଅଗ୍ନିଶମ କେନ୍ଦ୍ରକୁ ଜଣାଇବାରୁ ଅଡଶପୁର ଦମକଳ କେନ୍ଦ୍ରର କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ବାଗଲପୁର ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ପହଞ୍ଚି ଶ୍ରୀମତୀ କାଣ୍ଡିଙ୍କୁ ସାନ୍ତ୍ୱନା ଦେବା ସହ ତତ୍କାଳ କିଛି ଆର୍ଥିକ ସାହାଯ୍ୟ ନିଜ ପକ୍ଷରୁ ପ୍ରଦାନ କରିଥିଲେ। ପରେ ବାଗଲପୁର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ପଲିଥିନ ପ୍ରଦାନ କରିଥିଲେ। ଅସହାୟ ଶ୍ରୀମତୀ କାଣ୍ଡିଙ୍କୁ ସରକାରୀ ଓ ବେସରକାରୀସ୍ତରରେ ସାହାଯ୍ୟ କରିବାକୁ ସ୍ଥାନୀୟ ଜନସାଧାରଣ ନିବେଦନ କରିଛନ୍ତି।

## ବାଇକ୍‌ରୁ ଖସି ବୃଦ୍ଧ ଗୁରୁତର

ଟାଙ୍ଗୀ, ୨୧।୭ (ସମିସ): ସୋମବାର ଅପରାହ୍ନରେ ୧୬ନଂ ଜାତୀୟରାଜପଥ ଟାଙ୍ଗୀ ଥାନା ରଜକଣା ନିକଟରେ ଚଳନ୍ତା ବାଇକରୁ ଖସି ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଜାତୀୟ ରାଜପଥ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର ପୂର୍ବକ ଆମ୍ବୁଲାନ୍ସ ଯୋଗେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବା ଜାଣିବାକୁ ମିଳିଛି। ମାତ୍ର ବୃଦ୍ଧ ଓ ବାଇକ ଚାଳକଙ୍କ ପରିଚୟ କିମ୍ବା ସମ୍ପର୍କ ବିଷୟରେ ଜଣାପଡ଼ିନି। ତେବେ ବୃଦ୍ଧ ଜଣକ ଚଣ୍ଡିଖୋଲ ପଟୁ କଟକ ଆସୁଥିବାବେଳେ ଅଘଟଣ ଘଟିଥିବା ରାଜପଥ ପୁଲିସ ସୂଚନା ଦେଇଛି।

## ନୂତନ ବୃଷଭ ବିଗ୍ରହ ପ୍ରତିଷ୍ଠା ଉତ୍ସବ

କନ୍ଦରପୁର, ୨୧।୭ (ସମିସ): କଟକ ସଦର ନିର୍ବାଚନ ମଣ୍ଡଳୀ ୪୨ ମୌଜା ଅନ୍ତର୍ଗତ ବନ୍ତୁଣିଆ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବନ୍ତେଶ୍ୱର ମହାଦେବଙ୍କ ପୁରାତନ ଭଗ୍ନ ବୃଷଭ ବିଗ୍ରହ ବିସର୍ଜନ ଓ ନୂତନ ବୃଷଭ ବିଗ୍ରହର ପ୍ରତିଷ୍ଠା ଉତ୍ସବ ତିନି ଦିନ ଧରି ବ୍ୟାପି ପଣ୍ଡିତ ଆଦିତ୍ୟ ନାରାୟଣ ଦାଶ ଓ ତାଙ୍କ ସହକର୍ମୀଙ୍କ ସହଯୋଗରେ ଆଡମ୍ବର ସହିତ ସମ୍ପାଦନ ହୋଇଯାଇଛି। ଗ୍ରାମ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ସଭାପତି କିଶୋର ଚନ୍ଦ୍ର ସେନାପତି, ଉପସଭାପତି ପୁଷ୍ପରଞ୍ଜନ ବିଶ୍ୱାଳ, ସମ୍ପାଦକ ଅମିତାଭ ବିଶ୍ୱାଳ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସେଠୀ, ଅଧିକାରୀ ରବୀନ୍ଦ୍ରନାଥ ସେନାପତି, ନବ ନିର୍ବାଚିତ ମହନ୍ତ ସଦାଶିବ ବିଶ୍ୱାଳ, ଉପଦେଷ୍ଟା ବଂଶୀଧର ସେନାପତିଙ୍କ ସହ ଗ୍ରାମର ଉଦୀୟମାନ ଯୁବକ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଗ୍ରାମର ଆଜୀବନ ଅତିଥି ଆଧ୍ୟାତ୍ମିକ ଗୁରୁ ଅଶୋକ ଜେନା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ତରଫରୁ ନାମ ସଂକୀର୍ତ୍ତନ ହେବା ସହିତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



## ୨୩ରେ 'ସ୍ମୃତିରେ ପଦ୍ମିନୀ ରଥ' କାର୍ଯ୍ୟକ୍ରମ

● ଯୋଗଦେବେ ବାବା ସତ୍ୟାନନ୍ଦ ଦାସ



କଟକ, ୨୧।୭ (ସମିସ): ମହୀୟସୀ ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ 'ସ୍ମୃତିରେ ପଦ୍ମିନୀ ରଥ' ପୂଜ୍ୟପୂଜା କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ, ବୁଧବାର ଅନୁଷ୍ଠିତ ହେବ। ଏହି ଅବସରରେ ଟାଙ୍ଗୀର କଏରାପାରୀସ୍ଥିତ ବାସଭବନରେ ଗୀତା ପାରାୟଣ, ସଂକୀର୍ତ୍ତନ ଏବଂ ପଦ୍ମିନୀ କେୟାର ହସ୍ପିଟାଲ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପୂର୍ବାହ୍ନ ୧୧ଟା ୩୦ରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ସ୍ମୃତିଚାରଣ ସଭାରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ ମୁଖ୍ୟ ପୁରୋଧା ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ସ୍ମୃତି କମିଟିର ଆବାହକ ନିରାକାର ସାହୁ ସୂଚନା ଦେଇଛନ୍ତି।

## ନିଖୋଜ ଯୁବକଙ୍କ ଶବ ଉଦ୍ଧାର

ଆଠଗଡ଼, ୨୧।୭ (ସମିସ): ଆଠଗଡ଼ ଏନଏସି ଅନ୍ତର୍ଗତ ରଥଗଡ଼ା ଅଞ୍ଚଳର ଜଣେ ନିଖୋଜ ଯୁବକଙ୍କ ଶବ ସୋମବାର ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ରଥଗଡ଼ା ଅଞ୍ଚଳର ବସନ୍ତ କୁମାର ରାଉତ। ଗତ ତିନି ଦିନ ତଳେ ସେ ଆଠଗଡ଼ ସାପୁଆ ନଦୀରେ ଶୌଚ ପାଇଁ ଯାଇଥିବା ବେଳେ ନିଖୋଜ ହୋଇଯାଇଥିଲେ। ଆଜି ଆଠଗଡ଼ ଦମକଳ ବାହିନୀ ଖବର ପାଇଁ ରାଜନଗର ପଞ୍ଚାୟତ ହଂସଭୂଇଁ ସାପୁଆ ନଦୀରୁ ଯୁବକଙ୍କୁ ଉଦ୍ଧାର କରିଥିଲେ। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଶବ ଅଣାଯାଇ ବ୍ୟବଚ୍ଛେଦ କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ସାମ୍ବାଦିକଙ୍କୁ ସଂଘବଦ୍ଧ ଆକ୍ରମଣ; ଥାନାରେ ମାମଲା

ସାଲେପୁର, ୨୧।୭ (ସମିସ): ଗତକାଲି ବିଳମ୍ବିତ ରାତ୍ରିରେ ରାଇସୁଙ୍ଗୁଡ଼ା ଅଞ୍ଚଳର ଯୁବ ସାମ୍ବାଦିକ କୁସମ୍ବୀ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ଔଷଧ ଦେଇ ଫେରୁଥିବାବେଳେ ଉକ୍ତ ଗ୍ରାମର କେତେକ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ନିକଟରୁ ସୁନା ଚେନ୍ ଓ ନଗଦ ଟଙ୍କା ଛଡାଇ ନେଇଥିବାର ଶ୍ରୀ ସାହୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ଗତକାଲି ରାତ୍ର ପ୍ରାୟ ୧୧ଟା ସମୟରେ ରାଇସୁଙ୍ଗୁଡ଼ା ଅଞ୍ଚଳର ଯୁବ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ଔଷଧ ଦେଇ ଫେରୁଥିବାବେଳେ କୌଣସି କାରଣ ନ ଥାଇ କୁସମ୍ବୀ ଗ୍ରାମର କେତେକ ଯୁବକ ତାଙ୍କୁ ଅଟକାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରଧର କରିବା ସହ ତାଙ୍କ ବେକରୁ ୨୦ଗ୍ରାମ ଓଜନ୍‌ର ସୁନା ଚେନ୍ ଓ ନଗଦ ୫ ହଜାର ୭ଶହ ଟଙ୍କା ଛଡାଇ ନେଇଥିଲେ ବୋଲି ଶ୍ରୀ ସାହୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନାରେ କେସ୍ ନଂ-୩୩୬/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି। ଖୁବ୍ ଶୀଘ୍ର ଆସାମୀମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ସୁନା ସଫେଇ ନାଁରେ ଲୁଟ୍ ଉଦ୍ୟମ; ଜଣେ ଅଟକ

କଣ୍ଟାପଡ଼ା, ୨୧।୭ (ସମିସ): ଓଲଟପୁର ଥାନା ଅଧୀନ କଣ୍ଟାପଡ଼ା ଗ୍ରାମରେ ସୁନା ଝଲେଇ ଓ ସଫା କରି ଦେବା କହି ମହିଳାଙ୍କଠାରୁ ସୁନା ଲୁଟ୍ କରି ଖସି ଯାଉଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ଗ୍ରାମବାସୀ କାବୁ କରି ଓଲଟପୁର ଥାନା ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆଜି ମଧ୍ୟାହ୍ନରେ କଣ୍ଟାପଡ଼ା ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ଘରେ କୌଣସି ପୁରୁଷ ଲୋକ ନ ଥିବାର ସୁଯୋଗ ନେଇ ଦୁଇଜଣ ବ୍ୟକ୍ତି ଘରେ ପହଞ୍ଚି ଶାଶୂ ବୋହୂଙ୍କୁ ପୁରୁଣା ସୁନା ସଫେଇ ଓ ଝଲେଇ କରିଦେବା କଥା କହିଥିଲେ। ବୋହୂ ଜଣଙ୍କ ଏକ ସୁନା ପଦକ ଆଣି ଝଲେଇ ପାଇଁ ଦେବାରୁ ପ୍ରଥମେ ସଫା କରିବା ବାହାନାରେ ଏହାକୁ ଧରି ଜଣେ ଚମ୍ପଟ ମାରିଥିବା ବେଳେ ଅନ୍ୟ ଜଣକୁ ଗ୍ରାମବାସୀ କାବୁ କରିବା ସହିତ ଓଲଟପୁର ଥାନାର ଜିମା ଦେଇଛନ୍ତି। ଲୁଟ ସୁନା ଉଦ୍ଧାର ହୋଇ ନ ଥିବା ବେଳେ ଓଲଟପୁର ପୁଲିସ ବ୍ୟକ୍ତି ଜଣକୁ ପଚରାଉଚରା ଜାରି ରଖିଛି।

## ଶ୍ରାବଣର ଦ୍ୱିତୀୟ ସୋମବାରରେ ଧବଳେଶ୍ୱର ପୀଠ ଚଳଚଞ୍ଚଳ

# ୩୦ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆଙ୍କ ଜଳଲାଗି







ଆଠଗଡ଼, ୨୧।୭ (ସମିସ)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ପରିପ୍ରେକ୍ଷୀରେ ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ କାଉଡିଆ ଶ୍ରଦ୍ଧାଳୁ ବାବାଙ୍କ ନିକଟରେ ଜଳଲାଗି କରିଛନ୍ତି। ଆଠଗଡ଼ ପ୍ରଶାସନ ତଥା ଦେବୋତ୍ତର ବିଭାଗ ନିଷ୍ପତ୍ତି ମୁତାବକ ଶ୍ରଦ୍ଧାଳୁମାନେ କଂକ୍ରିଟ ପୋଲ ଉପରେ ଆସି ଧବଳେଶ୍ୱରଙ୍କ ପୀଠରେ ସ୍ଥାପିତ ଶ୍ରାବଣୀ ଲିଙ୍ଗରେ ଜଳ ଲାଗି କରିଛନ୍ତି। ବିଶ୍ୱାସ ରହିଛି ଧବଳେଶ୍ୱରଙ୍କ ମସ୍ତକରେ ଜଳଲାଗି କଲେ କୋଟି ଜନ୍ମର ପୂଣ୍ୟ ମିଳିବା ସହିତ ମାନସିକ ଶାନ୍ତି ମିଳିଥାଏ। ସେଥିପାଇଁ ରାଜ୍ୟ ତଥା ଦେଶର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ପବିତ୍ର ପୀଠକୁ ଛୁଟି ଆସିଥାନ୍ତି। ପୂଜକ ସମିତି ପକ୍ଷରୁ ରାତି ୨ଟାରୁ ପହଡ ଖୋଲାଯାଇ ୧୦୮ କଳସ ଜଳରେ ବାବାଙ୍କ ସ୍ନାନ କରାଯାଇ ମଙ୍ଗଳ ଆଳତୀ ତଥା ସମସ୍ତ ନୀତିକାନ୍ତି ସମାପନ ପରେ ରାତ୍ର ୩ଟାରୁ ଶ୍ରଦ୍ଧାଳୁଙ୍କୁ ଜଳ ଲାଗି କରିବା ପାଇଁ ପହଡ଼ ଫିଟିଥିଲା। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇ ପୁଲିସ ପ୍ରଶାସନ ପକ୍ଷରୁ ନଜର ରଖାଯିବା ସହ, ଅଗ୍ନିଶମ ଓ ୩ ପ୍ଲାଟୁନ ପୁଲିସ ଫୋର୍ସ ସମେତ ୧୦ ଜଣ ପୁଲିସ ଅଫିସର ମୂତୟନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲ ଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ ନିର୍ମାଣ କରାଯାଇ ଭକ୍ତଙ୍କୁ ସୁବିଧାରେ ଦର୍ଶନ କରିବା ନିମନ୍ତେ ସୁଯୋଗ ଦିଆଯାଇଥିଲା। ପୀଠରେ ଗୁରୁଡ଼ିଝାଟିଆ ଥାନା ଅଧିକାରୀ ଓ ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ୍ ଉପସ୍ଥିତ ରହି ତଦାରଖ କରିଥିଲେ। ପବିତ୍ର ପୀଠକୁ ପ୍ରଥମେ ଡଙ୍ଗା, ପରେ ଝୁଲାପୋଲ ପରେ ଏବେ କଂକ୍ରିଟ୍ ପୋଲ ଦେଇ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁମାନେ। ପ୍ରଥମ ସୋମବାରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦ୍ୱିତୀୟ ସୋମବାରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଛି। ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଧାଡିରେ ଠିଆହୋଇ ମନ୍ଦିର ବେଢ଼ାରେ ସ୍ଥାପିତ ଶ୍ରାବଣୀ ଲିଙ୍ଗ ଉପରେ ଜଳ ଲାଗି କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯିବା ସହ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

### ବୋଲ୍‌ବମ୍ ଶବ୍ଦରେ କମ୍ପିଲା ଲକ୍ଷେଶ୍ୱର ପୀଠ

ଫୁଲନଖରା : ଦେବ ଦେବ ମହାଦେବଙ୍କ ଅତି ପ୍ରିୟ ମାସ ଶ୍ରାବଣ ମାସ। ଶ୍ରବଣା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ଠାରୁ ଏହି ମାସ ଆରମ୍ଭ ହୋଇଥାଏ ପରବର୍ତ୍ତୀ ପୂର୍ଣ୍ଣିମା ପର୍ଯ୍ୟନ୍ତ। ଏହି ମାସର ପ୍ରତ୍ୟେକ ସୋମବାରରେ ଶୈବଭକ୍ତମାନେ ମହାଦେବଙ୍କ ଲିଙ୍ଗରେ ଜଳାଭିଷେକ କରିଥାନ୍ତି। ବୋଲ୍‌ବମ୍ ଭକ୍ତମାନଙ୍କ ଗହଳିରେ ପ୍ରତ୍ୟେକ ଶୈବପୀଠ ଗୁଡିକ ହୋଇଉଠନ୍ତି ଚଳଚଞ୍ଚଳ। ଶିବଙ୍କ ମସ୍ତକରେ ଜଳାଭିଷେକ କଲେ ତୃପ୍ତ ହେଉଥିବା ଦେବ ଦେବ ମହାଦେବଙ୍କ ପୀଠକୁ କେଉଁ ଅନାଦି କାଳରୁ ଶୈବଭକ୍ତମାନେ ଦୂରଦୂରାନ୍ତରୁ କାନ୍ଧରେ ନଦୀ ଜଳ ଧାରଣ କରି ନିଜର ମନସ୍କାମନା ପୂର୍ଣ୍ଣ ନିମନ୍ତେ ଧାଇଁ ଆସିଥାନ୍ତି। ଫୁଲନଖରା ନିକଟସ୍ଥ ବହୁ ପୁରାତନ ପ୍ରାଚୀ ନଦୀ ତଟସ୍ଥ ଶୈବପୀଠ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ କାଉଡିଆ ବା ବୋଲବମ୍ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିଛି। ଭକ୍ତମାନେ ବିଭିନ୍ନ ସ୍ଥାନରୁ ନଦୀ ଜଳ ନେଇ ଆସୁଥିବା ବେଳେ ପ୍ରାୟତଃ କଟକ ଗଡ଼ଗଡ଼ିଆ ଘାଟରୁ ପାଣିଭାର ନେଇ ଏହି ମନ୍ଦିରରେ ପହଞ୍ଚିଥିଲେ। ଦ୍ୱିତୀୟ ସୋମବାରରେ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଗହଳି ସାଙ୍ଗକୁ ବୋଲ୍‌ବମ୍ ଶବ୍ଦରେ ମନ୍ଦିର ପରିସର ପ୍ରକମ୍ପିତ ହୋଇ ଉଠିଥଲା। ଭକ୍ତମାନଙ୍କ ସୁବିଧା ନିମନ୍ତେ ମନ୍ଦିର ପରିସର ଆଲୋକୀକରଣ ଏବଂ କାଉଡି ରଖିବା ପାଇଁ ସ୍ୱତନ୍ତ୍ର ଭାର ଆଦି ନିର୍ମାଣ, ଶାନ୍ତିଶୃଙ୍ଖଳାରେ ଦର୍ଶନ ନିମନ୍ତେ ବାରିକେଡ୍‌ର ସୁବ୍ୟବସ୍ଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ କରାଯାଇଥିଲା। ଏତଦ୍ ବ୍ୟତୀତ ମର୍ଣ୍ଣିଂ ଟି ଫେଷ୍ଟ ପକ୍ଷରୁ ମନ୍ଦିର ପରିସର ମଧ୍ୟରେ ନିଃଶୁଳ୍କ ସାତ୍ତ୍ୱିକ ଆହାର କେନ୍ଦ୍ର ଖୋଲାଯିବା ସଙ୍ଗେ ସଙ୍ଗେ ଲକ୍ଷେଶ୍ୱର ଭଜନ ସଧା ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ପାହାଳ ଥାନା ଆଇଆଇସି ଅଶ୍ୱିନୀ କୁମାର ଜେନାଙ୍କ ତତ୍ତ୍ୱବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା, ମନ୍ଦିର ପରିଚାଳନା କମିଟି, ଉପଦେଷ୍ଟାମଣ୍ଡଳୀ ଓ ସେବାୟତଙ୍କର ଅକୁଣ୍ଠ ସହଯୋଗ ପାଇଁ ଟ୍ରଷ୍ଟ ବୋର୍ଡର ସଭାପତି ଶିକ୍ଷାବିତ୍ ଗୁଣନିଧି ପଟ୍ଟନାୟକ ଓ ବରିଷ୍ଠ ସଦସ୍ୟ ବଂଶୀଧର ଭୋଳ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି।

### ନରସିଂହପୁର

ନରସିଂହପୁର ବ୍ଲକ ଅନ୍ତର୍ଗତ ଅଷ୍ଟଶମ୍ଭୁ ସମେତ ସମସ୍ତ ଶୈବପୀଠରେ ହଜାର ହଜାର କଉଡ଼ିଆ ଓ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ପବିତ୍ର ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଚମ୍ପେଶ୍ୱରର ଚମ୍ପାନାଥ, ବାସେଳୀତାର ଭୋଳାନାଥ, ଭେଜିଆପଡ଼ାର ସ୍ୱପ୍ନେଶ୍ୱର, ମାଳିସାହିର ସୋମନାଥ, ଘୋରାଡ଼ିଆର ସ୍ୱପ୍ନେଶ୍ୱର, ନୂଆଗାଁ-ବାଲିସାହିର ମୁକ୍ତାନାଥ, ପୁରୁଣା ଗୋପାଳପୁରର ରୂପାନାଥ, କୋକଳବାର ଗୁପ୍ତେଶ୍ୱରଙ୍କ ସମେତ ସମସ୍ତ ଶୈବ ପୀଠରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା।

### ନିଶ୍ଚିନ୍ତକୋଇଲି

ପବିତ୍ର ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ଏହି ଅଞ୍ଚଳର ଶହ ଶହ ସଂଖ୍ୟାରେ କାଉଡ଼ିଆ ଦଳ ବିଭିନ୍ନ ନଦୀ ଓ ପୁଷ୍କରିଣୀର ପବିତ୍ର ଘାଟରୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ଜଳ ଭାର ନେଇ ଶିବ ମନ୍ଦିରକୁ ଆସିଥିଲେ। ଏହି ଅବସରରେ ଜିଗ୍ନୀପୁର ପଞ୍ଚାୟତ ଅଧୀନ ଛୁଆଳିଆ ଗ୍ରାମରେ ସାଧୁବାବା ବୋଲବମ ସଂଘ ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ କାଉଡ଼ିଆ ବିରୂପା ନଦୀର ତ୍ରିବେଣୀଶ୍ୱର ମହାଦେବ ଘାଟରୁ କଳସୀରେ ଜଳଭାର ଆଣି ନିଜ ଗ୍ରାମରେ ଥିବା ବାବା ଆଖଣ୍ଡଳମଣୀଙ୍କ ଠାରେ ଜଳାଭିଷେକ କରିଥିଲେ। ସଂଘ ପକ୍ଷରୁ ପ୍ରକାଶ ସାହୁ, ପ୍ରବୋଧ ମହାନ୍ତି, ମନୋରଞ୍ଜନ ସ୍ୱାଇଁ ଓ ପ୍ରଦ୍ୟୁମ୍ନ ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଏହି ସଂଘର ଅନ୍ୟ ଏକ ୨୫ଜଣିଆ କାଉଡ଼ି ଦଳ ମହାନଦୀର କଟକ ଗଡ଼ଗଡ଼ିଆ ଘାଟରୁ ଜଳ ଉତ୍ତୋଳନ କରି ପ୍ରଭୁ ଆଖଣ୍ଡଳମଣୀଙ୍କ ଠାରେ ଜଳାଭିଷେକ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭବାନୀଶଙ୍କର ରାଉତ, ପ୍ରଶାନ୍ତ ସ୍ୱାଇଁ, ହିମାଂଶୁ ସ୍ୱାଇଁ, ସତ୍ୟଜିତ୍ ରାଉତ, ଆଶୁତୋଷ ସ୍ୱାଇଁ, ତପନ ଲେଙ୍କା, ଜ୍ଞାନରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହାଛଡ଼ା ଏହି ବ୍ଲକ ଅଧିନସ୍ଥ ଶକ୍ତିଶ୍ୱର, ସୋମନାଥ, ଶଙ୍କରେଶ୍ୱର, ବେଲେଶ୍ୱର, କ୍ଷୀରେଶ୍ୱର, ସ୍ୱପ୍ନେଶ୍ୱର ଆଦି ବିଭିନ୍ନ ଶିବ ମନ୍ଦିରରେ ଶହ ଶହ ସଂଖ୍ୟାରେ କାଉଡ଼ିଆମାନେ ପହଞ୍ଚି ଜଳାଭିଷେକ କରିଥିବାର ଦେଖାଯାଇଥିଲା।

## ସୁଦର୍ଶନପୁର ଚୋରି ଘଟଣାରେ ୩ କୋର୍ଟଚାଲାଣ

ଟିଗିରିଆ,୨୧।୭ (ସମିସ): ଟିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତ ସ୍ଥିତ ସୁଦର୍ଶନପୁର ଗ୍ରାମରେ ଗତ ୧୯ ତାରିଖ ବିଳମ୍ବିତ ରାତିରେ ହୋଇଥିବା ଚୋରି ଘଟଣାରେ ଆଜି ଟିଗିରିଆ ପୁଲିସ ୩ ଜଣ ଅଭିଯୁକ୍ତ ପଶ୍ଚିମବଙ୍ଗ ପୁରୁଲିଆ ଦିଦାରୁବସ୍ତି ଅଞ୍ଚଳର ରାଜାକୁମାର ମୋଦି (୫୫), ପତ୍ନୀ ମୁମତାଜ ମୋଦି, ପୁତ୍ର ବାଙ୍ଗାଲୋର ମୋଦିଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଉକ୍ତ ଅଭିଯୁକ୍ତଙ୍କ ଠାରୁ ମୋଟ ୯୯ ହଜାର ଟଙ୍କା ଉଦ୍ଧାର କରାଯାଇଥିବା ବେଳେ ସେମାନଙ୍କର ଅନ୍ୟ କୌଣସି ଚୋରିରେ ସମ୍ପୃକ୍ତି ନ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ ୧୯ ତାରିଖରେ ଟିଗିରିଆ ଥାନା ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମର ମୃତ ଦିଗମ୍ବର ପ୍ରଧାନଙ୍କ ଘର ଗ୍ରୀଲ ତାଡି ବିଳମ୍ବିତ ରାତିରେ ଚୋରି ପାଇଁ ପଶିଥିଲେ। ଏହି ସମୟରେ କୌଣସି କାର୍ଯ୍ୟ ପାଇଁ ଉଠିଥିବା ଜଣେ ପଡୋଶୀ ଏହି ଚୋରି ବିଷୟରେ ଜାଣି ଅନ୍ୟ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ପରେ ଅନ୍ୟ ଗ୍ରାମବାସୀ ଆସି ଏହି ଚୋରଙ୍କୁ ଧରିବା ସହ ସେମାନଙ୍କୁ ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରିଥିଲେ। ପରେ ପୁଲିସ ସେମାନଙ୍କୁ ବିଗତ ଦିନରେ ଟିଗିରିଆ ଅଞ୍ଚଳରେ ହୋଇଥିବା ଅନ୍ୟାନ୍ୟ ଚୋରି ସମ୍ପର୍କରେ ପଚରା ଉଚୁରା କରିଥିଲେ। ଏଥିସହିତ ଅଭିଯୁକ୍ତଙ୍କଠାରୁ ସୁଦର୍ଶନପୁର ଗ୍ରାମର ଚୋରିର ୭୫ ହଜାର ସହ ମୋଟ ୯୯ ହଜାର ଟଙ୍କା ଉଦ୍ଧାର କରାଯାଇଥିବା ଆଇଆଇସି ଶ୍ରୀ ପାଇକରାୟ ସୂଚନା ଦେଇଛନ୍ତି।

## ବିଦ୍ୟାଧରପୁର ଉଚ୍ଚ ବାଳିକା ବିଦ୍ୟାଳୟକୁ କୋ-ଏଜୁକେସନ ମାନ୍ୟତା

କଟକ,୨୧।୭ (ସମିସ): କଟକ ମହାନଗର ନିଗମ ଅନ୍ତର୍ଗତ ୫୫ ନମ୍ବର ୱାର୍ଡ ବିଦ୍ୟାଧରପୁର ଠାରେ ଅନୁଦାନ ପ୍ରାପ୍ତ ବାଳିକା ବିଦ୍ୟାଳୟକୁ କୋ ଏଜୁକେଶନ ଭାବରେ ପରିଣତ କରାଯାଇଛି। ଏଣିକି ଏଠାରେ ବାଳକ ଓ ବାଳିକା ଉଭୟ ପାଠ ପଢ଼ିପାରିବେ। ରାଜ୍ୟ ସରକାରଙ୍କର ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହି ବିଦ୍ୟାଳୟକୁ କୋ ଏଜୁକେଶନ୍ ଭାବରେ ଗ୍ରହଣ କରାଯାଇଛି। ୧୯୯୧ ମସିହାରେ ବିଦ୍ୟାଧରପୁର ଠାରେ କେତେକ ବିଶିଷ୍ଟ ବ୍ୟକ୍ତି ତଥା ଯୁବକଙ୍କ ଉଦ୍ୟମରେ ଏଠାରେ ବାଳିକା ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଦୀର୍ଘ ୩୪ ବର୍ଷ ପରେ ସରକାରଙ୍କର ଗଣ ଶିକ୍ଷା ବିଭାଗ ପକ୍ଷରୁ କୋ-ଏଜୁକେସନ ଭାବରେ ପରିଣତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ବାଳିକା ବିଦ୍ୟାଳୟରେ ବାଳିକା ମାନଙ୍କର ଉପସ୍ଥାନ ଦିନକୁ ଦିନ ହ୍ରାସ ପାଉଥିବାରୁ ସରକାର ଏହାକୁ କୋ ଏଜୁକେସନର ମାନ୍ୟତା ଦେଇଛନ୍ତି।

## ସମ୍ଭାବନା ଚାରିଟେବଲ ଟ୍ରଷ୍ଟର ଚାରାରୋପଣ




କଟକ,୨୧।୭ (ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୂଆପଡାସ୍ଥିତ ପ୍ରେସ କଲୋନୀ ବିଦ୍ୟାଳୟ ନିକଟସ୍ଥ ଉଦ୍ୟାନରେ କର୍ପୋରେଟର ସନ୍ତୋଷ କୁମାର ଭୋଳଙ୍କ ଅଧ୍ୟକ୍ଷତାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି। ସମ୍ମାନିତଅତିଥିରୂପେକର୍ପୋରେଟରସୁଭାଶିଷପଟ୍ଟନାୟକ, ସମାଜସେବୀ ବିମଳ ଜେନା, ଅଧ୍ୟାପକ କିଶୋର ମିଶ୍ର ଯୋଗଦେଇ ଚାରାରୋପଣର ଆବଶ୍ୟକତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ପ୍ରିୟରଞ୍ଜନ ମହାପାତ୍ର, ସମ୍ପାଦକ ରାକେଶ ଶତପଥୀ, ଓଁକାର ରାଉତ, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ଅନୀଲ ଦାସ, ସିପନ ସ୍ୱାଇଁ, ଜୟନ୍ତ ପ୍ରସାଦ, ସୁଜାତା ଦାସ, ସସ୍ମିତା ରାଉତ, ଶ୍ରଦ୍ଧାଞ୍ଜଳି ପରିଡା, ଅଞ୍ଜଳି ସାମଲ, ଶିଶିର ବାରିକ, ଦେବାଶିଷ ଶତପଥୀ ପ୍ରଭୃତି ସଦସ୍ୟମାନେ ପରିଚାଳନା କରିଥିଲେ।

## ସଂସ୍କୃତି ପରିଷଦ ପକ୍ଷରୁ ଚାରାରୋପଣ



ଟିଗିରିଆ,୨୧।୭ (ସମିସ): ସଂସ୍କୃତି ପରିଷଦ ଟିଗିରିଆ ତରଫରୁ ମା' ପଞ୍ଚୁାଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଷଦର ଉପଦେଷ୍ଟା ପୂର୍ବତନ ସାଂସଦ ସୁବାସ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଜଗବନ୍ଧୁ ତୁଙ୍ଗସାମନ୍ତ, ଅନୁଷ୍ଠାନର ସଭାପତି ସୁବୋଧ ପଟ୍ଟନାୟକ, ଆଇନଜୀବୀ ଗିରିଜା ପ୍ରସାଦ ପଟ୍ଟନାୟକ, ବିକ୍ରମ କେଶରୀ ଦାଶ, ଜୟନ୍ତ କୁମାର ସିଂ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସରୋଜ ସାହୁ ଏବଂ ଦୀପ୍ତି ରଞ୍ଜନ ଦାସ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

ଭଦ୍ରେଶ୍ୱର,୨୧।୭ (ସମିସ)



**ଦାନା ବାନ୍ଧୁଛି ଗଣଆନ୍ଦୋଳନ**

ମାହାଙ୍ଗା ବ୍ଲକ କୁରୁଜଙ୍ଗା ଗ୍ରାମପଞ୍ଚାୟତ ଭରତପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଜନିତ କାରଣରୁ ସମଗ୍ର ଶିକ୍ଷା ଯୋଜନା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାର ଛାତ୍ରାଭିଭାବକ ମହଲରେ ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା କାରଣରୁ ଗଣଆନ୍ଦୋଳନ ନିମନ୍ତେ ଛାତ୍ରାଭିଭାବକ ସଜବାଜ ହେଉଥିବାର ଜଣାଯାଇଛି। ଭରତପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଗତ ୨୦୦୪ ମସିହାରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀ ରହିଛି। ନୂତନ ଭାବେ ବାଲବାଟିକା ଖୋଲାଯାଇଛି। ଏହି ବିଦ୍ୟାଳୟରେ ୪୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରୁଥିଲା ବେଳେ ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେଲା ଆବଶ୍ୟକୀୟ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବା ଯୋଗୁ ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଏହି ବିଦ୍ୟାଳୟରେ ଦୀର୍ଘ ଦିନ ହେଲା ଏହି ବିଦ୍ୟାଳୟରେ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ମାହାଙ୍ଗା ବ୍ଲକରେ ଦୈନନ୍ଦିନ ସମଗ୍ର ଶିକ୍ଷା ଯୋଜନାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା କାରଣରୁ ଜଣେ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀଙ୍କୁ ତାଲିମ ନେବାକୁ ଯିବାକୁ ପଡୁଛି। ଫଳରେ ଜଣେ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ବହୁ କଷ୍ଟରେ ଚାଲୁଥିବାର ଅଭିଯୋଗ ହୋଇଛି। ବିଦ୍ୟାଳୟର ୫ଟି ଶ୍ରେଣୀ ନିମନ୍ତେ ମାତ୍ର ୨ଟି ଶ୍ରେଣୀ ଗୃହ ରହିଛି। ଗୋଟିଏ ଶ୍ରେଣୀ ଗୃହରୁ ପାଣି ଝରୁଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ବିଦ୍ୟାଳୟର କୌଣସି ପାଚେରୀ ନାହିଁ। ଏହି ବିଦ୍ୟାଳୟଟି ରାସ୍ତା ପାର୍ଶ୍ୱରେ ଅବସ୍ଥିତ କାରଣରୁ ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏପରିକି ଶିକ୍ଷକ ଅଭାବ ଥିବା ବିଦ୍ୟାଳୟ ଗୁଡିକୁ ମଧ୍ୟ ଅଧିକ ଶିକ୍ଷକ ଯୋଗାଇ ଦିଆ ନ ଯିବା ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ସମସ୍ୟା ସମାଧାନ କରା ନ ଗଲେ ଆଗାମୀ ଦିନରେ ଛାତ୍ରାଭିଭାବକ ମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ନିଖୋଜ ନାବାଳିକା ଉଦ୍ଧାର

ଟିଗିରିଆ,୨୧।୭ (ସମିସ): ଟିଗିରିଆ ଥାନାଞ୍ଚଳରୁ ଗତମାସରେ ଜଣେ ନିଖୋଜ ନାବାଳିକାଙ୍କୁ ଟିଗିରିଆ ପୁଲିସ ଢେଙ୍କାନାଳ ଅଞ୍ଚଳରୁ ଉଦ୍ଧାର କରିଥିବା ଟିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି। ଉକ୍ତ ନାବାଳିକାଙ୍କର ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିବା ବେଳେ ନାବାଳିକା ଜଣକ ଉକ୍ତ ଯୁବକଙ୍କ ସହ ଢେଙ୍କାନାଳ ଅଞ୍ଚଳରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିବା ଜଣାପଡିଥିଲା। ଏନେଇ ସୂଚନା ମିଳିବା ପରେ ଆଇଆଇସି ଶ୍ରୀ ପାଇକରାୟଙ୍କ ନେତୃତ୍ୱରେ ଏସଆଇ ପ୍ରିୟଦର୍ଶିନୀ ଇପ୍ସିତାଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଚଢ଼଼ଉ କରି ନାବାଳିକାକୁ ଉଦ୍ଧାର କରିଥିବା ସୂଚନା ମିଳିଛି।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଦେଶର ତୃତୀୟ ଶ୍ରେଷ୍ଠ ଆୟୁର୍ବେଦ ଶିକ୍ଷାନୁଷ୍ଠାନ



କଟକ,୨୧।୭ (ସମିସ)

ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ମ୍ୟାଗାଜିନ୍ ଆଉଟ୍ ଲୁକ୍ ଦ୍ୱାରା "ଭାରତୀୟ ଗବେଷଣା ଓ ଶିକ୍ଷାର ଉନ୍ନତି କେନ୍ଦ୍ର-୨୦୨୫ (ଇଣ୍ଡିଆନ୍ ସେଣ୍ଟର ଫର୍ ଆଡଭାନ୍ସମେଣ୍ଟ ଅଫ୍ ରିସର୍ଚ୍ଚ ଆଣ୍ଡ ଏଡୁକେସନ୍-ଆଇସିଏଆରଇ)' ରାଙ୍କିଂ ଅନୁସାରେ ଦେଶର ସର୍ବଶ୍ରେଷ୍ଠ ୨୦ଟି ଆୟୁର୍ବେଦ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର ଏକମାତ୍ର ଶିକ୍ଷାନୁଷ୍ଠାନ ଭାବରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସମ୍ପୃକ୍ତ ତାଲିକାର ତୃତୀୟ ସ୍ଥାନରେ ରହିଛି। ଫଳରେ ଏହା କେବଳ ବିଶ୍ୱବିଦ୍ୟାଳୟ ପାଇଁ ନୁହେଁ, ବରଂ ସମଗ୍ର ରାଜ୍ୟ ପାଇଁ ମଧ୍ୟ ଏକ ଗୌରବର ବିଷୟ ବୋଲି ମତ ପ୍ରକାଶ ପାଇଛି। ଏଥିରେ ଶିକ୍ଷାତ୍ମକ ଓ ଗବେଷଣା ଉତ୍କୃଷ୍ଟତା (ଏକାଡେମିକ୍ ଆଣ୍ଡ ରିସର୍ଚ୍ଚ ଏକ୍ସଲେନ୍ସ), ଉଦ୍ୟୋଗ ସଂଯୋଗ ଓ ନିଯୁକ୍ତି (ଇଣ୍ଡଷ୍ଟ୍ରୀ ଇଣ୍ଟରଫେସ୍ ଆଣ୍ଡ ପ୍ଲେସମେଣ୍ଟ), ଭିତ୍ତିଭୂମି ଓ ସୁବିଧାସୁଯୋଗ (ଇନଫ୍ରାଷ୍ଟ୍ରକଚର ଆଣ୍ଡ ଫେସିଲିଟିଜ୍), ପ୍ରଶାସନ ଓ ନାମଲେଖା (ଗଭର୍ଣ୍ଣାନ୍ସ ଆଣ୍ଡ ଆଡମିଶନ୍) ଏବଂ ବିବିଧତା ଓ ପ୍ରସାରଣ (ଡାଇଭର୍ସିଟି ଆଣ୍ଡ ଆଉଟରିଚ୍) ଭଳି ପାଞ୍ଚଟି ବିଷୟରେ ସମୁଦାୟ ୧୦୦୦ ନମ୍ବରରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୯୩୫.୫୭ ନମ୍ବର ରଖି ଏହି ସଫଳତା ହାତେଇଛି। ତାଲିକାର ଶ୍ରେଷ୍ଠ ପାଞ୍ଚଟି ଆୟୁର୍ବେଦ ଶିକ୍ଷାନୁଷ୍ଠାନଗୁଡ଼ିକ ହେଲା, ମହାରାଷ୍ଟ୍ର ପୁଣେସ୍ଥିତ ଭାରତୀ ବିଦ୍ୟାପୀଠ ଅନ୍ତର୍ଗତ ୟୁନିଭର୍ସିଟି କଲେଜ ଅଫ୍ ଆୟୁର୍ବେଦ, କେରଳ କୋଲ୍ଲାମସ୍ଥିତ ଅମୃତ ବିଶ୍ୱବିଦ୍ୟାପୀଠମ୍, ଓଡ଼ିଶାର କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କର୍ଣ୍ଣାଟକ ବିଜୟପୁରାସ୍ଥିତ ଏଭିଏସ୍ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ମହାରାଷ୍ଟ୍ର ୱାର୍ଦ୍ଧାସ୍ଥିତ ଦତ୍ତା ମେଘେ ଇନଷ୍ଟିଚ୍ୟୁଟ୍ ଅଫ୍ ହାୟର ଏଡୁକେସନ୍ ଆଣ୍ଡ ରିସର୍ଚ୍ଚ। ନିଜ ପ୍ରତିକ୍ରିୟାରେ ବିଭାଗୀୟ ଡିନ୍ ଡ. ପ୍ରଦୀପ କୁମାର ପଣ୍ଡା ଆଗକୁ ଅଧିକ ପରିଶ୍ରମ କରି ପରବର୍ତ୍ତୀ ବର୍ଷ ମାନଙ୍କରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ପାଞ୍ଚଟି ଅନୁଷ୍ଠାନ ସହଯୋଗରେ ତଥା ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶଙ୍କ ସହଯୋଗ ଏବଂ ଉଦ୍ୟମ ଯୋଗୁଁ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲରେ ବର୍ତ୍ତମାନ ଗବେଷଣା ଚାଲିଥିବା ବେଳେ ଏଠାରେ ଶହେରୁ ଅଧିକ ଛାତ୍ରଛାତ୍ରୀ ୧୪ଟି ବିଷୟରେ ଅଧ୍ୟୟନ କରୁଛନ୍ତି। ଗତ ବର୍ଷ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏହି ବିଭାଗ ୫୩ଟି ମ୍ୟାଗାଜିନ୍ ପ୍ରକାଶ କରିଥିଲା। ୨୦୨୩ ମସିହାରେ ୧୦୪ ଇଭେଣ୍ଟର ସଫଳ ଆୟୋଜନ କରିଥିବା ବେଳେ ୨୦୨୪ରେ ୧୬୨ଟି ଇଭେଣ୍ଟ ଆୟୋଜିତ ହୋଇଥିଲା। ୨୦୨୫ରେ ଏହି ସଂଖ୍ୟା ଅଧିକ ହେବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ସଫଳତା ପାଇଁ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନୀଲ ଶର୍ମା, ମାନବସମ୍ବଳ ବିଭାଗ ଉପ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ, ଆଡମିଶନ୍ ବିଭାଗ ଉପନିର୍ଦ୍ଦେଶକ ଡ. ମଳୟ ମଲ୍ଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଷ୍ଟୁଆର୍ଟ ସ୍କୁଲରେ ଚେସ୍ ଟୁର୍ଣ୍ଣାମେଣ୍ଟ



କଟକ,୨୧।୭ (ସମିସ): ଅନ୍ତର୍ଜାତୀୟ ଚେସ ଦିବସ ଉପଲକ୍ଷେ ଆଜି ଷ୍ଟୁଆର୍ଟ ସ୍କୁଲ୍ ଅଡିଟୋରିୟମରେ ଏକ ଚେସ୍ ଚାମ୍ପିଅନସିପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୦୭ ଜଣ ପିଲା ଭାଗ ନେଇଥିଲେ। ଏଥିରେ ଅଲ ଓଡ଼ିଶା ଚେସ ଆସୋସିଏସନ୍‌ର ସମ୍ପାଦକ ଦେବବ୍ରତ ଭଟ୍ଟ ମୁଖ୍ୟଅତିଥି ଭାବରେ ଏବଂ ଓଡ଼ିଶାର ସିନିୟର ଚେସ କୋଚ ବିଶ୍ୱଜିତ ରାୟ, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କୁ ଚେସ ଖେଳର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡି ମାର୍ଟିନାଙ୍କ ଉଦ୍ୟୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଅଭିଭାବକ ଜିତେନ୍ଦ୍ର କୁମାର ସାହୁ ମଧ୍ୟ ସେଠାରେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଆଲୋଚନାଚକ୍ର

କଟକ,୨୧।୭ (ସମିସ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା କଟକ ମହାନଗର ଶାଖାର ମାସିକ ବୈଠକ ଓ ଆଲୋଚନାଚକ୍ର କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଓଁକାର ନାଦ ସହ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ଗୋବିନ୍ଦ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶିକ୍ଷାନୁଷ୍ଠାନର ପବିତ୍ରତା ଓ ନିରପେକ୍ଷତା ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା କଳାହାଣ୍ଡି ଶାଖାର ସଂଯୋଜକ ମନୋଜ ନାୟକ, ବରୁଣ ପ୍ରଧାନ, ଅଧ୍ୟାପକ ମଣ୍ଟୁ ଚରଣ ଜେନା, ଅଧ୍ୟାପିକା ପ୍ରଜ୍ଞା ପ୍ରଣତି ସିଂହ, ସାହିତ୍ୟିକ ଡ. ସନ୍ତୋଷ କୁମାର ପଣ୍ଡା, କବି ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରର ପିଲାମାନଙ୍କ ମଧ୍ୟରେ 'ଭାରତୀୟ କୁଟୁମ୍ବ' କାହାଣୀ ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା କରାଯାଇ ଶାନ୍ତି ପାଠ ସହ ବୈଠକ ସାଙ୍ଗ କରାଯାଇଥିଲା।

## ବିଦ୍ୟାଳୟରେ ମାତୃ ସମ୍ମିଳନୀ




କଟକ,୨୧।୭ (ସମିସ): ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ର ଶିଶୁ ବାଟିକାର ଅରୁଣ, ଉଦୟ, ପ୍ରଭାତ ଶ୍ରେଣୀର ମାଆମାନଙ୍କୁ ନେଇ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବିଦ୍ୟାଳୟର ସଭାପତି ସୁଶ୍ରୀ ପ୍ରତିମା ଶତପଥୀ ଶିଶୁ ଶିକ୍ଷାରେ ମା'ମାନଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ଦାଶ ସମ୍ମିଳନୀର ଉଦ୍ଦେଶ୍ୟ କଥନ କରିଥିଲେ। ପ୍ରାତଃ ଅଧିବେଶନ ପ୍ରମୁଖ ଅଖିଳ ସ୍ୱାଇଁ ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ସ୍ନେହଲତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶିଶୁ ବାଟିକାର ସମସ୍ତ ଆଚାର୍ଯ୍ୟାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ବିଷ୍ଣୁପ୍ରିୟା ସେବା ସମିତି ପକ୍ଷରୁ ଚାରାରୋପଣ



କନ୍ଦରପୁର,୨୧।୭ (ସମିସ): କଟକ ସଦର ଅଗ୍ରଣୀ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ସେବା ସମିତି ପକ୍ଷରୁ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ଅଥଙ୍ଗା ମା' କୁଲେଇସୁଣି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଏସଏଫ ଅଫିସର ବିଜୟ କୁମାର ଲେଙ୍କାଙ୍କ ସମେତ ବିକାଶ ମଞ୍ଚର ଉପସଭାପତି ଚିତ୍ତରଞ୍ଜନ ମହାପାତ୍ର, ସମୀର ବେହେରା, ଶିବ ପ୍ରସାଦ ପ୍ରଧାନ, ଲୋଚନ ପରିଡା, ପ୍ରଭାକର ବେହେରା, ସୂର୍ଯ୍ୟମଣି ନାୟକଙ୍କ ସମେତ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିସହ ବିଷ୍ଣୁପ୍ରିୟା ସେବା ସମିତିର ସଭାପତି ଓ ସଦର ବ୍ଲକର ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ୨୪ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ଚାରାରୋପଣ କରାଯିବ ବୋଲି ସୂଚନା ଦେଇଥିଲେ।

# ଶିକ୍ଷୟିତ୍ରୀଙ୍କୁ ନ୍ୟାୟ ମିଳିବା ଦାବିରେ ରାସ୍ତାକୁ ଓହ୍ଲାଇଲେ ଛାତ୍ରଛାତ୍ରୀ

ନିଶ୍ଚିନ୍ତକୋଇଲି,୨୧।୭ (ସମିସ)



**ବର୍ଷାରେ ଭିଜି ରାସ୍ତା ଅବରୋଧ କଲେ ବିଦ୍ୟାର୍ଥୀ ଓ ଅଭିଭାବକ**

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ମଣିଜଙ୍ଗ ପଞ୍ଚାୟତରେ ଥିବା ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟିଙ୍କ ବିରୋଧରେ ଅନ୍ୟାୟ ଭାବେ ହୋଇଥିବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଶହ ଶହ ଛାତ୍ରଛାତ୍ରୀ ଓ ଅଭିଭାବକ। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବା ସହିତ ତାଙ୍କୁ ସମ୍ମାନର ସହିତ ବିଦ୍ୟାଳୟକୁ ଫେରାଇଦେବା ଦାବିରେ ସୋମବାର ପୂର୍ବାହ୍ନ ୧୦ଟାରୁ ୧ ପର୍ଯ୍ୟନ୍ତ ବର୍ଷାରେ କଟିକଟା-ଜୟପୁର ରାସ୍ତାକୁ ମଣିଜଙ୍ଗ ଛକ ଠାରେ ଅବରୋଧ କରିଛନ୍ତି ଛାତ୍ରଛାତ୍ରୀ ଓ ଗ୍ରାମବାସୀ। ରାସ୍ତାରେ ଆନ୍ଦୋଳନ ସମୟରେ ଛାତ୍ରଛାତ୍ରୀ କିଶୋରନଗର ଆଇଆଇସି ଓ ମଣ୍ଡଳ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି କରିଥିଲେ। ଏହି ଆନ୍ଦୋଳନରେ ଭଗବତୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ସାମିଲ ହୋଇଛନ୍ତି। ସୋମବାର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ରାସ୍ତାରେ ଆନ୍ଦୋଳନ କରିଥିବା ଖବର ମଣ୍ଡଳ ଶିକ୍ଷାଧିକାରୀ ଜାଣିଥିଲେ ମଧ୍ୟ ସେ ନିଜେ କିମ୍ବା ତାଙ୍କ କାର୍ଯ୍ୟାଳୟର କେହି ଅଧିକାରୀଙ୍କୁ ସେଠାକୁ ପଠାଇ ନ ଥିବାରୁ ଗ୍ରାମବାସୀମାନେ କ୍ଷୁବ୍ଧ ହୋଇ ଆନ୍ଦୋଳନକୁ ଯୋରଦାର କରିଥିଲେ। ଘଟଣାସ୍ଥଳରେ ମାହାଳ ହାଟ ଫାଣ୍ଡି ଅଧିକାରୀ ଅଜୟ କୁମାର ମହାନ୍ତି ପହଞ୍ଚିଥିଲେ ମଧ୍ୟ ଆଇଆଇସି ଓ ଶିକ୍ଷାଧିକାରୀଙ୍କୁ ଘଟଣାସ୍ଥଳକୁ ଆଣିବା ପାଇଁ ଗ୍ରାମବାସୀ ଓ ଅଭିଭାବକମାନେ ଦାବି କରିଥିଲେ। ଉକ୍ତ ଖବର ଜାଣିବା ପରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ସାଲେପୁର ଏସଡ଼ିପିଓ ବିରଞ୍ଚି ନାରାୟଣ ପତି, ସ୍ଥାନୀୟ ସରପଞ୍ଚ ଶାରଦା ପ୍ରସାଦ ମହାନ୍ତିଙ୍କ ସହିତ ମୋବାଇଲ ଯୋଗେ କଥାବାର୍ତ୍ତା ହୋଇ ଆନ୍ଦୋଳନ ପ୍ରତ୍ୟାହୃତ ନିମନ୍ତେ ପଦକ୍ଷେପ ନେଇଥିଲେ ବୋଲି ସରପଞ୍ଚ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ବୁଧବାର ଦିନ ଶିକ୍ଷୟିତ୍ରୀଙ୍କୁ ଚୌଦ୍ୱାର ଜେଲରୁ ମୁକୁଳାଇବା ପାଇଁ ବନ୍ଦୋବସ୍ତ କରାଯିବା ସହିତ ଖୁବଶୀଘ୍ର ତାଙ୍କୁ ବିଦ୍ୟାଳୟକୁ ଫେରାଇ ଦିଆଯିବ ଏବଂ ଆବଶ୍ୟକ ହେଲେ ପୁଲିସ ବିଭାଗ ଓ ଶିକ୍ଷା ବିଭାଗର ଉଚ୍ଚପଦସ୍ତ ଅଧିକାରୀମାନେ ବିଦ୍ୟାଳୟକୁ ଯାଇ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଏକ ଶାନ୍ତିର ବାତାବରଣ ପ୍ରତିଷ୍ଠା କରିବା ପାଇଁ ବ୍ୟବସ୍ଥା କରିବାକୁ କହିଥିବା ସରପଞ୍ଚ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ବିଧାୟକ ଓ ଏସଡ଼ିପିଓଙ୍କ ମନ୍ତବ୍ୟକୁ ନେଇ ଆନ୍ଦୋଳନକାରୀଙ୍କୁ ସରପଞ୍ଚ ଜଣାଇବା ପରେ ଏହା ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନ ପ୍ରତ୍ୟାହୃତ ପରେ ପିଲାମାନେ ବିଦ୍ୟାଳୟକୁ ନ ଯାଇ ସିଧାସଳଖ ଘରକୁ ପଳାଇଯିବାରୁ ସୋମବାର ଦିନ ଶିକ୍ଷାଦାନ ଏବଂ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଜଣାଯାଇଛି। ସାମାନ୍ୟ ଘଟଣାକୁ ନେଇ ଶିକ୍ଷାଧିକାରୀ ଓ ପୁଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନେଇ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଥିବା ବେଳେ ଏହି ଦୁଇ ବିଭାଗ ତୁରନ୍ତ ଉକ୍ତ ଘଟଣାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଗଣପତି ମଧୁବୈଶ୍ୟ ସମାଜର ସାଧାରଣ ବୈଠକ



ନିଶ୍ଚିନ୍ତକୋଇଲି,୨୧।୭ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱର ପଞ୍ଚାୟତ କୁଳଗାଁଇସାଳୋଠାରେ ଥିବା ମା' ମଙ୍ଗଳାଙ୍କ ପୀଠସ୍ଥଳୀରେ ନିଶ୍ଚିନ୍ତକୋଇଲି, ସାଲେପୁର ଓ ମାହାଙ୍ଗା ବ୍ଲକର ଗଣପତି ମଧୁବୈଶ୍ୟ ସମାଜ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପରିକ୍ଷୀତ ସାହୁଙ୍କ ପୌରହିତ୍ୟରେ ଏଥିରେ ସାଧାରଣ ସଂପାଦକ କ୍ଷୀରୋଦ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରି ଏହି ବୈଠକର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ପ୍ରସନ୍ନ କୁମାର ମଲ୍ଲ, କମଳାକାନ୍ତ ସାହୁ, ଶରତଚନ୍ଦ୍ର ସାହୁ, ନାରାୟଣ ସାହୁ, ପ୍ରଭାକର ସାହୁ, ଭାନୁମତି ସାହୁ, ସଂଧ୍ୟାରାଣୀ ସାହୁ, ରମେଶଚନ୍ଦ୍ର ସାହୁ, ସୁରେଶଚନ୍ଦ୍ର ସାହୁ, ଗୀତାଞ୍ଜଳି ସାହୁ, କୁଳମଣି ସାହୁ ପ୍ରମୁଖ ଯୋଗଦେଇ ମଧୁବୈଶ୍ୟ ସମାଜର ପରିବାର ଏକତ୍ରିତ ହୋଇ ସଂଗଠନକୁ ମଜଭୁତ କରିବା ସହିତ ଉକ୍ତ ସଂପ୍ରଦାୟର ଲୋକଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ଆଲୋଚନା କରାଯାଇ ସ୍ଥିର ହୋଇଥିଲା। ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ଏହି ସଂପ୍ରଦାୟର ପରିବାରମାନେ କିଭଳି ଏହି ସଂଘରେ ସାମିଲ ହେବେ ସେ ନେଇ ଉଦ୍ୟମ କରାଯିବାକୁ ମଧ୍ୟ ସ୍ଥିର ହୋଇଥିଲା। ଏହି ବୈଠକରେ ଶତାଧିକ ଲୋକ ଯୋଗଦେଇଥିବା ବେଳେ ମନୋଜ ସାହୁ ଧନ୍ୟବାଦ ଦେଇଥିଲେ।

■ ଘରେ ପଶି ମହିଳାଙ୍କୁ ଛୁରାମାଡ଼

# ଝିଅକୁ ବଞ୍ଚାଇବାକୁ ଯାଇ ମା' ଆହତ

ବାରିପଦା, ୨୧।୭(ସମିସ): ଦିନ ଦି'ପହରେ ୩ ମହଲା ଉପରେ ଥିବା ଘରେ ପଶି ମହିଳାଙ୍କୁ ଛୁରାମାଡ଼। ବାରିପଦା ଭଞ୍ଜପୁର ଥାନା ମୁର୍ଗବାଡ଼ି ଅଞ୍ଚଳ ଗ୍ରାଣ୍ଡଗଳିରେ ଆଜି ଏହି ଆପରାଧିକ ଘଟଣା ଘଟିଛି। ଆହତ ମହିଳାଜଣଙ୍କ ହେଲେ, ସମୀର ସାହୁଙ୍କ ସ୍ତ୍ରୀ ମମତା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ହାତ ଓ ଆଙ୍ଗୁଳିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଖବର ପାଇ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଦୁର୍ବୃତ୍ତଜଣଙ୍କ ମୁହଁରେ ଗାମୁଛା ଘୋଡ଼ାଇ କଲିଂବେଲ ମାରି ପ୍ରଥମେ ଘର ଭିତରକୁ ପଶିଥିଲା। ଏହା ଦେଖି ମମତା ପାଟି କରିବାରୁ ଦୁର୍ବୃତ୍ତ ତାଙ୍କ ସାନଝିଅ ବେକରେ ଛୁରି ଲଗାଇ ହତ୍ୟା ଧମକ ଦେଇଥିଲା। ମମତା ଝିଅକୁ ଉଦ୍ଧାର କରିବାକୁ ଯାଇ ଦୁର୍ବୃତ୍ତଙ୍କ ଛୁରାମାଡ଼ର ଶିକାର ହୋଇଥିଲେ। ସେ ପାଟି କରିବାରୁ ଦୁର୍ବୃତ୍ତଜଣଙ୍କ ଚପଲ ଛାଡ଼ି ଦୌଡ଼ି ପଳାଇଥିଲା।

■ ପ୍ରକାଶ ପାଇଲା ଏଲ୍ଏଲ୍ବି ମେଧା ତାଲିକା

# 'ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ' ପ୍ରଥମ ପସନ୍ଦ

ଭୁବନେଶ୍ୱର, ୨୧।୭(ସମିସ): ତିନି ବର୍ଷିଆ ଏଲ୍ଏଲ୍ବି ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ମୋଟ୍ ୩୬୦ଟି ସିଟ୍ରେ ନାମଲେଖା ପାଇଁ ୩୬୦ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ ୨୦୬ଜଣ ଛାତ୍ର ଥିବା ବେଳେ ୧୫୪ଜଣ ଛାତ୍ରୀ ରହିଛନ୍ତି। ବାଣୀବିହାରସ୍ଥିତ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହାର କଟ୍-ଅଫ୍ ସର୍ବାଧିକ ୮୨.୭୩% ଯାଇଥିବା ବେଳେ କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୭୯.୪୨% ଓ ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର କଟ୍-ଅଫ୍ ୭୫.୧୩% ରହିଛି। ଚୟନ ହୋଇଥିବା ପିଲାମାନେ ୨୪ତାରିଖ ମଧ୍ୟରେ ସ୍ଲାଇଡ୍/ଫ୍ରିଜ୍ ଅପସନ୍ ଦେଇ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ। ୨୯ ତାରିଖରେ ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲକା ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ ତାରିଖ ମଧ୍ୟରେ ନାମଲେଖା ସରିବ। ପରେ ୫ ତାରିଖରେ ୱେଟିଂଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଆଶାୟୀମାନେ ୭ ଓ ୮ ତାରିଖରେ ନାମ ଲେଖାଇବେ। ଅଗଷ୍ଟ ୧୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତ ବର୍ଷ ୩୬୦ଟି ସିଟ୍ରେ ନାମଲେଖା ପାଇଁ ୨୨୦୭ଜଣ ଆବେଦନ କରିଥିଲେ।

■ ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମାଧା ତାଲିକା

# ନାମଲେଖା ପାଇଁ ୫୨,୯୫୫ ଚୟନ

ଭୁବନେଶ୍ୱର, ୨୧।୭(ସମିସ): ଯୁକ୍ତ ୨ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପଇଛି। ଏହି ରାଉଣ୍ଡରେ ନାମଲେଖା ପାଇଁ ୫୨,୯୫୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୬,୦୯୨ ଛାତ୍ର ଥିବା ବେଳେ ୨୬,୮୬୦ ଛାତ୍ରୀ ରହିଛନ୍ତି। କଳାରେ ସର୍ବାଧିକ ୩୮,୧୬୫ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ବିଜ୍ଞାନରେ ୧୧୮୭୭, ବାଣିଜ୍ୟରେ ୨୪୦୩, ଧନ୍ଦାମୂଳକ ଶିକ୍ଷାରେ ୩୩୯ ଏବଂ ସଂସ୍କୃତରେ ୧୭୧ ଜଣ ଚୟନ ହୋଇଛନ୍ତି। ସେହିପରି ପ୍ରଥମ ରାଉଣ୍ଡ ନାମଲେଖା ସମୟରେ ସ୍ଲାଇଡ୍-ଅପ୍ ଦେଇଥିବା ୨୮,୩୧୩ଜଣ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଅପରପକ୍ଷେ, ପ୍ରଥମ ରାଉଣ୍ଡରେ ୪ଲକ୍ଷ ୧୩ହଜାର ୮୦୪ ଜଣ ମନୋନୀତ ହୋଇଥିବା ବେଳେ ୩ଲକ୍ଷ ୫୫ହଜାର ୬୮ଜଣ ନାମ ଲେଖାଇଛନ୍ତି। ସେହିପରି, ୫୮,୭୩୬ ଜଣ ନାମ ଲେଖାଇନାହାନ୍ତି। ସମୁଦାୟ ୫ଲକ୍ଷ ୬୮ହଜାର ୬୧୫ଟି ସିଟ୍ ଥିବା ବେଳେ ଆହୁରି ୨ଲକ୍ଷ ୧୩ ହଜାର ୫୪୭ ସିଟ୍ ଫାଙ୍କା ରହିଛି। ସମୁଦାୟ ସିଟ୍ ସଂଖ୍ୟା ଅନୁସାରେ ପ୍ରାୟ ୬୨.୪୫ ପ୍ରତିଶତ ସିଟ୍ରେ ନାମଲେଖା ହୋଇଛି।

# ୩୦ ମଧ୍ୟରେ +୨ ଇନଷ୍ଟାଣ୍ଟ ରିଚେକିଂ ଓ ରିଆଡିସନ୍ ଆବେଦନ

ଭୁବନେଶ୍ୱର, ୨୧।୭ (ସମିସ): +୨ଇନ୍ଷ୍ଟାଣ୍ଟ ପରୀକ୍ଷା ଖାତା ପୁନଃଯାଞ୍ଚ (ରିଚେକିଂ) ଓ ମାର୍କ ପୁନଃ ମିଶ୍ରଣ (ରିଆଡିସନ୍) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୩୦ ତାରିଖ ମଧ୍ୟରେ ଆଶାୟୀମାନେ ଆବେଦନ କରିପାରିବେ। ସମୟ ଅବଧି ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ କୁହାଯାଇଛି। ଏଥିପାଇଁ ୨୦୦ଟଙ୍କା ଫି' ଧାର୍ଯ୍ୟ କରାଯାଇଛି। ବ୍ୟାଙ୍କ ଚାଲାଣ ମାଧ୍ୟମରେ ଫି' ପୈଠ କରିପାରିବେ ଛାତ୍ରଛାତ୍ରୀ। ପରିଷଦ ପକ୍ଷରୁ ଦିଆଯାଇଥିବା ଫର୍ମାଟ୍ରେ ଛାତ୍ରଛାତ୍ରୀମାନେ ଆବେଦନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୧୦୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୧୩ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୪୯ ପାସ୍ କରିଥିବା ବେଳେ ବିଜ୍ଞାନରେ ୩୧୧, ବାଣିଜ୍ୟରେ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ଏସ୍ସିବିରେ କାର୍ଯ୍ୟକ୍ଷମ ହେବ 'ଅସ୍ଥିମଜ୍ଜା ପ୍ରତିରୋପଣ ୟୁନିଟ୍'

କଟକ, ୨୦।୭ (ସମିସ): ଏସ୍ସିବିରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି ଅସ୍ଥିମଜ୍ଜା ପ୍ରତିରୋପଣ ୟୁନିଟ୍। ଏଣିକ ଆଉ ଡାକ୍ତରଖାନା କର୍ତ୍ତୃପକ୍ଷ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ଆସୁଥିବା ରୋଗୀଙ୍କୁ ଫେରାଇବେ ନାହିଁ। ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ (ଏସ୍ସିବି ଏମ୍ସିଏଚ୍)ରେ ରକ୍ତ ରୋଗ ବିଭାଗରେ ତାଙ୍କୁ ଭର୍ତ୍ତି କରାଯାଇ ଚିକିତ୍ସା କରାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଏଥିପାଇଁ ୩୩ଜଣ ରୋଗୀଙ୍କ ମଧ୍ୟରୁ ୩ଜଣ ପ୍ରତିରୋପଣ ଆବଶ୍ୟକ ଥିବା ରୋଗୀଙ୍କୁ ଅସ୍ଥିମଜ୍ଜା ପ୍ରତିରୋପଣ ୟୁନିଟ(ବିଏମ୍ଟି)ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯିବ। ଶୁକ୍ରବାରଠାରୁ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବଙ୍କ ସହ ଅଲୋଚନା କରି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ସୂଚନାଯୋଗ୍ୟ, କଟକ ବଡ଼ ଡାକ୍ତରଖାନାରେ ଦୀର୍ଘ ୫ମାସ ହେବ ଅସ୍ଥିମଜ୍ଜା ପ୍ରତିରୋପଣ ବନ୍ଦ ହୋଇଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତରଙ୍କ ଚୁକ୍ତି ଶେଷ ହେବା ପରେ ସରକାର ତାଙ୍କ ଚୁକ୍ତିକୁ ନବୀକରଣ କରିନଥିଲେ। ଫଳରେ ବିଶେଷଜ୍ଞ



ଡାକ୍ତର ଅଭାବରୁ ଏହା ଆଉ କାର୍ଯ୍ୟକାରୀ ହୋଇନଥିଲା। ଏହା ଏକ ବ୍ୟୟବହୁଳ ଚିକିତ୍ସା ହୋଇଥିବାରୁ ଏଥିପାଇଁ ଅନେକ ରୋଗୀ ଅପେକ୍ଷା କରି ରହିଥିଲେ। ତେବେ ଘଟଣା ଲୋକଲୋଚନାକୁ ଆସିବା ପରେ ତୁରନ୍ତ ବିଏମ୍ଟି କାର୍ଯ୍ୟକ୍ଷମ କରିବାକୁ ହାଇକୋର୍ଟ ସ୍ୱାସ୍ଥ୍ୟ ବିଭାଗ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସରକାର ପ୍ରତିରୋପଣ ପାଇଁ ଜଣେ ଅବସରପ୍ରାପ୍ତ ବିଶେଷଜ୍ଞଙ୍କ ନେତୃତ୍ୱରେ ଏହା ପୁଣିଥରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏହି ବ୍ୟବଧାନ ପୂରଣ କରିବା ପାଇଁ ସରକାର ଏମ୍ସ ଅବସରପ୍ରାପ୍ତ ହେମାଟୋଲୋଜି ବିଶେଷଜ୍ଞ ଡା. ପ୍ରବୋଧ କୁମାର ଦାସଙ୍କୁ ନିଯୁକ୍ତି ଦେବେ। ସେ ଏସ୍ସିବିରେ ପରାମର୍ଶଦାତା ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି। ଏଥିପାଇଁ ଖୁବଶୀଘ୍ର ତାଙ୍କ ସହ ଚୁକ୍ତି ସ୍ୱାକ୍ଷର କରିବେ। ଏଥିମଧ୍ୟରେ ରକ୍ତରୋଗ ବିଭାଗରେ ଥିବା ଅନ୍ୟ ଡାକ୍ତରଙ୍କୁ ନେଇ ରୋଗୀ ଚିକିତ୍ସା ଆରମ୍ଭ କରାଯିବ। ବିଭାଗୀୟ ଅଧିକାରୀଙ୍କ ସହ ଅନ୍ୟ ଦୁଇଜଣ ଡାକ୍ତର ଏଥିରେ ନିୟୋଜିତ ରହିବେ। ଏଥିପାଇଁ ଏସ୍ସିବି କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଛନ୍ତି।

# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ

ମହୁଲଡିହା,୨୧।୭(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ବନବିଭାଗ ପୁଣି ୨ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ସମ୍ବର ମାଂସ, ଶିଙ୍ଘ ଏବଂ ଧନୁ ଜବତ କରିଛି। ଗିରଫ ଶିକାରୀଦ୍ୱୟ ହେଲେ, ଅସନକୁଦର ଗ୍ରାମର ଫକୀର ଚକିଆ(୪୪) ଏବଂ ରାଣୀଭୋଳ ଗ୍ରାମର କମଳା ଡାଙ୍ଗିଲ(୨୧)। ସୋମବାର ଦୁହିଁଙ୍କୁ କୋର୍ଟରେ ହାଜର କରାଯାଇଛି। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇଦିଆଯାଇଛି। ଏଆଇ କ୍ୟାମେରା ଫୁଟେଜ୍ ଆଧାରରେ ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନ୍ ଏବଂ କରଞ୍ଜିଆ ବନଖଣ୍ଡର ବନ କର୍ମଚାରୀମାନେ ଗତକାଲି ଠାକୁରମୁଣ୍ଡା ବନାଞ୍ଚଳ ଅଧୀନ ଅସନକୁଦର ଏବଂ ରାଣୀଭୋଳ ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଅସନକୁଦର ଫକୀର ଏବଂ ରାଣୀଭୋଳର କମଳାଙ୍କୁ ଘରୁ ଧନୁ, ତୀର, ବାର୍ହା ଦାନ୍ତ, ପକ୍ଷୀ ଅଂଶବିଶେଷ, ସମ୍ବର ଶିଙ୍ଗ, ମୁଣ୍ଡ ସହ ସମ୍ବର ମାଂସ ଏବଂ ବାଉଁଶ ପଟି ଆଦି ଜବତ କରିଥିଲେ। ଏତେ ପରିମାଣରେ ପଶୁ ଦେହାବଶେଷ ଦେଖି ବନ ବିଭାଗ ତାଜୁବ ହୋଇଯାଇଥିଲା। ଉଭୟଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା।

ସମ୍ବର ମାଂସ, ଶିଙ୍ଘ, ଧନୁତୀର ଜବତ



# ଦୁର୍ଘଟଣା ନେଲା ୩ ଜୀବନ

ଯୋଡ଼ା, ୨୧।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅଞ୍ଚଳରେ ଆଜି ଦିନକରେ ୩ଟି ପୃଥକ୍ ଦୁର୍ଘଟଣାରେ ୩ଜଣ ପ୍ରାଣ ହରାଇଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଛନ୍ତି।

**କାଉଡିଆ ଗାଡ଼ି ଓଲଟି ଜଣେ ମୃତ, ୭ ଗୁରୁତର**

**ବାଇକ୍କୁ ଧକ୍କା ଦେଲା ଟ୍ରକ୍; ୨ ମୃତ**

ସୂଚନାନୁଯାୟୀ, ଶ୍ରାବଣ ଦ୍ୱିତୀୟ ସୋମବାର ଅବସରରେ ରାଉରକେଲା ସେକ୍ଟର୍-୨ରୁ ୮ଜଣ କାଉଡ଼ିଆ ବିଲେଇପଦାସ୍ଥିତ ମୁର୍ଗା ମହାଦେବଙ୍କୁ ଜଳ ଅର୍ପଣ କରି ଘଟଗାଁ ମା' ତାରିଣୀଙ୍କୁ ଦର୍ଶନ କରିବା ପାଇଁ ଏକ ଗାଡ଼ିରେ ଯାଉଥିଲେ। ୫୨୦ନମ୍ବର ଜାତୀୟ ରାଜପଥର ତୋଡୁଆପାଳ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ କାଉଡ଼ିଆଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ମୃତକ ହେଲେ, ସଞ୍ଜିତ ଲାଖୁଆ। ଗୁରୁତରମାନଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭୋର୍ ପ୍ରାୟ ୩ଟା ବେଳେ ଏହି ଅଘଟଣ ଘଟିଥିଲା।

ସେହିପରି ବାମେବାରୀ ଥାନା ଅଧୀନ ଜେଏସ୍ଡବ୍ଲ୍ୟୁ ଖଣି ନିକଟରେ ଦିନ ୧୨ଟାରେ ୨ଜଣ ବାଇକ୍ରେ ଯାଉଥିବା ବେଳେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ବାମେବାରୀ ପୁଲିସ ସେମାନଙ୍କୁ ଏକ ଆମ୍ବୁଲାନ୍ସରେ ମେଡିକାଲରେ ଭର୍ତ୍ତି କରାଇବା ପାଇଁ ନେଉଥିବା ବେଳେ ବାଟରେ ଦୁହିଁଙ୍କ ମୃତ୍ୟୁ ଘଟିଥଲା। ମୃତକଦ୍ୱୟ ହେଲେ, ପଙ୍କଜ କୁମାର ସାହା (୨୮) ଏବଂ ଛୋଟୁ ଯାଦବ (୩୭)। ଅନ୍ୟ ଏକ ଘଟଣାକ୍ରମେ ବଡ଼ବିଲ ଥାନା ଅଧୀନ ଭଦ୍ରାସାହି ନିକଟରେ ୧୬ଚକିଆ ଏକ ଟ୍ରକ୍ ଏକ ବାଇକ୍କୁ ପଛପଟୁ ଧକ୍କା ଦେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯୋଡ଼ାସ୍ଥିତ କମ୍ପାନୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି।

**ରେଭେନ୍ସା ପୂର୍ବ ଛାତ୍ରାବାସର ୧୦ ଅନ୍ତେବାସୀଙ୍କୁ ନିଲମ୍ବନ ଘଟଣା**

# କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରଙ୍କ ଧାରଣା



କଟକ, ୨୧।୭ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ପୂର୍ବ ଛାତ୍ରାବାସରେ ରାଗିଂ କରାଯିବା ନେଇ ଛାତ୍ରାବାସ ୱାର୍ଡେନଙ୍କ ଅଭିଯୋଗକ୍ରମେ ୧୦ଛାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ଆଜି ଏହାର ପ୍ରତିବାଦରେ ନିଲମ୍ବିତ ଛାତ୍ର ଓ ପୀଡ଼ିତ ବୋଲି କୁହାଯାଉଥିବା ପ୍ରଥମବର୍ଷ ଛାତ୍ରମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଅନ୍ୟପକ୍ଷରେ ଡେପୁଟି ୱାର୍ଡେନ ବହୁ ସମୟରେ ଅନ୍ତେବାସୀଙ୍କୁ ହଇରାଣ ହରକତ କରୁଥିବା ଧାରଣାରତ ଛାତ୍ରମାନେ ଅଭିଯୋଗ ଆଣିଥିଲେ। ଛାତ୍ରମାନେ ଡେପୁଟି ୱାର୍ଡେନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଡ଼ି ବସିବା ସହ ସେମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଦାବି କରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଏ ବିଷୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜାଣିବା ପରେ କୁଳପତି ପ୍ରଫେସର୍ ସଞ୍ଜୟ କୁମାର ନାୟକଙ୍କୁ ସତ୍ୟାସତ୍ୟ ଯାଞ୍ଚ କରି ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଆନ୍ଦୋଳନରତ ଛାତ୍ରଙ୍କ ନିକଟରେ କୁଳପତି ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ, ରେଭେନ୍ସା ପୂର୍ବ ଛାତ୍ରାବାସରେ ରବିବାର ବିଳମ୍ବିତ ରାତିରେ ପ୍ରଥମବର୍ଷ ଛାତ୍ରଙ୍କୁ ରାଗିଂ ହୋଇଥିବା ନେଇ ଅଭିଯୋଗ ଉଠିଥିଲା। ହଷ୍ଟେଲ ୱାର୍ଡେନ୍ ଏବଂ ଆଣ୍ଟି ରାଗିଂ କମିଟି ଲିଖିତ ଭାବେ ଚିଫ୍ ୱାର୍ଡେନଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଅଭିଯୋଗକୁ ଭିତ୍ତି କରି ଚିଫ୍ ୱାଡେନ୍ ୧୦ ଅନ୍ତେବାସୀଙ୍କୁ ହଷ୍ଟେଲରୁ ନିଲମ୍ବନ କରିଥିଲେ। ତେବେ ସଂପୃକ୍ତ ଛାତ୍ରମାନେ ରାଗିଂ କରିଥିବା ନେଇ କୌଣସି ପ୍ରମାଣ ମିଳିନଥିଲା। ସୋମବାର ଏ ସମ୍ପର୍କରେ ଜଣାପଡ଼ିବା ପରେ ହଷ୍ଟେଲର ପ୍ରଥମବର୍ଷ ଏବଂ ତୃତୀୟବର୍ଷ ଅନ୍ତେବାସୀମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ବିନା କାରଣରେ ଉକ୍ତ ଅନ୍ତେବାସୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ପୀଡ଼ିତ ପ୍ରଥମବର୍ଷ ଛାତ୍ର ରାଗିଂ ନେଇ କୌଣସି ଅଭିଯୋଗ କରିନଥିବା ଜଣାଇଥିଲେ। ଏଥିସହ ହଷ୍ଟେଲର ଡେପୁଟି ୱାର୍ଡେନ୍ ଅନ୍ତେବାସୀଙ୍କୁ ହଇରାଣ ହରକତ କରୁଥିବା ନେଇ କୁଳପତିଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର କୁଳପତି ସେମାନଙ୍କୁ ନ ଭେଟି ନିଜ କାର୍ଯ୍ୟାଳୟରୁ ପଳାଇ ଯାଇଥିଲେ। କୁଳପତି ସେମାନଙ୍କ କଥା ନ ଶୁଣିବାରୁ ଅନ୍ତେବାସୀମାନେ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

**■ ୱାର୍ଡେନ୍ଙ୍କ ବିରୋଧରେ ଆଣିଲେ ଅଭିଯୋଗ**
**■ ନିଲମ୍ବନ ଉଠିବା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

# ଆର୍ଏସ୍ପିରେ ଦୁର୍ଘଟଣା; ଠିକା ଶ୍ରମିକ ମୃତ

ରାଉରକେଲା, ୨୧।୭ (ସମିସ): ରାଉରକେଲା ଇସ୍ପାତ କାରଖାନାର ଏସ୍ଏମ୍ଏସ୍-୨ରେ ଦୁର୍ଘଟଣା ଘଟି ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ, ଅଭିରାମ ମାହାତୋ (୫୨)। ତାଙ୍କ ଘର ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲାରେ। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସୂଚନାନୁଯାୟୀ, ଅଭିରାମ ମେସର୍ସ ଲକି କନ୍ଷ୍ଟ୍ରକ୍ସନ୍ ଠିକା ସଂସ୍ଥାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆଜି ସେ ଏ ସିଫ୍ଟରେ ଡ୍ୟୁଟିରେ ଯାଇଥିବା ବେଳେ ଏସ୍ଏମ୍ଏସ୍-୨ ବିଓଏଫ୍ ସପ୍ରେ ଏକ ଶାବଳ ଦ୍ୱାରା ଲାନ୍ସ ଜାମ ସଫା କରୁଥିବା ବେଳେ ଶାବଳଟି ଛିଟିକି ତାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଆଇଜିଏଚକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଆର୍ଏସ୍ପି ଡିଆଇସି ଆଲୋକ ବର୍ମା ଅଭିରାମଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଆର୍ଏସ୍ପିର ନିୟମ ଅନୁସାରେ, ସମସ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଆର୍ଏସ୍ପିରେ ନିଯୁକ୍ତି ଦିଆଯିବା ସହ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

■ ଶ୍ରାବଣ ସୋମବାରରେ ଅଘଟଣ

# ମନ୍ଦିର କୂଅରେ ପଡ଼ି ସେବାୟତ ମୃତ

ପୁରୀ,୨୧।୭(ସମିସ): ଶ୍ରାବଣ ସୋମବାରରେ ମହାଦେବଙ୍କ ପୀଠରେ ଘଟିଛି ଅଘଟଣ। ମନ୍ଦିର କୂଅରେ ପଡ଼ି ଜଣେ ପାଳିଆ ସେବାୟତଙ୍କ ମୃତ୍ୟୁ ଘଟିଛି। ଟାଉନ୍ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିରେ ଥିବା ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ମଧ୍ୟରୁ ଅନ୍ୟତମ ଯମେଶ୍ୱର ମହାଦେବ ମନ୍ଦିରରେ ସୋମବାର ସକାଳୁ ଏହି ଦୁଃଖଦ ଘଟଣା ଘଟିଛି। ମନ୍ଦିର କୂଅରେ ପଡ଼ି ପାଳିଆ ସେବାୟତ ଝାଡୁ ପଣ୍ଡା (୭୦)ଙ୍କ ମୃତ୍ୟୁ ହୋଇଛି। ଏବେ ଚାଲିଛି ଶ୍ରାବଣ ମାସ। ବିଭିନ୍ନ ଶୈବ ପୀଠରେ ଜଳଲାଗି କରୁଛନ୍ତି କାଉଡ଼ିଆ। ଯମେଶ୍ୱରଙ୍କ ପୀଠରେ ମଧ୍ୟ କାଉଡ଼ିଆମାନେ ପ୍ରତିବର୍ଷ ଜଳଲାଗି କରିଥା'ନ୍ତି। ସୋମବାର ଭୋର୍ ପ୍ରାୟ ୫ଟା ୧୫ରେ ମନ୍ଦିରର ପାଳିଆ ସେବାୟତ ଝାଡୁ ପଣ୍ଡା ଠାକୁରଙ୍କ ନୀତିକାନ୍ତି ପାଇଁ କୂଅରୁ ପାଣି କାଢୁଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ କୂଅରେ ପଡ଼ି ଯାଇଥିଲେ। କୂଅରେ ବି ଅଧିକ ପାଣି ଥିବାରୁ ସେ ବୁଡ଼ିଯାଇଥିଲେ ଓ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ସାହାଯ୍ୟରେ ପୁଲିସ୍ କୂଅରୁ ତାଙ୍କ ମୃତହେଦ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଏନ୍ସିଇଆର୍ଟି ବହିରୁ ବାଦ୍ ପଡ଼ିବନି 'ପାଇକ ବିଦ୍ରୋହ'

ଭୁବନେଶ୍ୱର, ୨୧।୭(ସମିସ): ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ଓଡ଼ିଶାର ପାଇକ ବିଦ୍ରୋହ ବିଷୟବସ୍ତୁ ଏନ୍ସିଇଆର୍ଟି ପାଠ୍ୟପୁସ୍ତକରୁ ବାଦ୍ ପଡ଼ିଥିବା ନେଇ ଅଭିଯୋଗ ହୋଇଛି। ନିକଟରେ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପୁସ୍ତକ ପ୍ରକାଶ ପାଇଥିବାବେଳେ ପାଇକ ବିଦ୍ରୋହ ସ୍ଥାନ ପାଇ ନ ଥିବାରୁ ଏପରି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋହ୍ଲ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଅଭିଯୋଗ ହୋଇଛି। ତେବେ ସମସ୍ତ ଅଭିଯୋଗ ଓ କଳ୍ପନାଜଳ୍ପନାର ଅନ୍ତ ଘଟାଇ ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ବା ଏନ୍ସିଇଆର୍ଟି ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି ଯେ ୮ମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିର ଭଲ୍ୟୁମ୍-୧ ପ୍ରକାଶ ପାଇଛି। ଏହାର ଭଲ୍ୟୁମ୍-୨ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଏହା ପ୍ରକାଶ ପାଇବାର ସମ୍ଭାବନା ରହିଛି। ତହିଁରେ ଆଞ୍ଚଳିକ ଆନ୍ଦୋଳନ ଏବଂ ସଶସ୍ତ୍ର ବିଦ୍ରୋହ ସ୍ଥାନିତ ହୋଇଛି। ଓଡ଼ିଶାର ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ, ପଞ୍ଜାବରେ କୁକା ଆନ୍ଦୋଳନ ବା ଶିଖ୍ ବିଦ୍ରୋହ ଆଦି ବିଷୟଗୁଡ଼ିକ ତହିଁରେ ସ୍ଥାନ ପାଇବ ବୋଲି ସ୍ପଷ୍ଟ କରାଯାଇଛି।

**ଦାରୁବିଗ୍ରହଙ୍କ ରଥ ପାଇଁ କାଠ ଅଭାବ**

# ଏଥର ଆବଶ୍ୟକତା ମେଣ୍ଟାଇଲେ ୯ ବନଖଣ୍ଡ

ନୟାଗଡ଼, ୨୧।୭(ସମିସ): ଜଗତର ନାଥ ଜଗନ୍ନାଥ, ବଡ଼ଠାକୁର ଓ ମା' ସୁଭଦ୍ରାଙ୍କ ପବିତ୍ର ଘୋଷଯାତ୍ରା ପାଇଁ ରଥକାଠ ସମସ୍ୟା ଦିନକୁ ଦିନ ଉତ୍କଟ ପରିସ୍ଥିତି ସୃଷ୍ଟି କରିଛି। ଦାରୁ ବିଗ୍ରହଙ୍କ ରଥ ନିର୍ମାଣ ପାଇଁ ରଥକାଠ ସମସ୍ୟାକୁ ଦୂରୀଭୂତ କରିବା ପାଇଁ ଜଟିଳ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ପବିତ୍ର ଘୋଷଯାତ୍ରା ପାଇଁ ଆବଶ୍ୟକତା ଅନୁସାରେ ନୟାଗଡ଼ ବନଖଣ୍ଡରୁ ଦୀର୍ଘବର୍ଷ ଧରି କାଠ ଯୋଗାଇ ଦିଆଯାଉଥିବା ବେଳେ କିଛି ବର୍ଷ ହେବ ରଥକାଠ ସମସ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ଗଣିଆ ବ୍ଲକ୍ ବଡ଼ରାଉଳ ପୀଠରେ ରଥକାଠ ଅନୁକୂଳ କରାଯାଇ ପରମ୍ପରାକୁ ବଞ୍ଚାଇ ରଖାଯାଇଥିବା ବେଳେ ଚଳିତବର୍ଷ ରଥକାଠ ୯ଟି ବନଖଣ୍ଡରୁ ସଂଗ୍ରହ ହୋଇଥିବା ସୂଚନା ମିଳିଛି।

ନୟାଗଡ଼ ବନଖଣ୍ଡ ସମେତ, ଘୁମୁସର ଉତ୍ତର, ଘୁମୁସର ଦକ୍ଷିଣ, ବୌଦ୍ଧ, ରେଢ଼ାଖୋଲ, ଢେଙ୍କାନାଳ, ବରଗଡ଼, ଆଠଗଡ଼, କଟକ ଡିଭିଜନ୍ ଏବେ ରଥ ପାଇଁ କାଠ ଯୋଗାଉଛନ୍ତି। ଚଳିତବର୍ଷ ରଥଯାତ୍ରା ପାଇଁ ୮୧୫ ଖଣ୍ଡ କାଠର ଆବଶ୍ୟକତା ରହିଥିଲା। ସଂମିଲ୍ ପାଇଁ ୪୦୯ ଖଣ୍ଡ ଏବଂ ରଥଖଳାକୁ ୪୦୬ ଖଣ୍ଡ କାଠ ପଠାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଦେଇଥିଲେ। ଏହି କାଠ ମଧ୍ୟରୁ ନୟାଗଡ଼ ବନଖଣ୍ଡ ପକ୍ଷରୁ ୨୪୫ଖଣ୍ଡ ପଠାଯାଇଥିବା ବେଳେ ବୌଦ୍ଧ ବନଖଣ୍ଡ ପକ୍ଷରୁ ୧୬୯ ଖଣ୍ଡ, ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ୯୦ ଖଣ୍ଡ, ଘୁମୁସର ଦକ୍ଷିଣ ବନଖଣ୍ଡ ପକ୍ଷରୁ ୯୦ ଖଣ୍ଡ, ରେଢ଼ାଖୋଲ ବନଖଣ୍ଡ ପକ୍ଷରୁ ୧୭୮ ଖଣ୍ଡ, ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ୨୧ଖଣ୍ଡ, ବରଗଡ଼ ବନଖଣ୍ଡ ପକ୍ଷରୁ ୧୯ ଖଣ୍ଡ, ଆଠଗଡ଼ ବନଖଣ୍ଡ ପକ୍ଷରୁ ୨ ଖଣ୍ଡ, କଟକ ବନଖଣ୍ଡ ପକ୍ଷରୁ ୨ ଖଣ୍ଡ କାଠ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି।

**■ ଆଗକୁ ଜଟିଳ ପରିସ୍ଥିତି**
**■ ପଦକ୍ଷେପ ଗ୍ରହଣ କରନ୍ତୁ ସରକାର**

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ବିଗତ ଦୁଇ ଦଶନ୍ଧି ମଧ୍ୟରେ ନୟାଗଡ଼ ବନଖଣ୍ଡକୁ ଜଗନ୍ନାଥ ରଥକାଠ ପ୍ରକଳ୍ପ ନାଁରେ କୋଟି କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଏହି ବନଖଣ୍ଡରୁ ଆବଶ୍ୟକତା ଅନୁସାରେ କାଠ ସଂଗ୍ରହ ହୋଇପାରୁନାହିଁ। ଫଳରେ ରଥକାଠ ପାଇଁ ନିକଟସ୍ଥ ବନଖଣ୍ଡଗୁଡ଼ିକ ଉପରେ ଚାପ ପଡୁଛି। ଏଭଳି ପରିସ୍ଥିତି ଲାଗି ରହିଲେ, ଆଗାମୀ କିଛି ବର୍ଷ ପରେ ରଥକାଠ ସମସ୍ୟା ଜଟିଳ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏବର୍ଷ ୯ ବନଖଣ୍ଡରୁ ରଥ କାଠ ସଂଗ୍ରହ ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ବନଖଣ୍ଡରୁ କାଠ ସଂଗ୍ରହ କରିବାକୁ ପଡ଼ିବ ବୋଲି ଅନୁମାନ କରାଯାଉଛି।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ସଶସ୍ତ୍ର ଡକାୟତି

ଝାରସୁଗୁଡ଼ା, ୨୧।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅଧୀନ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଭିକମପାଲି ଶାଖାରୁ ଆଜି ସଶସ୍ତ୍ର ଡକାୟତି ହୋଇଛି। ଦିନ ଦି'ପହରେ ୩ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରେ ପଶିବା ସହ ବନ୍ଧୁକ ଦେଖାଇ କ୍ୟାସ୍ କାଉଣ୍ଟରରୁ ଟଙ୍କା ଲୁଟି ନେଇଛନ୍ତି। ଖବର ପାଇ ବ୍ରଜରାଜନଗର ଏସଡିପିଓଙ୍କ ନେତୃତ୍ୱରେ ରେଙ୍ଗାଲି ଥାନା ଅଧିକାରୀ, ବ୍ରଜରାଜନଗର ଥାନା ଅଧିକାରୀ, ବେଲପାହାଡ଼ ଥାନା ଅଧିକାରୀଙ୍କ ସହ ପୁଲିସ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ବ୍ୟାଙ୍କର ସିସିଟିଭି ଯାଞ୍ଚ କରିଛି। ଏହାସହ ଜାତୀୟ ରାଜପଥ ୪୯ କଡ଼ରେ ଥିବା ବିଭିନ୍ନ ଦୋକାନର ସିସିଟିଭି ଯାଞ୍ଚ କରିଛି। ସେହିପରି ବ୍ୟାଙ୍କର ସମ୍ବଲପୁର ରିଜିଓନାଲ ମ୍ୟାନେଜର୍ଙ୍କ ସହ ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ପହଞ୍ଚି ତଦନ୍ତ କରିଛନ୍ତି। ଦୁର୍ବୃତ୍ତମାନେ ସ୍ଥାନୀୟ ସମ୍ବଲପୁରୀ ଏବଂ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଉଥିଲେ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ବ୍ୟାଙ୍କ ଖୋଲିବା ପରେ ଗୋଟିଏ ବାଇକ୍ରେ ୩ଜଣ ଦୁର୍ବୃତ୍ତ ବ୍ୟାଙ୍କ ପାଖକୁ ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ଧସେଇ ପଶିଥିଲେ। ପରେ ସେମାନେ ବନ୍ଧୁକ ଦେଖାଇ କର୍ମଚାରୀ ଓ ଗ୍ରାହକଙ୍କୁ ଭୟଭୀତ କରାଇ ଗୋଟିଏପଟକୁ ନେଇ ଯାଇଥିଲେ। ପରେ ସେମାନେ କ୍ୟାସ କାଉଣ୍ଟର୍ରେ ଥିବା ସବୁତକ ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଥିଲେ। ଲୁଟ୍ ଟଙ୍କାର ପରିମାଣ ୫୦ହଜାରରୁ ୧ ଲକ୍ଷ ମଧ୍ୟରେ ହେବ ବୋଲି ପୁଲିସ୍ ସୂଚନା ଦେଇଛି।

**ନକଲି ହୋଟେଲ ୱେବସାଇଟ୍ରେ ଶ୍ରଦ୍ଧାଳୁଙ୍କୁ ଠକେଇ**

# ରାଜସ୍ଥାନରୁ ୨ ଠକଙ୍କୁ ଧରିଲା କ୍ରାଇମବ୍ରାଞ୍ଚ

କଟକ,୨୧।୭(ସମିସ): ନୀଳାଦ୍ରି ଭକ୍ତନିବାସ ନାମରେ ନକଲି ୱେବସାଇଟ୍ କରି ପୁରୀ ବୁଲିବାକୁ ଆସୁଥିବା ଲୋକଙ୍କୁ ଅନ୍ଲାଇନ୍ରେ ଚୂନ ମାରୁଥିବା ୨ ଠକଙ୍କୁ କ୍ରାଇମ୍ବ୍ରାଞ୍ଚ ରାଜସ୍ଥାନରୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ରାଜସ୍ଥାନ ଗୋବିନ୍ଦଗଡ଼ ଥାନା ଅଞ୍ଚଳର ଅମିର ଖାଁ(୨୪) ଓ କାଇଥୱାଡା ଥାନା ଅଞ୍ଚଳର ୟୁସୁଫ (୨୭)। ସେମାନଙ୍କଠାରୁ ଲାପଟପ୍, ସିମ୍ କାର୍ଡ, ମୋବାଇଲ ଫୋନ ଆଦି ଜବତ ହୋଇଛି। ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଆଗ୍ରା ଅଞ୍ଚଳର ଜଣେ ଗିରଫ ହୋଇଥିଲା। ଏହି ଠକମାନେ ପୁରୀର କିଛି ଜଣାଶୁଣା ଲଜ୍ ଓ ହୋଟେଲ ନାମରେ ନକଲି ୱେବ୍ସାଇଟ୍ ଖୋଲିଥିଲେ। ପୁରୀରେ ରହଣି ପାଇଁ ଆସୁଥିବା ପର୍ଯ୍ୟଟକମାନେ ଏହା ଜାଣିନପାରି ଉକ୍ତ ୱେବ୍ସାଇଟ୍ ଜରିଆରେ ରୁମ୍ ବୁକ୍ କରିଦେଉଥିଲେ। କିନ୍ତୁ ଏଠାକୁ ଆସିବା ପରେ ସେମାନେ ଠକେଇର ଶିକାର ହେଉଥିବା ଜାଣବାକୁ ପାଉଥିଲେ। ଏମିତି ପୁଳାପୁଳା ଘଟଣା ସାମ୍ନାକୁ ଆସିବା ପରେ ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। କ୍ରାଇମବ୍ରାଞ୍ଚ ପ୍ରଥମେ ଉକ୍ତ ନକଲି ୱେବସାଇଟ୍ଗୁଡ଼ିକୁ ବନ୍ଦ କରାଇବା ସହ ଅଭିଯୁକ୍ତମାନଙ୍କୁ ଧରିଥିଲା।






## ଘୋଷଣା ପତ୍ର



ମୁଁ ସାବିତ୍ରୀ ମାଝୀ, ସ୍ୱାମୀ - ଗୁନଧର ମାଝୀ, ଗ୍ରାମ - ବଡଧନାଡ଼ି, ପୋଷ୍ଟ - କୁସୁଡ଼ିହା, ଜିଲ୍ଲା - ବାଲେଶ୍ୱର, ପିନ ନଂ - ୭୫୬୦୨୯ ର ବାସିନ୍ଦା । ମୁଁ ଗୋଟେ ଏଲ୍.ଆଇ.ସି କରିଥିଲି ପଲିସି ନଂ - 585985535, ଏହି ପଲିସିଟି ଇନ୍ଦିରା ମାଝୀ (Indira Majhi) , ସ୍ୱାମୀ - ଗୁନାଧର ମାଝୀ (Gunadhar Majhi), ନାମରେ କରାଯାଇଥିଲା । ଏହି ପଲିସିଟି 19/01/25 ତାରିଖରେ ପରିପକ୍ୱତା ହୋଇସାରିଛି । ଏହାର ଅଗ୍ରୀମ ରାଶି ଇନ୍ଦିରା ମାଝୀ ନାମରେ ଥିବା ଏସ୍.ବି. ଆଇ ଜମା ଖାତା ନଂ. 34482233579 କୁ ଆସିଥିଲା ପରନ୍ତୁ ଏହି ଜମା ଖାତାଟି ବନ୍ଦ ହୋଇଯାଇଥିବାରୁ ପୁଣି ସମସ୍ତ ଅଗ୍ରୀମ ରାଶି ଏଲ.ଆଇ.ସି ଅଫିସକୁ ଫେରସ୍ତ ହୋଇଯାଇଛି | କାରଣ ଇନ୍ଦିରା ମାଝୀ ନାମ ରେ ଥିବା ଏସ.ବି.ଆଇ ଜମା ଖାତା ନଂ 34482233579 ଟି ବନ୍ଦ ହୋଇଯାଇଥିବାରୁ ବର୍ତ୍ତମାନ ସାବିତ୍ରୀ ମାଝୀ (SABITRI MAJHI) ନାମରେ ଅନ୍ୟ ଏକ ଜମା ଖାତା ନଂ 43395855322 ଖୋଲା ଯାଇଅଛି । ବର୍ତ୍ତମାନ ଇନ୍ଦିରା ମାଝୀ ନାମରେ ଥିବା ସମସ୍ତ ଡକ୍ୟୁମେଣ୍ଟ ଯଥା ଆଧାର କାର୍ଡ, ଭୋଟର କାର୍ଡ, ପ୍ୟାନ୍ କାର୍ଡ, ରାସନ କାର୍ଡ ଇତ୍ୟାଦି ସବୁଥିରେ ସାବିତ୍ରୀ ମାଝୀ ନାମରେ ପରିବର୍ତ୍ତନ ହୋଇସାରିଛି । ଇନ୍ଦିରା ମାଝୀ ଏବଂ ସାବିତ୍ରୀ ମାଝୀ ହେଉଛନ୍ତି ଜଣେ ଓ ଅଭିନ୍ନ। ତାହା ମୁଁ ନିଜେ ଏବଂ ମୁଁ ଏହାର ସତ୍ୟ ସତ୍ୟାତା ପାଇ କୋର୍ଟ ରେ ମଧ୍ୟ ଏପିଡେଭିଟ କରିସାରିଛି ।

ଏଣୁ ବିନିତ ଅନୁରୋଧ ମୋର ଏହି ଏଲ.ଆଇ.ସି. ମେଚୁରୁଟିର ଅଗ୍ରୀମ ରାଶିକୁ ସାବିତ୍ରୀ ମାଝୀ ନାମରେ ଥିବା ଏସ.ବି.ଆଇ ଜମା ଖାତା ନଂ - 43395855322 ଶାଖା - ଶ୍ରୀରାମପୁରରେ ପଠେଇବାରେ ସାହାଯ୍ୟ କରନ୍ତୁ ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୨୫ ● ପାଉଣ୍ଡ ୧୧୬.୭୭
- ୟୁରୋ ୧୦୦.୨୧ ● ୟେନ୍ ୦.୫୬

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୧,୬୯୦ (ନୂଆଦିଲ୍ଲୀ)
- ରୁପା : ୧,୧୫,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)


- ସେନ୍‌ସେକ୍ସ ୮୨,୨୦୦.୦୦
- ନିଫ୍ଟି ୨୫,୦୯୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଏନ୍‌ସିପିଆଇ ଆଣିଲା ନୂଆ ନିୟମ

# ୟୁପିଆଇରେ ଉଠାଇହେବ ସୁନା ଏବଂ ସମ୍ପତ୍ତି ଋଣ

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି)




କେନ୍ଦ୍ର ସରକାର ୟୁପିଆଇ ବ୍ୟବହାରକାରୀମାନଙ୍କୁ ଏକ ବଡ଼ ସୁବିଧା ଆରମ୍ଭ କରିଛନ୍ତି। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ୟୁପିଆଇ ମାଧ୍ୟମରେ ପେମେଣ୍ଟ ନିୟମରେ ଏକ ବଡ଼ ପରିବର୍ତ୍ତନ କରିଛି। ଏହି ଅନୁଯାୟୀ, ୟୁପିଆଇ ବ୍ୟବହାରକାରୀମାନେ ଅନଲାଇନ୍ ମାଧ୍ୟମରେ ସୁନା ଋଣ, ପ୍ରପର୍ଟି ଋଣ ଏବଂ ଏଫ୍‌ଡି ରାଶି ଉଠାଇପାରିବେ। ସେପ୍ଟେମ୍ବର ପହିଲାରୁ ଏହି ନୂଆ ନିୟମ ଲାଗୁ ହେବ।

ଏଥିରେ ୟୁଜର ଋଣ ଆକାଉଣ୍ଟକୁ ୟୁପିଆଇ ଆକାଉଣ୍ଟ ସହିତ ମଧ୍ୟ ଲିଙ୍କ୍ କରିପାରିବେ। ଏହାସହିତ, ବ୍ୟବହାରକାରୀ ପେଟିଏମ୍, ଫୋନ୍ ପେ, ଗୁଗୁଲ୍ ପେ' ଭଳି ୟୁପିଆଇ ପେମେଣ୍ଟ ସୁବିଧା ପ୍ରଦାନ କରୁଥିବା ଆପ୍ ମାଧ୍ୟମରେ କ୍ରେଡିଟ୍ କାର୍ଡରୁ ବ୍ୟବସାୟ ଋଣ ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଅଗଷ୍ଟ ୩୧ ପୂର୍ବରୁ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୟୁପିଆଇ ପେମେଣ୍ଟ ସିଷ୍ଟମକୁ ସହଜ ଏବଂ ନମନୀୟ କରିବା ସହିତ ସୁରକ୍ଷିତ କରିବା ପାଇଁ ଏନ୍‌ପିସିଆଇ ଦ୍ୱାରା ସମ୍ପ୍ରତି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏବେ ପୁଣି ଥରେ ପେମେଣ୍ଟ କରିବାର ପରିସର ବୃଦ୍ଧି କରିବାକୁ ଘୋଷଣା କରାଯାଇଛି। ବର୍ତ୍ତମାନ ୟୁପିଆଇ ବ୍ୟବହାରକାରୀମାନେ କେବଳ ସଞ୍ଚୟ ଖାତା କିମ୍ବା ଓଭରଡ୍ରାଫ୍ଟ (ଓଡି) ଆକାଉଣ୍ଟକୁ ଲିଙ୍କ୍ କରିପାରିବେ। ସେମାନେ କେବଳ ସେଗୁଡିକ ମାଧ୍ୟମରେ ପେମେଣ୍ଟ କରିପାରିବେ। ତଥାପି, କିଛି ରୂପେ କ୍ରେଡିଟ୍ କାର୍ଡ ମଧ୍ୟ ୟୁପିଆଇ ସହିତ ଲିଙ୍କ୍ ହୋଇଛି କିନ୍ତୁ ସେମାନଙ୍କର ସଂଖ୍ୟା କମ୍। ଏବେ ନୂତନ ନିୟମ ସହିତ ଗ୍ରାହକମାନେ ବ୍ୟାଙ୍କକୁ ନ ଯାଇ ଅନଲାଇନରେ ସୁନା ଋଣ, ବ୍ୟକ୍ତିଗତ ଋଣର ଟଙ୍କା ଉଠାଇପାରିବେ।

ୟୁପିଆଇର ବର୍ତ୍ତମାନର ନିୟମରେ ପିଟିଏମ୍ ଟଙ୍କା ସ୍ଥାନାନ୍ତରର ସୁବିଧା ଅଛି। କିନ୍ତୁ, ନୂତନ ନିୟମ ଲାଗୁ ହେବା ପରେ, ଗ୍ରାହକମାନେ ପିଟୁପି ସହିତ ପିଟୁପିଏମ୍ କାରବାର କରିପାରିବେ। କେବଳ ଏତିକି ନୁହେଁ, ଆପଣ ନଗଦ ଟଙ୍କା ମଧ୍ୟ ଉଠାଇପାରିବେ। ତଥାପି, ଏଥିପାଇଁ ଏନ୍‌ପିସିଆଇ କିଛି ନିୟମ ପ୍ରସ୍ତୁତ କରିଛି। ଉଦାହରଣ ସ୍ୱରୂପ, ଉପଭୋକ୍ତାମାନେ ଗୋଟିଏ ଦିନରେ କେବଳ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଏହା ସହିତ, ଆପଣ ଗୋଟିଏ ଦିନରେ କେବଳ ୧୦ ହଜାର ଟଙ୍କା ନଗଦ ଉଠାଇପାରିବେ। ଏହା ସହିତ, ବ୍ୟାଙ୍କ ୟୁପିଆଇ ମାଧ୍ୟମରେ ଆପଣ କେଉଁ ପେମେଣ୍ଟ କରିପାରିବେ ତାହା ମଧ୍ୟ ନିଷ୍ପତ୍ତି ନେବ। ଧରାଯାଉ ଆପଣ ଏକ ବ୍ୟକ୍ତିଗତ ଋଣ ନେଇଛନ୍ତି, ତେବେ ଏହା ସମ୍ଭବ ଯେ ବ୍ୟାଙ୍କ ଆପଣଙ୍କୁ କେବଳ ହସ୍ପିଟାଲ ବିଲ୍ କିମ୍ବା ଶିକ୍ଷା ଫି ପରିଶୋଧ କରିବା ଭଳି ଜରୁରୀ କାମ ପାଇଁ ଋଣ ରାଶି ବ୍ୟବହାର କରିବାକୁ ଅନୁମତି ଦେଇପାରେ। ଏହି ସୁବିଧା ବିଶେଷ ଭାବରେ ସେହି ଛୋଟ ବ୍ୟବସାୟୀମାନଙ୍କ ପାଇଁ ଲାଭଦାୟକ ହେବ ଯେଉଁମାନେ ୨-୩ ଲକ୍ଷ ଟଙ୍କାର ବ୍ୟବସାୟିକ ଋଣ ନିଅନ୍ତି ଏବଂ ପ୍ରତିଥର ପେମେଣ୍ଟ କରିବା ପାଇଁ ବାରମ୍ବାର ବ୍ୟାଙ୍କକୁ ଯିବାକୁ ପଡ଼ିଥାଏ।

# ମନି ଲଣ୍ଡରିଂ ମାମଲାରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଏକ ହାଇପ୍ରୋଫାଇଲ ମନି ଲଣ୍ଡରିଂ ମାମଲାରେ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ପୂର୍ବତନ ସିଏମ୍‌ଡି ଅଭୟ କୁମାର ଶ୍ରୀବାସ୍ତବ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶ୍ରୀବାସ୍ତବଙ୍କ ବ୍ୟତୀତ ପତ୍ନୀ ଚାନ୍ଦିନୀ ଶ୍ରୀବାସ୍ତବ ଏବଂ ତାଙ୍କ ବନ୍ଧୁ ଭୂଷଣ ଲାଲ୍ ବଜାଜ୍ ଓ ତାଙ୍କ ପତ୍ନୀ ଅନୀତା ବଜାଜ୍ ମଧ୍ୟ ଏହି ମନି ଲଣ୍ଡରିଂ ମାମଲାରେ ଦୋଷୀ ପ୍ରମାଣିତ ହୋଇଛନ୍ତି। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ୨୦୦୨ର ବ୍ୟବସ୍ଥା ଅନୁଯାୟୀ ନୂଆଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ କମ୍ପ୍ଲେକ୍ସର ସ୍ୱତନ୍ତ୍ର ବିଚାରପତି ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ୨୦୧୦ରେ ଏକ ନବରତ୍ନ କମ୍ପାନୀ ଦ୍ୱାରା ଜାରି କରାଯାଇଥିବା ଏକ କୋଇଲା ଯୋଗାଣ ଟେଣ୍ଡରର ଲାଞ୍ଚ ମାମଲା ସହ ଜଡିତ।

### ବ୍ୟାଙ୍କ ଲକରରୁ ସୁନା, ନଗଦ ଟଙ୍କା ଜବତ



ଅବୈଧ ସମ୍ପତ୍ତି ସହିତ ଜଡିତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଭାରତୀୟ ଦଣ୍ଡ ସଂହିତା, ୧୮୬୦ ଏବଂ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ବିଭିନ୍ନ ଧାରା ଅନୁଯାୟୀ ଅଭୟ କୁମାର ଶ୍ରୀବାସ୍ତବ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ଇଡି ତଦନ୍ତ ଆରମ୍ଭ କରିଥିଲା। ଅଯଥା ସରକାରୀ ଅନୁଗ୍ରହ ବଦଳରେ ଭାଟିଆ ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ଜିଏସ୍ ଭାଟିଆଙ୍କଠାରୁ ଲାଞ୍ଚ ଗ୍ରହଣ କରିବାରେ ବଜାଜ୍ ମଧ୍ୟସ୍ଥ ଭାବରେ କାର୍ଯ୍ୟ କରିଥିଲେ। ଅଭିଯୁକ୍ତ ଚାନ୍ଦନୀ ଶ୍ରୀବାସ୍ତବ ଜାଲ୍ ପରିଚୟପତ୍ର ଏବଂ ଜାଲ୍ ଦସ୍ତଖତ ବ୍ୟବହାର କରି ଅନୀତା ବଜାଜ୍‌ଙ୍କ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ଏବଂ ଲକର୍ ଖୋଲିଥିଲେ। ପରେ ସିବିଆଇ ଉକ୍ତ ଲକର୍‌ରୁ ସୁନା ବାର୍ ଏବଂ ନଗଦ ସମେତ ଅଚଳ ସମ୍ପତ୍ତି ଜବତ କରିଥିଲା। ତଦନ୍ତ ସମୟରେ ଇଡି ଅଭୟ ଶ୍ରୀବାସ୍ତବଙ୍କ ୨ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରିଥିଲା। ୨୦୧୫ ମାର୍ଚ୍ଚରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ଅଭୟ କୁମାର ଶ୍ରୀବାସ୍ତବ, ଭୂଷଣ ଲାଲ ବଜାଜ, ଚାନ୍ଦନୀ ଶ୍ରୀବାସ୍ତବ ଏବଂ ଅନିତା ବଜାଜଙ୍କ ବିରୁଦ୍ଧରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା।

### ■ ରାଜ୍ୟ ସରକାର- ପେଟ୍ରୋଲିୟମ୍ ଡିଲର ସଂଘ ବୈଠକ

# ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରି ସମ୍ପୂର୍ଣ୍ଣ ନିଷେଧ

ଭୁବନେଶ୍ୱର,୨୧।୭ (ଏଜେନ୍ସି): ବାଲେଶ୍ୱର ଏଫ୍‌ଏମ୍ କଲେଜ ଓ ବଳଙ୍ଗା ଘଟଣା ପରେ ରାଜ୍ୟରେ ପେଟ୍ରୋଲ ବିକ୍ରି ନିୟମକୁ ଅଧିକ କଡ଼ାକଡ଼ି କରିଛନ୍ତି ସରକାର। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କୌଣସି ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କ୍ରୟକୁ ପ୍ରୋତ୍ସାହିତ ନ କରିବାକୁ ପେଟ୍ରୋଲିୟମ୍ ସଂଘ ସହ ରାଜ୍ୟ ସରକାର ଆଲୋଚନା କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତରେ ବିଭିନ୍ନ ପେଟ୍ରୋଲିୟମ୍ ସଂଘର କାର୍ଯ୍ୟକର୍ତ୍ତା ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ବୈଠକରେ ବିସ୍ତୃତ ଭାବେ ଏ ସଂକ୍ରାନ୍ତରେ ଆଜି ଆଲୋଚନା କରି ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପେଟ୍ରୋଲ ବିକ୍ରିକୁ ନେଇ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଦ୍ୱାରା ପ୍ରଦତ୍ତ ନିୟମର କଡ଼ାକଡ଼ି ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଭିନ୍ନ ଅନୁଷ୍ଠାନ, କୃଷକ ଓ ସରକାରୀ କାର୍ଯ୍ୟାଳୟର ବ୍ୟବହାର ପାଇଁ ଖୁଚୁରା ଭାବେ ପେଟ୍ରୋଲ ବିକ୍ରି କରାଯିବା ନେଇ ଥିବା ନିୟମ ବଳବତ୍ତର ରହିବ।

- ଖୋଲାରେ ପେଟ୍ରୋଲ ବିକିଲେ ହେବ ଚଢ଼ଉ
- ଆଜିଠାରୁ ହେବ ଲାଗୁ

ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱ, ବିଭିନ୍ନ ଛୋଟ ଦୋକାନରେ ପେଟ୍ରୋଲ ବିକ୍ରି କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏ କ୍ଷେତ୍ରରେ ଅନୈତିକ ଭାବେ ସହଯୋଗ କରୁଥିବା ପେଟ୍ରୋଲ ପମ୍ପ କିମ୍ବା ବ୍ୟକ୍ତିଙ୍କ ବିରୁଦ୍ଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି ଯେ, ବହୁ ପୂର୍ବରୁ ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ୍ ବୋତଲରେ ତେଲ ବିକ୍ରି ନେଇ କଟକଣା ରହିଛି। ଗ୍ରାହକ ଟିଣ କିମ୍ବା ଆଲୁମିନିୟମ୍ କଣ୍ଟେନରରେ ତେଲ ଟାଙ୍କିରୁ ପେଟ୍ରୋଲ କିଣିପାରିବେ। କେବଳ ୧-୨୫ ଲିଟର ପର୍ଯ୍ୟନ୍ତ ପେଟ୍ରୋଲ କଣ୍ଟେନରରେ ଦିଆଯିବ। ରାଜ୍ୟ ସରକାର ଏବଂ ପେଟ୍ରୋଲିୟମ୍ ଡିଲର ସଂଘ ମଧ୍ୟରେ ଆଜି ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହି ନୂଆ ନିୟମ ଆସନ୍ତାକାଲିଠାରୁ ବା ମଙ୍ଗଳବାରଠାରୁ କଡ଼ାକଡ଼ି ଭାବେ ଲାଗୁ ହେବ। ଏହି ବୈଠକରେ ଯୋଗାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ, ବୈଧ ଓଜନ ମାପ ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ହରୀଶ ଚନ୍ଦ୍ର ପଟ୍ଟନାୟକ, ବିପଣି ଗୁପ୍ତବାର୍ତ୍ତା ଉପନିର୍ଦ୍ଦେଶକ ଦୀପକ ଶତପଥୀ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ରାଜ୍ୟ ସ୍ତରୀୟ ସଂଯୋଜକ କମଳ ସିଲ୍, କୋଷାଧ୍ୟକ୍ଷ ମହିନ୍ଦର୍ ସିଂ କଲ୍‌ସି, ଭୁବନେଶ୍ୱର ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍‌ର ସମ୍ପାଦକ ଏସ୍.କେ. ରହମାନ୍ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଟ୍ରମ୍ପ୍ ଟାରିଫ୍ ଝଡ଼

# ଭାରତକୁ ଘାରିଲାଣି ମାନ୍ଦାବସ୍ଥା ଭୟ

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି)



**ପ୍ରଭାବିତ ହେବ ଜିଡିପି ଅଭିବୃଦ୍ଧି**

ଭାରତ କ'ଣ ଏକ ବଡ଼ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ଯାଉଛି। ଭାରତ ଗତ ଦୁଇ ବର୍ଷ ମଧ୍ୟରେ ବହୁତ ଭଲ ପ୍ରଦର୍ଶନ କରିଛି। ଦେଶର ଅଭିବୃଦ୍ଧି ହାର ହାରାହାରି ୭.୮୫% ରହିଛି। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ସାରା ବିଶ୍ୱରେ ଅଶାନ୍ତି ସୃଷ୍ଟି କରିଛି। ଏହା ଭାରତକୁ ମଧ୍ୟ ପ୍ରଭାବିତ କରୁଛି। ବିଶ୍ୱ ବ୍ୟାଙ୍କ ୨୦୨୫-୨୬ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନ ୬.୭% ରୁ ୬.୩% କୁ ହ୍ରାସ କରିଛି। କିଛି ନୂତନ ସଂଖ୍ୟା ସୂଚାଇ ଦେଉଛି ଯେ ପରିସ୍ଥିତି ଆହୁରି ଖରାପ ହୋଇପାରେ। କିନ୍ତୁ ଟ୍ରମ୍ପଙ୍କ ଟାରିଫ୍ ଝଡ଼ରେ ବିପଦର ଘଣ୍ଟି ଏବେଠାରୁ ଭାରତରେ ବାଜିବାରେ ଲାଗିଲାଣି।

ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତର ଅର୍ଥନୀତି ବହୁତ ମଜବୁତ ହୋଇଛି। ଏହାର କାରଣ ହେଉଛି ଭଲ ମାକ୍ରୋଇକୋନୋମିକ୍ ପ୍ରଦର୍ଶନ। ବର୍ତ୍ତମାନ ଦେଶର ଚଳନ୍ତି ଖାତା ନିଅଣ୍ଟ ପ୍ରାୟ ଶୂନ୍ୟ। ଭାରତର କିଛି ବଡ଼ କମ୍ପାନୀ ବି ଗତ ଦୁଇ ବର୍ଷ ଧରି ଚାହିଦା ହ୍ରାସ ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଫ୍‌ଏମ୍‌ସିଜି ଉତ୍ପାଦର ବିକ୍ରି ମଧ୍ୟ ହ୍ରାସ ପାଇଛି। ଅନେକ ଶିଳ୍ପ ଭୟ କରୁଛନ୍ତି ଯେ ଟ୍ରମ୍ପଙ୍କ ଉଚ୍ଚ ଶୁଳ୍କ ଯୋଗୁଁ, ଚୀନ୍ ଏବଂ ଭିଏତନାମ ଭାରତ ଏବଂ ଅନ୍ୟାନ୍ୟ ବଜାରରେ ବଡ଼ ପରିମାଣରେ ସାମଗ୍ରୀ ଡମ୍ପ କରିବେ। ଡମ୍ପିଂର ଅର୍ଥ ହେଉଛି ଆପଣଙ୍କ ଦେଶରେ ମହଙ୍ଗା ଏବଂ ଅନ୍ୟ ଦେଶରେ ଶସ୍ତା ବିକ୍ରି। ବିଶେଷଜ୍ଞମାନେ କହିଛନ୍ତି ଯେ ଜିଡିପି ଅଭିବୃଦ୍ଧି ୨୦୨୩-୨୪ରେ ୯.୨% ରୁ ୨୦୨୪-୨୫ରେ ୬.୫%କୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି ଗତ ବର୍ଷ ଅର୍ଥନୀତି ଦ୍ରୁତ ଗତିରେ ହ୍ରାସ ପାଇଛି। ୯.୨% ଅଭିବୃଦ୍ଧି ହାର ବହୁତ ଅଧିକ ଥିଲା।

ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ଏପ୍ରିଲରେ କେବଳ ୨.୪% ଏବଂ ମେ'ରେ ୧.୨% ବୃଦ୍ଧି ପାଇଛି। ଏହା ବହୁତ କମ୍। ବିଶେଷକରି ଯେତେବେଳେ ଭାରତକୁ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ବିବେଚନା କରାଯାଏ। ମେ' ମାସରେ ଏଫ୍‌ଏମ୍‌ସିଜି କ୍ଷେତ୍ରରେ ଉତ୍ପାଦନ ୨.୪% ହ୍ରାସ ପାଇଛି। ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ୫.୩% ହ୍ରାସ ପାଇଛି। ଅଟୋ କ୍ଷେତ୍ରର ଅବସ୍ଥା ଖରାପ। ତେଣୁ ମାନ୍ଦାବସ୍ଥା ଆସିବାର ଏହା ଏକ ବଡ଼ ସଙ୍କେତ କୁହାଯାଇପାରେ। ଅପରପକ୍ଷେ ୧୯୯୧ରେ ସଂସ୍କାର ଆରମ୍ଭ ହେବା ପରଠାରୁ ରପ୍ତାନି ଦେଶର ଆର୍ଥିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଚଳିତବର୍ଷ ବର୍ଷ ଜୁନ୍ ମାସରେ ସାମଗ୍ରୀ ରପ୍ତାନି ପ୍ରାୟ ସ୍ଥିର ରହିଛି। ସେହି ସମୟରେ, ଆମଦାନି ୩.୭୧% ହ୍ରାସ ପାଇଛି। ସାଧାରଣତଃ, ଯେତେବେଳେ ଅଭିବୃଦ୍ଧି ଉପରମୁହାଁ ହୁଏ, ସେତେବେଳେ ଆମଦାନି ବୃଦ୍ଧି ପାଏ। ଆମଦାନିରେ ହ୍ରାସ ଏକ ଆର୍ଥିକ ମାନ୍ଦାବସ୍ଥାକୁ ସୂଚିତ କରେ।

### ନୂଆ ରେକର୍ଡ

# ଆକାଶରେ ଯୋଗଦେଲେ ୧୦ ହଜାରରୁ ଅଧିକ ଛାତ୍ରାଛାତ୍ରୀ

ଭୁବନେଶ୍ୱର,୨୧।୭ (ସମିସ)




ଚଳିତ ଆକାଡେମିକ୍ ବର୍ଷରେ ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ରେ ଯୋଗଦେଲେ ୧୦ ହଜାରରୁ ଅଧିକ ଛାତ୍ରାଛାତ୍ରୀ। ବିଭିନ୍ନ ପ୍ରତିଯୋଗିତାମୂଳକ ବ୍ରାଣ୍ଡର ଅଭିଜ୍ଞତା ନେବା ପରେ ଏହି ଛାତ୍ରମାନେ ଆକାଶରେ ସାମିଲ ହୋଇଛନ୍ତି। ନିଟ୍, ଜେଇଇ ଏବଂ ଅଲିମ୍ପିଆଡରେ କ୍ରମାଗତ ଭାବେ ସଫଳତା ହାସଲ କରିବା, ଦୃଢ଼ ଟ୍ରାକ୍ ରେକର୍ଡ ଏବଂ ପରୀକ୍ଷା ଫଳାଫଳକୁ ଦେଖିବା ପରେ ଏହି ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକମାନେ ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ୍ ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ଅତୁଳନୀୟ ଆକାଡେମିକ୍ ବ୍ୟବସ୍ଥା ସହ ୫୫୦୦ ରୁ ଅଧିକ ଫାକଲ୍ଟିଙ୍କୁ ଏଫ୍‌ଟିଏସ୍ ଆସେସ୍‌ମେଣ୍ଟ ଏବଂ ନେଇ ଆକାଶର କୋଚିଂ ସିଷ୍ଟମ ଅନ୍ୟମାନଙ୍କଠାରୁ ଭିନ୍ନ। ଏ ସମ୍ପର୍କରେ ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ଦୀପକ୍ ମହେରୋତ୍ରା କହିଛନ୍ତି ଯେ, ଅକାଶ ପରିବାରକୁ ଆମେ ଏହି ୧୦ ହଜାରରୁ ଅଧିକ ଛାତ୍ରାଛାତ୍ରୀ ଏବଂ ସେମାନଙ୍କର ଅଭିଭାବକଙ୍କୁ ସ୍ୱାଗତ କରୁଛୁ। ଏହା ଆମର ଆକାଡେମିକ୍ ବ୍ୟବସ୍ଥା ଉପରେ ବିଶ୍ୱାସକୁ ପ୍ରତିପାଦିତ କରୁଛି।

# ୟୁପିଆଇର ବହୁଳ ପ୍ରଚଳନ ପାଇଁ ଫିନୋର 'ଗତି' ଆକାଉଣ୍ଟ

ଭୁବନେଶ୍ୱର,୨୧।୭ (ସମିସ): ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସହଜ, ସରଳ ଏବଂ ସୁବିଧାଜନକ କରିଥିବା ଫିନୋ ପେମେଣ୍ଟସ ବ୍ୟାଙ୍କ ସମ୍ପ୍ରତି ଏକ ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପରେ ଗ୍ରାହକମାନଙ୍କର ବ୍ୟାଙ୍କିଙ୍ଗ କାରବାରକୁ ତତ୍‌କ୍ଷଣାତ କାରବାର ନିମନ୍ତେ ସମର୍ଥ କରାଇବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଫିନୋ ପେମେଣ୍ଟସ୍ ବ୍ୟାଙ୍କ ଏହାର ନୂଆ ସଞ୍ଚୟ ଆକାଉଣ୍ଟ 'ଗତି' ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଯାହାର ଅର୍ଥ ଅନେକ ଭାରତୀୟ ଭାଷାରେ ହେଉଛି 'ସ୍ପିଡ ଅଥବା ଦ୍ରୁତ'। ଏହି ଉତ୍ପାଦ ଏକ ସୁଲଭ ଢଙ୍ଗରେ ବ୍ୟାଙ୍କିଙ୍ଗ ସେବା ନିମନ୍ତେ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରିବାକୁ ଆକାଂକ୍ଷା ରଖୁଥିବା ଗ୍ରାହକମାନଙ୍କର ଆବଶ୍ୟକତା ପୂରଣ କରିବାକୁ ଡିଜାଇନ କରାଯାଇଛି। ଭାରତରେ ଡିଜିଟାଇଜେସନ ଦ୍ରୁତ ଗତିରେ ପ୍ରସାର ଲାଭ କରୁଥିବାବେଳେ ଏହି ବିଭାଗର ଗ୍ରାହକମାନେ ୟୁପିଆଇର ବର୍ଦ୍ଧିତ ଗ୍ରହଣୀୟତା ସହିତ ଫିଜିଟାଲରୁ ଡିଜିଟାଲକୁ ସ୍ଥାନାନ୍ତରିତ ହେବା ନିମନ୍ତେ ପ୍ରସ୍ତୁତ ରହିଛନ୍ତି। ଜଣେ ବ୍ୟକ୍ତି ଫିନୋ ବ୍ୟାଙ୍କର ଓଡ଼ିଶାରେ ପରିବ୍ୟାପ୍ତ ହୋଇଥିବା ୧୭୭୯୦ ମର୍ଚ୍ଚାଣ୍ଟ ପଏଣ୍ଟ ମଧ୍ୟରୁ ଯେକୌଣସିରେ ଗତି ସଞ୍ଚୟ ଆକାଉଣ୍ଟ ଖୋଲିପାରିବେ ଏବଂ ଏହାର ଫାଇଦା ନେଇପାରିବେ। ଜିରୋ ବାଲାନ୍ସ ଗତି ଆକାଉଣ୍ଟ ଇକେୱାଇସି ଅଥେଣ୍ଟିକେସନ୍ ଜରିଆରେ ମାତ୍ର ୧୦୦ ଟଙ୍କାର ଥରକ ପାଇଁ ଆକାଉଣ୍ଟ ଖୋଲିବା ଦେୟ ପୈଠ କରି ଖୋଲାଯାଇପାରିବ।

# ଏଲ୍‌ଆଣ୍ଡଟି ଫାଇନାନ୍ସର ତ୍ରୈମାସିକ ଲାଭରେ ବୃଦ୍ଧି

ମୁମ୍ବଇ,୨୧।୭

ଅଣ-ବ୍ୟାଙ୍କିଙ୍ଗ ଫାଇନାନ୍‌ସିଆଲ କମ୍ପାନୀ (ଏନବିଏଫସି) ଏଲ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲଟିଏଫ୍) ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୈୟମାସିକରେ ୭୦୧ କୋଟି ଟଙ୍କାର କନ୍‌ସୋଲିଡେଟେଡ ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି ଯାହା ପୂର୍ବ ତ୍ରୟମାସିକ ତୁଳନାରେ (କ୍ୟୁଓକ୍ୟୁ) ୧୦ ପ୍ରତିଶତ ଏବଂ ପ୍ରଥମ ତ୍ରୟମାସିକରେ ପୂର୍ବବର୍ଷ ତୁଳନାରେ (ୱାଇଓୱାଇ) ୨% ଅଧିକ ହୋଇଛି। ଏହି ତ୍ରୈୟମାସିକରେ ଏଲଟିଏଫ ପୂର୍ବବର୍ଷ ତୁଳନାରେ (ୱାଇଓୱାଇ) ଏପର୍ଯ୍ୟନ୍ତ ସର୍ବାଧିକ କନ୍‌ସୋଲିଡେଟେଡ ବୁକ୍ ୧,୦୨,୩୧୪ କୋଟି ଟଙ୍କା ହାସଲ କରିଛି, ଯାହା ପୂର୍ବବର୍ଷ ତୁଳନାରେ ୧୫ ପ୍ରତିଶତ ଅଧିକ। ଏହି ତ୍ରୈୟମାସିକରେ ରିଟେଲ୍ ବୁକ୍ ପରିମାଣ ୯୯,୮୧୬ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ। କମ୍ପାନୀ ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୈୟମାସିକରେ ୧୭,୫୨୨ କୋଟି ଟଙ୍କାର ତ୍ରୟମାସିକ ରିଟେଲ ଯୋଗାଣ ହାସଲ କରିଛି, ଯାହା ପୂର୍ବବର୍ଷ (ୱାଇଓୱାଇ) ତୁଳନାରେ ୧୮ ପ୍ରତିଶତ ଅଧିକ। ୨୦୨୫ ଜୁନ୍ ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସିକରେ ରିଟେଲକରଣ ୯୮ ପ୍ରତିଶତ ହୋଇଛି, ଯାହା ୨୦୨୬ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି।

### ଟ୍ରାଭେଲ୍ + ଲିଜର୍ ରିପୋର୍ଟ


### ପର୍ଯ୍ୟଟକଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ତାଲିକା

# ଇଟାଲୀକୁ ପଛରେ ପକାଇଲା ଜୟପୁର

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ପର୍ଯ୍ୟଟକଙ୍କ ପାଇଁ ବିଶ୍ୱର ଶ୍ରେଷ୍ଠ ସହର ତାଲିକାରେ ଇଟାଲୀକୁ ପଛରେ ପକାଇଛି ଭାରତର ଏକ ସହର। ଜୟପୁର ସହର ପର୍ଯ୍ୟଟକଙ୍କ ଆଗମନରେ ଇଟାଲିର ଲୋକପ୍ରିୟ ସହର ଫ୍ଲୋରେନ୍ସକୁ ପଛରେ ପକାଇଦେଇଛି। ବିଶ୍ୱସ୍ତରୀୟ ଭ୍ରମଣ ପ୍ରକାଶନ ଟ୍ରାଭେଲ୍ + ଲିଜର୍ ଦ୍ୱାରା କରାଯାଇଥିବା ବିଶ୍ୱର ଶ୍ରେଷ୍ଠ ପୁରସ୍କାର ୨୦୨୫ ସର୍ଭେରେ ରାଜସ୍ଥାନର ରାଜଧାନୀ ଜୟପୁର ଇଟାଲୀର ଫ୍ଲୋରେନ୍ସଠାରୁ ଆଗରେ ରହିଛି।

ଜୟପୁର ଭ୍ରମଣ, ସଂସ୍କୃତି ଏବଂ ସାମଗ୍ରିକ ପରିଦର୍ଶକ ଅଭିଜ୍ଞତା ପାଇଁ ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ସହର ମଧ୍ୟରେ ସ୍ଥାନ ପାଇଛି। ଅନ୍ତର୍ଜାତୀୟ ପର୍ଯ୍ୟଟକ ଜୟପୁର ସହରକୁ ବହୁଳମାତ୍ରାରେ ଭୋଟ ଦେଇଛନ୍ତି। ଫଳରେ ଭାରତର ଏହି ସହର ଏକାଧିକ ବିକାଶିତ ଦେଶର ପ୍ରତିଷ୍ଠିତ ସହରକୁ ପଛରେ ପକାଇଛି। ଗୋଲାପୀ ସହର ଭାବରେ ଜଣାଶୁଣା ଜୟପୁର, ଏହି ସର୍ଭେରେ ୯୧.୩୩ ସ୍କୋର ସହିତ ତାଲିକାରେ ୫ମ ସ୍ଥାନରେ ଅଛି। ଫ୍ଲୋରେନ୍ସ ୯୦.୦୮ ସ୍କୋର ସହିତ ୧୧ତମ ସ୍ଥାନରେ ଅଛି। ଟ୍ରାଭେଲ୍ + ଲିଜର୍ ଜୟପୁରକୁ ଏକ ପରିଦର୍ଶନ ପାଇଁ ଉପଯୁକ୍ତ ସ୍ଥାନ ଭାବରେ ବର୍ଣ୍ଣନା କରିଛି, ଏହାର ବିଳାସପୂର୍ଣ୍ଣ ହୋଟେଲ, ବିଶ୍ୱସ୍ତରୀୟ ସଫି ଏବଂ ସ୍ପନ୍ଦନଶୀଳ ସାଂସ୍କୃତିକ ଐତିହ୍ୟର ପ୍ରଶଂସା କରିଛି। ଏହି ତାଲିକାର ଶୀର୍ଷରେ ରହିଛି ମେକ୍ସିକୋର ସାନ ମିଗୁଏଲ ଡି ଆଲେଣ୍ଡେ ସହର। ଏହି ସହର ଏହାର ଅନନ୍ୟ ସାଂସ୍କୃତିକ ପରିବେଶ ଏବଂ ସୁଲଭତା ପାଇଁ ପରିଚିତ। ସର୍ଭେ ଅନୁଯାୟୀ, ଭୋଟରମାନେ ଏହି ସହରର କେନ୍ଦ୍ରୀସ୍ଥଳରେ ଅବସ୍ଥିତ ସଂଗ୍ରହାଳୟ, ଉଦ୍ଭିଦ ଉଦ୍ୟାନ ଏବଂ ବୁଟିକ୍ ଦୋକାନ ଭଳି ଆକର୍ଷଣଗୁଡ଼ିକୁ ପସନ୍ଦ କରିଥିଲେ। ଅନେକ ଲୋକ ସହରର ସ୍ପନ୍ଦନଶୀଳ କଳା ଦୃଶ୍ୟ ଏବଂ ସାନ ମିଗୁଏଲ ଲେଖକ ସମ୍ମିଳନୀ ଏବଂ ସାହିତ୍ୟ ମହୋତ୍ସବ ସମେତ ଏଭଳି ବାର୍ଷିକ କାର୍ଯ୍ୟକ୍ରମରେ ପରିପୂର୍ଣ୍ଣ ହୋଇଥିବାରୁ ଏହି ସହର ତାଲିକାରେ ଶୀର୍ଷରେ ରହିବା ଆବଶ୍ୟକ ବୋଲି ଭୋଟରମାନେ ମତ ଦେଇଥିଲେ। ଥାଇଲ୍ୟାଣ୍ଡର ଐତିହାସିକ ଉତ୍ତର ସହର ଚିଆଙ୍ଗ ମାଇ ୯୧.୯୪ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ସହର ସାଂସ୍କୃତିକ ସ୍ଥାନ, ଦୋକାନ ବଜାର, ଖାଦ୍ୟପେୟ ଏବଂ ପ୍ରକୃତିର ଅଦ୍ଭୁତ ମିଶ୍ରଣ ପାଇଁ ଜଣାଶୁଣା। ଚିଆଙ୍ଗ ମାଇର ଉତ୍କୃଷ୍ଟ ବିଳାସପୂର୍ଣ୍ଣ ହୋଟେଲଗୁଡ଼ିକ ଭୋଟରମାନଙ୍କ ମଧ୍ୟରେ ଏହାର ମୂଲ୍ୟାଙ୍କନ ଜାରି ରଖିବାର ଆଉ ଏକ କାରଣ।





# କ୍ରୀଡ଼ା



ସକାଳ THE SAKALA
www.sakalaepaper.com

## ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ ବୁଧବାରଠାରୁ


# ବୁମ୍‌ରା, ପନ୍ତ୍ ଓ କାମ୍ବୋଜ ଖେଳିବେ

ଓଲ୍ଡ ଟ୍ରାଫୋର୍ଡ, ୨୧।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆସନ୍ତା ବୁଧବାରଠାରୁ ଖେଳାଯିବ। ଏହା ପୂର୍ବରୁ ୧-୨ରେ ସିରିଜ୍ ପଛୁଆ ଥିବା ଭାରତକୁ ବରାବର ସ୍ଥିତିକୁ ଆଣିବା ଲାଗି ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ। ଏଭଳି ସ୍ଥିତିରେ ଦୁଇ ଫାଷ୍ଟ ବୋଲରଙ୍କ ମଧ୍ୟରୁ ବାମହାତୀ ଅର୍ଶଦୀପ ସିଂହ ଏହି ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସହ ପେସ୍ ବୋଲିଂ ଅଲରାଉଣ୍ଡର ନୀତୀଶ ରେଡ୍ଡି ସିରିଜ୍‌ରୁ ବିଦା ହୋଇଛନ୍ତି। ଭାରତର ଏକମାତ୍ର ବିଜୟରେ ୧୦ଟି ୱିକେଟ ନେଇଥିବା ଆକାଶ ଦୀପ୍‌ଙ୍କ ଫିଟ୍‌ନେସ ଠିକ୍ ନ ଥିବାରୁ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଭଲ ପ୍ରଦର୍ଶନ କରି ନ ଥିବା ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁରଙ୍କ ନାମ ବିଚାରକୁ ନିଆଯାଉ ନାହିଁ। ୱିକେଟ ରକ୍ଷକ ଋଷଭ ପନ୍ତ୍ ଆଜି କିପିଂ କରିଛନ୍ତି। ଖେଳିଲାବେଳେ ଆଘାତ ପାଇଥିବା ଆଙ୍ଗୁଠିରେ ସାମାନ୍ୟ ଯନ୍ତ୍ରଣା ହୋଇଥିଲା। ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଅଧିକ ବୋଲିଂ ନ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହାର ଅର୍ଥ ପ୍ରଥମ ଓ ତୃତୀୟ ଟେଷ୍ଟ ଖେଳିଥିବା ବୁମ୍‌ରାଙ୍କୁ ଚତୁର୍ଥ ଟେଷ୍ଟରେ ବିଶ୍ରାମ ଦିଆଯିବା କଥା। ଏଭଳି ସ୍ଥିତିରେ ଚତୁର୍ଥ ଟେଷ୍ଟ ଲାଗି କାହାକୁ ଦଳରେ ସାମିଲ କରାଯିବ, କାହାକୁ ବାହାରେ ରଖାଯିବ ତାହାକୁ ନେଇ ଚାପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ଏମାନଙ୍କ ସହ ଦ୍ୱନ୍ଦ୍ୱରେ ମଧ୍ୟ ଭାରତୀୟ କ୍ରିକେଟ ଦଳର ବଡ଼ ସମର୍ଥକ ଗୋଷ୍ଠୀ।



**■ ଯଶୀ ଭାଇ ଖେଲେଙ୍ଗେ** : କିନ୍ତୁ ଏସବୁ ଉପରୁ ପରଦା ଉଠାଇଛନ୍ତି ଭାରତର ଅନ୍ୟତମ ଫିଟ୍ ଫାଷ୍ଟ ବୋଲର ମହମ୍ମଦ୍ ସିରାଜ। ଆଜି ଏଠାରେ ସାମ୍ବାଦିକଙ୍କ ଆଲୋଚନା ବେଳେ ସେ ଅନେକ କଥା ସ୍ପଷ୍ଟ କରିଛନ୍ତି। 'ଯଶୀ ଭାଇ ଖେଲେଙ୍ଗେ। (ଏହାର ଅର୍ଥ ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍‌ରେ ଖେଳିବେ। ଆକାଶଦୀପଙ୍କ ମାଂସପେଶୀରେ ଆଘାତ ଲାଗିଛି। ଟ୍ରେନର ଓ ଫିଜିଓ ତାଙ୍କ ଉପରେ ନିଷ୍ପତ୍ତି ନେବେ। ସେ ଯାହା ହେଉ ଠିକଣା ଏରିଆରେ ଆମକୁ ବୋଲିଂ କରିବାକୁ ହେବ' ବୋଲି ସିରାଜ କହିଛନ୍ତି। ସିରାଜଙ୍କ ସୂଚନାରୁ ଯଶପ୍ରୀତ୍ ବୁମ୍‌ରା ଏହି ଟେଷ୍ଟରେ ଖେଳିବା ସ୍ପଷ୍ଟ ହୋଇଛି। ଏଠାରେ ଯଦି ଭାରତ ହାରିଯାଏ ତେବେ ସିରିଜ୍‌ରେ ପରାଜିତ ହେବ। ଏଣୁ ମ୍ୟାଚ୍ ବଞ୍ଚାଇବା କିମ୍ବା ବିଜୟ ହାସଲ କରିବା ଭାରତର ପ୍ରାଥମିକତା। ବୁମ୍‌ରାଙ୍କ ପାର୍ଟନର ଆକାଶ ଦୀପ୍‌ଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଦଳରେ ଆଉ



ଦୁଇଜଣ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ଥିଲେ ମଧ୍ୟ ଭାରତ-'ଏ' ପକ୍ଷରୁ ନିକଟରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ଖେଳିଥିବା ହରିୟାଣାର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ଯାହା ଆଶା କରାଯାଉଛି କାମ୍ବୋଜଙ୍କୁ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ସିରାଜଙ୍କ ସୂଚନାକୁ ବିଶ୍ୱାସ କରାଗଲେ ଏହି ମ୍ୟାଚ୍‌ରେ ବୁମ୍‌ରା, ପନ୍ତ୍‌ଙ୍କ ଖେଳିବା ନିଶ୍ଚିତ। ଆଜି ପ୍ରସିଦ୍ଧ ଓ ଶାର୍ଦ୍ଦୁଳଙ୍କୁ ଯେପରି ନେଟ୍‌ସରୁ ଏଡ଼ାଇ ରଖାଯାଇଛି, ସେଥିରୁ ଉଭୟ ଖେଳାଳିଙ୍କର ଚତୁର୍ଥ ଟେଷ୍ଟରେ ଖେଳିବା ସମ୍ଭାବନା କମ୍। କିନ୍ତୁ ନୀତୀଶ କୁମାର ରେଡ୍ଡିଙ୍କ ସ୍ଥାନରେ କିଏ ଖେଳିବେ ତାହାକୁ ନେଇ ସନ୍ଦେହ ରହିଛି।

**■ ଡେବ୍ୟୁ କରିପାରନ୍ତି କାମ୍ବୋଜ୍** : ଭାରତୀୟ ଦଳରେ ଜଣେ ନବାଗତ ଫାଷ୍ଟ ବୋଲର ହରିୟାଣାର ଅଂଶୁଲ କାମ୍ବୋଜ୍‌ଙ୍କୁ ସାମିଲ କରାଯାଇଛି। ଶନିବାର ସେ ଟିମ୍ ସହ ଯୋଗଦେଇଥିଲେ ଓ ରବିବାର ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ଟିମ୍ ସହ ରହିଥିଲେ। ଆଜି ସୋମବାର ସେ ନେଟ୍ ପ୍ରାକ୍ଟିସ୍ କରିଥିଲେ। କୋଚ୍ ଗୌତମ ଗମ୍ଭୀର, ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ, ଅଧିନାୟକ ଗିଲ୍ ଓ ବରିଷ୍ଠ ଫାଷ୍ଟ ବୋଲର ବୁମ୍‌ରାଙ୍କ ସହ ଆଲୋଚନା କରିବା ଦେଖାଯାଇଥିଲା। ଏହା ପରେ ସେ ୪୫ ମିନିଟ୍‌କାଳ ବୋଲିଂ କରିଥିଲେ। ଲୋକେଶ ରାହୁଲ ଓ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ସେ ଦୀର୍ଘ ଏକଘଣ୍ଟା ଧରି ନେଟ୍‌ସରେ ବୋଲିଂ କରିଥିଲେ। ସିରାଜଙ୍କ କହିବା ଅନୁଯାୟୀ ସେ ଠିକଣା ସ୍ଥାନରେ ବଲ ପକାଇଥିଲେ। ଭଲ ଲାଇନ୍ ଓ ଲେନ୍ଥ ଲାଗି ଜଣା ଥିବା କାମ୍ବୋଜ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

**■ ୱିକେଟ କିପିଂ କଲେ ପନ୍ତ୍** : ଭାରତ ଲାଗି ସବୁଠାରୁ ଉଲ୍ଲେଖନୀୟ ଖବର ହେଲା ଋଷଭ ପନ୍ତ୍ ୱିକେଟ କିପିଂ କରିବା। ଆଘାତପ୍ରାପ୍ତ ଆଙ୍ଗୁଳିରେ ବେଳେ ବେଳେ ଯନ୍ତ୍ରଣା ପାଉଥିଲେ ମଧ୍ୟ ପନ୍ତ କିପିଂ କରିଥିଲେ। ଏଣୁ ସେ ତାଙ୍କ ସ୍ଥାନ ବଜାୟ ରଖିବେ ବୋଲି ଆଶା କରିବା ସ୍ୱାଭାବିକ୍।

## ୮ ବର୍ଷ ପରେ ଟେଷ୍ଟ ଖେଳିବେ ଡାୱସନ



ଓଲ୍ଡ ଟ୍ରାଫୋର୍ଡ,୨୧।୭ (ଏଜେନ୍ସି): ଦୀର୍ଘ ୮ ବର୍ଷ ପରେ ବାମହାତୀ ସ୍ପିନର ଲିଆମ ଡାୱସନ ଇଂଲଣ୍ଡ ପକ୍ଷରୁ ଟେଷ୍ଟ ମ୍ୟାଚ୍ ଖେଳିବେ। ଏଠାରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ପକ୍ଷରୁ ଘୋଷଣା କରାଯାଇଥିବା ଏକାଦଶରୁ ଏହା ସ୍ପଷ୍ଟ ହୋଇଛି। ସେ ଆହତ ସ୍ପିନର ସୋଏବ ବସିରଙ୍କ ସ୍ଥାନରେ ଖେଳିବେ ଓ ଇଂଲଣ୍ଡ ଦଳରେ ଏହା ଏକମାତ୍ର ପରିବର୍ତ୍ତନ। ଇଂଲଣ୍ଡ ଏବେ ୨-୧ରେ ସିରିଜ୍ ଆଗୁଆ ରହିଛି।

**ଇଂଲଣ୍ଡ ଦଳ** : ଜ୍ୟାକ୍ କ୍ରାଉଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର ଓ ଲିଆମ ଡାୱସନ।

● ଦ୍ୱିତୀୟ ୟୁଥ୍ ଟେଷ୍ଟ

## ଏକାଂଶଙ୍କ ଶତକ ଇଂଲଣ୍ଡର ସମ୍ମାନ ରଖିଲା

ଚେଲମ୍ସଫୋର୍ଡ, ୨୧।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଇଂଲଣ୍ଡ ପ୍ରଥମ ପାଳିରେ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଇଂଲଣ୍ଡ ୟୁଥ୍ ଦଳ ପ୍ରଥମ ଦିବସ ସୁଦ୍ଧା ୭ ୱିକେଟ୍‌ରେ ୨୨୯ ରନ କରିଥିଲା। ସୋମବାର ୨ୟ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଇଂଲଣ୍ଡ ୩୦୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତୀୟ ବଂଶୋଦ୍ଭବ ଖେଳାଳି ଏକାଂଶ ସିଂହ ଶତକୀୟ ପାଳି ଖେଳି ଘରୋଇ ଦଳର ସମ୍ମାନ ରକ୍ଷା କରିଛନ୍ତି। ବ୍ୟାଟିଂକ୍ରମର ୭ମ ସ୍ଥାନରେ ଆସିଥିବା ଏକାଂଶ ୧୫୫ ବଲ୍ ଖେଳି ୧୪ ଚୌକା ଓ ୩ ଛକା ସହ ୧୧୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଥୋମାସ ରିଉ ୫୯, ଜେମ୍ସ ମିଣ୍ଟୋ ୪୬ ରନ କରିଥିଲେ। ଭାରତୀୟ ୟୁଥ୍ ଦଳ ପକ୍ଷରୁ ଲେଗ୍-ସ୍ପିନର ନମନ ପୁଷ୍ପକ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଭାରତ ଶେଷ ଖବର ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୫୧ ରନ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା।

## ଆସନ୍ତାବର୍ଷ ଚାମ୍ପିଅନ୍ସ ଲିଗ୍ କ୍ରିକେଟ




ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ଏକ ଦଶନ୍ଧିପରେ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଚାମ୍ପିଅନ୍ସ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୁଣିଥରେ ଆରମ୍ଭ ହୋଇପାରେ। ଏଥିଲାଗି ସିଙ୍ଗାପୁରରେ ଅନୁଷ୍ଠିତ ଆଇସିସି ବୈଠକରେ ଆଲୋଚନା ହୋଇଛି ଓ ବିଭିନ୍ନ ଦେଶର ପ୍ରତିନିଧିଭାବେ ଆୟୋଜନ ସପକ୍ଷରେ ସମ୍ମତି ଜଣାଇଛନ୍ତି। ୨୦୧୪ରେ ଶେଷଥର ଏହା ଭାରତରେ ଆୟୋଜିତ ହୋଇଥିଲା ଓ ଚେନ୍ନାଇ ସୁପର କିଙ୍ଗ୍‌ସ ଟାଇଟଲ ଜିତିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତରୁ ୩ଟି, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରୁ ୨ଟି ଲେଖାଏଁ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡରୁ ଗୋଟିଏ ଲେଖାଏଁ ଟି-୨୦ ଟିମ୍ ଭାଗନେଇଥିଲେ। ଏହାର ୬ଟି ସଂସ୍କରଣ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ୪ଥର ଭାରତୀୟ ଦଳ ଓ ଦୁଇଥର ଅଷ୍ଟ୍ରେଲୀୟ ଦଳ ଚାମ୍ପିଅନ ହୋଇଥିଲେ।

**ଦୁଇଥାକିଆ ଟେଷ୍ଟ ଚାମ୍ପିଅନସିପ୍** : କ୍ରିକେଟରେ ଏବେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌କୁ ଦୁଇ ଥାକିଆ କରିବାକୁ ଆଇସିସିର ନୂଆ ସିଇଓ ସଂଯୋଗ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏକ ୮ ଜଣିଆ କମିଟି ଗଠନ କରାଯାଇଛି। ଏହାର ରିପୋର୍ଟ ପାଇବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଆଇସିସି ଚେୟାରମ୍ୟାନ୍ ଜୟ ଶାହ କହିଛନ୍ତି।

## ଏସିଆ କପ୍ ହକି: ଭାରତ ଆସିବାକୁ ପାକିସ୍ତାନ ଅନିଚ୍ଛୁକ

କରାଚି,୨୧।୭ (ଏଜେନ୍ସି): ଭାରତରେ ଆସନ୍ତା ମାସରେ ଏସିଆ କପ୍ ହକି ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଚାମ୍ପିଅନ ହୋଇଥିବା ଦଳ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ।



ଏଭଳି ସ୍ଥିତିରେ ସୁରକ୍ଷା କାରଣରୁ ପାକିସ୍ତାନର ହକି ଟିମ୍ ଭାରତରେ ଏସିଆ କପ୍ ଖେଳିବା ଲାଗି ଯିବ ନାହିଁ ବୋଲି ଏହି ଦେଶର ହକି ସଂଘ ସଭାପତି ତାରିକ୍ ବୁଗତି କହିଛନ୍ତି। ଆମେ ଏ ସମ୍ପର୍କରେ ଏସିଆ ହକି ମହାସଂଘ (ଏଏଚ୍‌ଏଫ୍) ଓ ଫେଡେରେସନ ଅଫ୍ ଇଣ୍ଟରନ୍ୟାସନାଲ ହକି (ଏଫ୍‌ଆଇଏଚ୍)କୁ ଜଣାଇଦେଇଛୁ। ସରକାର ମଧ୍ୟ ସମାନ କାରଣରୁ ଭାରତକୁ ପାକିସ୍ତାନୀ ଖେଳାଳିଙ୍କୁ ଛାଡ଼ିବାକୁ ନାରାଜ। ଏଣୁ ଏ ସମ୍ପର୍କରେ ଏଏଚ୍‌ଏଫ୍ ଓ ଏଫ୍‌ଆଇଏଚ୍ ଯେଉଁ ନିଷ୍ପତ୍ତି ନେବ ତାହାକୁ ଆମେ ଗ୍ରହଣ କରିବୁ ବୋଲି ବୁଗତି କହିଛନ୍ତି।

## ୧୭ କିଲୋ ଓଜନ କମାଇଲେ ସର୍ଫରାଜ



ମୁମ୍ବାଇ, ୨୧।୭ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ଖେଳାଳି ସର୍ଫରାଜ ଖାନ ବେଶ୍ କିଛି ଦିନ ଧରି ଜାତୀୟ ଦଳରୁ ବାଦ୍ ପଡ଼ିଆସୁଛନ୍ତି। ଘରୋଇ କ୍ରିକେଟ୍‌ରେ ଲଗାତର ପ୍ରଭାବୀ ପ୍ରଦର୍ଶନ କରିଆସୁଥିଲେ ମଧ୍ୟ ସର୍ଫରାଜଙ୍କ ପାଇଁ ତାଙ୍କ ଫିଟ୍‌ନେସ ତଥା ପୃଥୁଳାକାୟ ଶରୀର ସର୍ବଦା ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଥାଏ। ଯେଉଁଥି ପାଇଁ ତାଙ୍କୁ ଅନେକ ସମୟରେ ସମାଲୋଚନାର ଶିକାର ହେବାକୁ ମଧ୍ୟ ପଡ଼ିଥାଏ। କିନ୍ତୁ ୨୭ ବର୍ଷୀୟ ଏହି ମୁମ୍ବାଇ ୱିକେଟ୍‌କିପର ତାଙ୍କ ସମାଲୋଚକଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି। ଏହି ଜବାବ ସେ ବ୍ୟାଟ୍‌ରେ ନ ଦେଇ ନିଜର ବଳିଷ୍ଠ ପରିବର୍ତ୍ତିତ ଫିଟ୍‌ନେସ ଜରିଆରେ ଦେଇଛନ୍ତି। ସର୍ଫରାଜ ଗଲା ଦୁଇ ମାସରେ ଜିମ୍‌ରେ କଠିନ ଅଭ୍ୟାସ କରି ଝାଳ ବୁହାଇ ୧୭ କିଲୋ ଓଜନ କମାଇଦେଇଛନ୍ତି। ସୋମବାର ସେ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରିଥିଲେ। ଏହି ଫଟୋରେ କ୍ୟାପସନରେ ସେ ଉଲ୍ଲେଖ କରିଥିଲେ ଯେ ୨ ମାସ ମଧ୍ୟରେ ସେ ୧୭ କିଲୋ ଓଜନ କମାଇବାରେ ସଫଳ ହୋଇଛନ୍ତି। ନୂଆ ଲୁକ୍‌ରେ ସର୍ଫରାଜ ବେଶ୍ ଫିଟ୍ ନଜର ଆସୁଛନ୍ତି।

## ଜାତୀୟ କୁସ୍ତି ଲାଗି ୧୬ ମନୋନୀତ

ଭୁବନେଶ୍ୱର, ୨୧।୭ (ସମିସ): ୨୩ ବର୍ଷରୁ କମ୍ ଜାତୀୟ କୁସ୍ତି ପ୍ରତିଯୋଗିତା ମଙ୍ଗଳବାରଠାରୁ ରାଞ୍ଚିରେ ଆୟୋଜିତ ହେବାକୁ ଯାଉଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ୧୬ଜଣ କୁସ୍ତି ଖେଳାଳି ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଏହି ଖେଳାଳିମାନେ ମନୋନୀତ ହୋଇଛନ୍ତି। ପୁରୁଷ ଫ୍ରିଷ୍ଟାଇଲ ଓ ମହିଳା କୁସ୍ତି ଲାଗି ଅନୁଷ୍ଠିତ ଏହି ଚୟନ ଶିବିରରେ ରାଜ୍ୟ ସଂଘ ଅନୁବନ୍ଧିତ ଓ ଅଣ ଅନୁବନ୍ଧିତ ଜିଲ୍ଲାର ୫୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚୟନ ଶିବିର ଶେଷରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ରାଜ୍ୟ କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ବିଜୟ ଦାସ, ଲଲାଟେନ୍ଦୁ ବଡ଼ୁ, କ୍ରୀଡ଼ା ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଆଗାମୀ ଜାତୀୟ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଥିଲେ।

## ସେମିରେ ପହଞ୍ଚିବାରେ ହମ୍ପି ପ୍ରଥମ ଭାରତୀୟ

ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଭାରତର ନଂ-୧ ଖେଳାଳି କୋନେରୁ ହମ୍ପି ମହିଳା ଚେସ୍ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ସେ ଦେଶର ପ୍ରଥମ ଖେଳାଳି ଭାବେ ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କ ପରେ ଦିବ୍ୟା ଦେଶମୁଖ ଟାଇବ୍ରେକରରେ ଡି ହାରିକାଙ୍କୁ ହରାଇ ଦ୍ୱିତୀୟ ଖେଳାଳି ଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମଥର ଲାଗି ୨ଜଣ ଖେଳାଳିଙ୍କୁ ଏଭଳି ସଫଳତା ମିଳିଛି। ପୂର୍ବରୁ ୨୦୨୩ ବିଶ୍ୱକପ୍‌ରେ ହାରିକା ଦ୍ରୋଣାଭାଲି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଭାରତ ଲାଗି ଶ୍ରେଷ୍ଠ ସଫଳତା ଥିଲା। ଜର୍ଜିଆର ବାଟୁମିଠାରେ ଚାଲିଥିବା ଏହି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ସେ ଚୀନ୍‌ର ୟୁଜିନ ସଙ୍ଗ୍‌ଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରଥିଲେ। ସେମିଫାଇନାଲରେ ହମ୍ପିଙ୍କ ସହ ଟପ୍ ସିଡ୍ ଚୀନ୍‌ର ଲେଇ ଟିଙ୍ଗଜିଏ ଓ ଦିବ୍ୟାଙ୍କ ସହ ଚୀନ୍‌ର ଆଉ ଜଣେ ଖେଳାଳି ତାନ ଝୋଙ୍ଗୟିଙ୍କର ମୁକାବିଲା ହେବ। ଲେଇ କ୍ୱାର୍ଟରରେ ଭାରତର ଆର୍ ବୈଶାଳୀଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ।

ମହିଳା ଚେସ୍ ବିଶ୍ୱକପ୍



କୋନେରୁ ହମ୍ପି



ଦିବ୍ୟା ଦେଶମୁଖ

## ୨୩ ବର୍ଷ ପରେ ଭାରତରେ ହେବ ଚେସ୍ ବିଶ୍ୱକପ୍



ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଦୀର୍ଘ ୨୩ ବର୍ଷର ବ୍ୟବଧାନ ପରେ ଭାରତରେ ଚେସ୍ ବିଶ୍ୱକପ୍ ଚଳିତବର୍ଷ ଆୟୋଜିତ ହେବ ବୋଲି ଚେସ୍ ଖେଳର ସର୍ବୋଚ୍ଚ ସଂସ୍ଥା ଫିଡେ ପକ୍ଷରୁ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ଅକ୍ଟୋବର ୩୦ରୁ ଆରମ୍ଭ ହୋଇ ନଭେମ୍ବର ୨୭ରେ ଶେଷ ହେବ ଏବଂ ଏଥିରେ ବିଶ୍ୱର ଶ୍ରେଷ୍ଠ ୨୦୬ ଜଣ ଖେଳାଳି ଅଂଶଗ୍ରହଣ କରିବେ। କିନ୍ତୁ ଏହା ଭାରତର କେଉଁ ସହରରେ ଆୟୋଜିତ ହେବ ତାହା ଘୋଷଣା କରାଯାଇନାହିଁ। ଶେଷଥର ଏହି ବିଶ୍ୱକପ୍ ୨୦୦୨ ହାଇଦରାବାଦ୍‌ରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଭାରତ ଚାମ୍ପିଅନ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତରୁ ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ୍ ଡି ଗୁକେଶ, ଆର୍ ପ୍ରଜ୍ଞାନନ୍ଦ, ୨୦୨୩ ରନର୍ସଅପ୍ ଅର୍ଜୁନ ଏରିଗାଏସି ଶୀର୍ଷ ଖେଳାଳିଭାବେ ଅଂଶଗ୍ରହଣ କରିବେ। ବିଶ୍ୱର ନମ୍ବର-୧ ଖେଳାଳି ତଥା ୨୦୨୩ ଚାମ୍ପିଅନ୍ ମ୍ୟାଗ୍ନସ କାର୍ଲସେନ୍ ମଧ୍ୟ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରୁ ମଧ୍ୟ କ୍ୟାଣ୍ଡିଡେଟ ଚେସ୍-୨୦୨୬ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହି ପ୍ରତିଯୋଗିତାରେ ଭାଗନେବାକୁ ଥିବା ୨୦୬ ଜଣ ଖେଳାଳିଙ୍କ ମଧ୍ୟରୁ ମାନ୍ୟତାରେ ପ୍ରଥମ ୫୦ଜଣ ଖେଳାଳି ସିଧାସଳଖ ଦ୍ୱିତୀୟ ରାଉଣ୍ଡରେ ଖେଳିବେ। ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଭିତ୍ତିରେ ଖେଳାଯିବ ଓ ଅବଶିଷ୍ଟ ଖେଳାଳି ଏଥିରେ ଭାଗନେବେ। ଏହି ଟୁର୍ଣ୍ଣାମେଣ୍ଟ ଭାରତରେ ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରାଇବ।

## ଅଷ୍ଟ୍ରେଲିଆକୁ ଜିତାଇଲେ ପଦାର୍ପଣକାରୀ ଓଏନ୍

କିଙ୍ଗ୍‌ସଟନ୍, ୨୧।୭ (ଏଜେନ୍ସି): ପଦାର୍ପଣକାରୀ ମାଇକେଲ୍ ଓଏନ୍‌ଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ (୫୦ ରନ ଓ ୧ ୱିକେଟ୍) ବଳରେ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ଘରୋଇ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ପ୍ରଦତ୍ତ ୧୯୦ ରନର ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ୭ ୱିକେଟ୍ ହରାଇ ୭ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। କାମେରନ ଗ୍ରୀନ ୫୧, ଅଧିନାୟକ ମିଚେଲ ମାର୍ଶ ୨୪, ଗ୍ଲେନ ମ୍ୟାକ୍ସୱେଲ ୧୧ ରନ କରିଥିଲେ। ପୂର୍ବରୁ ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍ (୫୫) ଓ ରୋଷ୍ଟନ ଚେଜ୍ (୬୦)ଙ୍କ ଅର୍ଦ୍ଧଶତକ ସହାୟତାରେ ୮ ୱିକେଟ୍‌ରେ ୧୮୯ ରନ କରିଥିଲା।

## ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ୬ ବ୍ୟାଡ୍‌ମିଣ୍ଟନ ଖେଳାଳି ବାଦ୍ ପଡ଼ିଲେ




ନୂଆଦିଲ୍ଲୀ,୨୧।୭ (ଏଜେନ୍ସି): ଏଆଇୟୁ ବା ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟି ଭାରତରେ କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନା କରିବାର ସର୍ବୋଚ୍ଚ ସଂସ୍ଥା। ଏହି ସଂସ୍ଥାକୁ ପ୍ରତିନିଧିତ୍ୱ କରୁଥିବା କର୍ମକର୍ତ୍ତାମାନଙ୍କ ଖାମଖିଆଲି ଓ ଦାୟିତ୍ୱହୀନତା ଯୋଗୁଁ ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରୁ ୬ଜଣ ଭାଗ ନେବାରୁ ବଞ୍ଚିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶା ତଥା କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ମଧ୍ୟ ଅଛନ୍ତି। ଏହି କ୍ରୀଡ଼ାରେ ଭାରତ ଏକ ପଦକ ଜିତିଛି। ସମସ୍ତ ଯୋଗ୍ୟ ଖେଳାଳି ଅଂଶଗ୍ରହଣ କରିଥିଲେ ଭାରତକୁ ଆହୁରି ଅଧିକ ସଫଳତା ମିଳିଥାନ୍ତା ବୋଲି କୁହାଯାଉଛି। ଘଟଣା ଅନୁଯାୟୀ ଏହି କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଜୁଲାଇ ୧୬ରେ ମ୍ୟାନେଜରଙ୍କ ବୈଠକ ହୋଇଥିଲା। ଏହି ବୈଠକରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ୧୨ ଜଣ ଖେଳାଳିଙ୍କ ନାମ ଦୁଇ ପ୍ରତିନିଧି ବିଭି ରାଓ ଓ ଅଜିତ ମୋହନ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ। କିଟ୍‌ରେ ଯେଉଁମାନଙ୍କୁ ଚୟନ କରାଯାଇଥିଲା ସେଥିରେ କିଛି ଖେଳାଳିଙ୍କୁ ଆହତ କିମ୍ବା ଅନ୍ୟ କାରଣ ଲାଗି ବାଦ୍ ଦିଆଯାଇଥିଲା। କିନ୍ତୁ ତାଙ୍କ ବଦଳରେ ସାମିଲ ହୋଇଥିବା ଖେଳାଳିଙ୍କ ନାମ ଭାରତର ଦୁଇ ପ୍ରତିନିଧି ଠିକ୍ ଭାବେ ପଢ଼ି ପାରି ନ ଥିଲେ କିମ୍ବା ତାଲିକା ଯୋଗାଇ ପାରି ନ ଥିଲେ। ଯାହା ଫଳରେ ୬ଜଣ ଖେଳାଳି ଯଥା ଓଡ଼ିଶାର ଅବିନାଶ ମହାନ୍ତିଙ୍କ ସହ ରୋହନ କୁମାର, ଦର୍ଶନ ପୂଜାରୀ, ଅଦିତି ଭଟ୍ଟ, ବିରାଜ କୁଭାଲେ ଓ ଅଲିଶା ଖାନ୍ ଭାଗ ନେଇ ପାରି ନ ଥିଲେ। 'ଏହାକୁ ମୋ ଦୁର୍ଭାଗ୍ୟ କହିବି ନା ଏଆଇୟୁ ଆମ କ୍ୟାରିୟର ସହ ଖେଳୁଛି' ବୋଲି କହିଛନ୍ତି ଅଲିଶା। ଏ ସମ୍ପର୍କରେ ଏଆଇୟୁ ପକ୍ଷରୁ କିଛି ସ୍ପଷ୍ଟିକରଣ ଦିଆଯାଇନାହିଁ।

## ସାହାଣୀ କପ୍ — କ୍ୱାର୍ଟରରେ କୋରାପୁଟ -ଭୁବନେଶ୍ୱର

ଭୁବନେଶ୍ୱର, ୨୧।୭ (ସମିସ)



ବ୍ରହ୍ମପୁର ଜୋନ

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ୬୪ତମ ସିନିଅର ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ ଫୁଟ୍‌ବଲ ପ୍ରତିଯୋଗିତାର ୬ଷ୍ଠ ଦିବସ ଖେଳ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜୋନରେ ଅନୁଷ୍ଠିତ ମ୍ୟାଚରେ ଖୋର୍ଦ୍ଧା ୫-୦ ଗୋଲ୍‌ରେ ପୁରୀକୁ ପରାସ୍ତ କରିଛି। ଜଳଧର ନାୟକ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ସେହିଭଳି ଏଠାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କଟକ ୬-୦ ଗୋଲରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ହରାଇଛି। ସେହିଭଳି କେନ୍ଦୁଝରର ଜୋନରେ ସୁନ୍ଦରଗଡ଼ ୧-୦ ଗୋଲ୍‌ରେ ବାଲେଶ୍ୱର ବିପକ୍ଷରେ ବିଜୟୀ ହୋଇଛି। ଢେଙ୍କାନାଳ ଓ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର ରହିଥିଲା। ବ୍ରହ୍ମପୁର ଜୋନରେ ମଧ୍ୟ ଆଜି ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କୋରାପୁଟ ୪-୦ ଗୋଲରେ ରାୟଗଡ଼ାକୁ ଓ ମୟୂରଭଞ୍ଜ ୫-୦ ଗୋଲ୍‌ରେ ମାଲକାନଗିରିକୁ ମାତ୍ ଦେଇଛି।

ଏଥିସହ ୩ଟି ଜୋନରେ କ୍ୱାର୍ଟର ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଯାଇଛି। କେନ୍ଦ୍ରାପଡ଼ା ଜୋନରେ କଟକ ଓ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନରେ ଭୁବନେଶ୍ୱର ଓ କୋରାପୁଟ ଏବଂ କେନ୍ଦୁଝର ଜୋନରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ମଧ୍ୟରେ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ସେହିଭଳି ବୌଦ୍ଧ ଜୋନରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ସମାପ୍ତ ହେଲେ ଏଠାରେ କେଉଁ ଦଳ କ୍ୱାର୍ଟର ଫାଇନାଲ ଖେଳିବ ତାହା ସ୍ପଷ୍ଟ ହେବ ବୋଲି ଫାଓ ପକ୍ଷରୁ କୁହାଯାଇଛି।

**କ୍ୱାର୍ଟର କାର୍ଯ୍ୟସୂଚୀ**

| ଜୋନ୍ | ମ୍ୟାଚ୍ |
|---|---|
| କେନ୍ଦ୍ରାପଡ଼ା | କଟକ ବନାମ ଝାରସୁଗୁଡ଼ା |
| ବ୍ରହ୍ମପୁର | ଭୁବନେଶ୍ୱର ବନାମ କୋରାପୁଟ |
| କେନ୍ଦୁଝର | ସୁନ୍ଦରଗଡ଼ ବନାମ ଆର୍‌ଏସ୍‌ପି |
| ବୌଦ୍ଧ | ନିର୍ଦ୍ଧାରିତ ହୋଇନାହିଁ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨- ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାର୍‌ଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।



# ଆମ୍ବ ପାଇଁ ଦିନଟିଏ

ପ୍ରତିବର୍ଷ ଜୁଲାଇ ୨୨ ତାରିଖକୁ 'ଜାତୀୟ ଆମ୍ବ ଦିବସ' ଭାବେ ପାଳନ କରାଯାଉଛି। ଔଷଧୀୟ ଗୁଣରେ ଭରପୂର ଆମ୍ବର ପ୍ରଚାର ପ୍ରସାର ପାଇଁ ଏହି ଦିବସର ପରିକଳ୍ପନା। ଆମ୍ବ ହେଉଛି ଏକ ପ୍ରକୃତି ଦତ୍ତ ସମୃଦ୍ଧ ଏବଂ ଆକର୍ଷଣୀୟ ମିଠା ଫଳ। ଆମ୍ବର ସ୍ୱାଦ ପାଇଁ ତାକୁ ଫଳର ରାଜା ବୋଲି କୁହାଯାଏ। ଏହାକୁ ଉଭୟ କଞ୍ଚା ଓ ପାଚିଲା ଭାବେ ଖିଆଯାଏ। ଖରାଦିନେ ଭାତ, ରୁଟି ସହିତ ସବୁଠୁ ଅଧିକ ଖୋଜା ପଡ଼ିଥାଏ ପାଚିଲା ଆମ୍ବକୁ। ଓଡ଼ିଆ ଘରେ ରଜ ଓ ସାବିତ୍ରୀ ଭାରରେ ସ୍ଥାନ ପାଏ ଆମ୍ବ। ଭାରତର ଜାତୀୟ ଫଳ ଆମ୍ବ। ଏହି ସ୍ୱାଦିଷ୍ଟ ଓ ରସାଳ ଫଳଟିକୁ ସବୁ ବୟସର ଲୋକେ ଖାଇବାକୁ ପସନ୍ଦ କରନ୍ତି। ଏଥିରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ସ୍ୱାଦ ଓ ବାସ୍ନା ଯୋଗୁ ଆମ୍ବ ଯୁଗ ଯୁଗ ଧରି ଭାରତର ଖାଦ୍ୟ ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଛି। ଐତିହାସିକମାନଙ୍କ ତଥ୍ୟ ଅନୁସାରେ, ଭାରତୀୟମାନେ ୪୦୦୦ ବର୍ଷରୁ ଅଧିକ କାଳ ଧରି ଏହି ରସାଳ ଫଳ ଚାଷ କରୁଥିବାବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ଏହା ମାତ୍ର ୪୦୦ ବର୍ଷ ପୁରୁଣା। ଆମ୍ବର ପୁରାତନ ନାମ ଥିଲା ଆମ୍ରଫଳ। ବେଦରେ ଏହାକୁ 'ରସାଳ' ଓ 'ସହକାର' ନାମରେ ନାମିତ କରାଯାଇଛି। ସାଧାରଣତଃ ଖରାଦିନେ ଏହା ବଜାରରେ ଉପଲବ୍ଧ ହୋଇଥାଏ। ଏବେ କିନ୍ତୁ ବର୍ଷର ସବୁ ସମୟରେ ବଜାରରେ ଅଳ୍ପ ବହୁତେ ଆମ୍ବ ମିଳୁଛି। ଆମ୍ବରେ ପାଖାପାଖି ୨୦ ପ୍ରକାରର ଭିଟାମିନ୍ ଓ ଖଣିଜ ତତ୍ତ୍ୱ ରହିଛି, ଯେଉଁଥିପାଇଁ ଏହା ଏକ ସୁପର୍‌ଫୁଡ୍ ଭାବେ ମଧ୍ୟ ପରିଗଣିତ ହୋଇଥାଏ। ହିନ୍ଦୁ ଧର୍ମ, ଧାର୍ମିକ ବିଶ୍ୱାସ ଓ ପରମ୍ପରାରେ ଆମ୍ବ ଓ ଆମ୍ବ ଡାଳର ବହୁତ ମହତ୍ତ୍ୱ ଅଛି। କଳସ ବା ଘଟ ସ୍ଥାପନ ଉପଲକ୍ଷେ ଆମ୍ବଡାଳ ଓ ପଇଡ଼ ଅପରିହାର୍ଯ୍ୟ ବସ୍ତୁ। ବିଭିନ୍ନ ମେଳାସ୍ଥଳୀ ଓ ସ୍ୱାଗତ ତୋରଣକୁ ଆମ୍ବ ଡାଳଦ୍ୱାରା ସଜା ଯାଇଥାଏ। ଦୋଳଯାତ ବେଳେ ପ୍ରଭୁ ଶ୍ରୀଦୋଳଗୋବିନ୍ଦଙ୍କ ପାଖରେ ଆମ୍ବ କଷି ଲାଗି କରାଯାଏ। ଆମ୍ବ ଏକ ଅତ୍ୟନ୍ତ ପବିତ୍ର ବୃକ୍ଷ। ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ଆମ୍ବପତ୍ର ବ୍ୟବହାର ହେତୁ ଏହା ଅନ୍ୟାନ୍ୟ ବୃକ୍ଷ ଯଥା ତୁଳସୀ, ବେଲଅଁଳା, ଅଶ୍ୱତ୍ଥ, ବର, ପଳାଶ, କଦଳୀ ଇତ୍ୟାଦି ଭଳି ପୂଜନୀୟ। ସେହିଭଳି ବୃକ୍ଷ ପୂଜା ପରମ୍ପରାରେ ଆମ୍ବ ଗଛକୁ ପୂଜା କରିବାର ପର୍ବ ହେଉଛି ବଉଳ ଅମାବାସ୍ୟା। ପୌଷ ମାସର ଅମାବାସ୍ୟା ବକୁଳ ଅମାବାସ୍ୟା ନାମରେ ଖ୍ୟାତ। ବସନ୍ତ ପଞ୍ଚମୀ ତିଥିରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜାରେ ମଧ୍ୟ ଲାଗି ହୁଏ ଆମ୍ବର ବଉଳ।

# ବାଲିରେ ଘଟୁଛି ବ୍ରେକ୍‌ଅପ୍!



ଇଣ୍ଡୋନେସିଆର ବାଲି ହେଉଛି ଅତ୍ୟନ୍ତ ସୁନ୍ଦର ଏବଂ ମନୋରମ ପର୍ଯ୍ୟଟନସ୍ଥଳୀ। ଏଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଛୁଟି କାଟିବାକୁ ଯାଆନ୍ତି। ଏବେ ଏହି ସ୍ଥାନ ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ଅଜବ ଲୋକବିଶ୍ୱାସକୁ ନେଇ ଚର୍ଚ୍ଚାରେ ରହିଛି। ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ବାଲିକୁ ନେଇ ଅଜବ କଥା ଭାଇରାଲ ହେଉଛି। ଲୋକଙ୍କ କହିବା କଥା, ଅବିବାହିତ ଯୁବକ-ଯୁବତୀ ବାଲି ବୁଲିକି ଯିବାର କିଛି ଦିନ ମଧ୍ୟରେ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇ ଯାଉଛି। ତେବେ ଏହି କଥାର ଚର୍ଚ୍ଚା ଏକ ପଡକାଷ୍ଟ ଭିଡିଓରୁ ଆରମ୍ଭ ହୋଇଛି। ଏହି ଭିଡିଓଟି ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଏହି ପଡକାଷ୍ଟର ହୋଷ୍ଟ କହିଛନ୍ତି ଯେ, ଅନେକ ପ୍ରେମୀଯୁଗଳ ସେମାନଙ୍କ ବ୍ରେକ୍‌ଅପ୍ କାହାଣୀ ସୋସିଆଲ ମିଡିଆରେ ସେୟାର୍ କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହି ପ୍ରେମୀଯୁଗଳମାନେ ବ୍ରେକ୍‌ଅପ୍ ପୂର୍ବରୁ ବାଲି ଯାଇଥିଲେ। ବାଲି ଟ୍ରିପ୍ ପରେ ପ୍ରେମୀ ଯୁଗଳଙ୍କ ସମ୍ପର୍କରେ ତିକ୍ତତା ଦେଖାଯାଇ ଶେଷରେ ବ୍ରେକ୍‌ଅପ୍ ହେଉଥିବା କୁହାଯାଉଛି। ତେବେ ଏଭଳି ବ୍ରେକ୍‌ଅପ୍‌କୁ ବାଲିରେ ଥିବା tanah lot ମନ୍ଦିର ସହିତ ଯୋଡ଼ା ଯାଇଛି। ଏହି ମନ୍ଦିର ଖୁବ୍ ଲୋକପ୍ରିୟ। ଏହା ସମୁଦ୍ରକୂଳରେ ଥିବା ଏକ ଚଟାଣ ଉପରେ ରହିଛି। ଏହି ମନ୍ଦିରରେ ଏକ ବିଶେଷ ପ୍ରକାର ଶକ୍ତି ଅଛି ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହା ପ୍ରେମ ସମ୍ପର୍କର ପରୀକ୍ଷା ନେଇଥାଏ। ସମ୍ପର୍କ ମଜଭୁତ ନ ଥିଲେ, ମନ୍ଦିର ଯିବା ପରେ ସମ୍ପର୍କ ଭାଙ୍ଗିଯାଏ ବୋଲି କୁହାଯାଏ। ତେଣୁ ଅବିବାହିତଙ୍କୁ ଏହି ମନ୍ଦିର ଯିବା ଉଚିତ ନୁହେଁ ବୋଲି ସ୍ଥାନୀୟ ଲୋକେ ମତ ଦିଅନ୍ତି। ସେହିପରି ପ୍ରଶ୍ନ ଉଠୁଛି, ଏହି କଥାର ସତ୍ୟାସତ୍ୟ କେତେ? ଏସମ୍ପର୍କରେ ରିଲେସନ୍‌ସିପ୍ ଏକ୍ସପର୍ଟଙ୍କ କହିବା କଥା, ପ୍ରେମୀ ଯୁଗଳ ଯେତେବେଳେ ଏକାଠି ଯାତ୍ରା କରନ୍ତି ଓ ଦୀର୍ଘ ସମୟ ଏକାଠି ରହନ୍ତି, ପରସ୍ପରର ଅଭ୍ୟାସ, ଦୋଷ, ଦୁର୍ବଳତା ଆଦି ବାବଦରେ ଜାଣନ୍ତି। ଏହାସହ ଯାତ୍ରା ଥକ୍କାପଣ, ଟଙ୍କା ଚିନ୍ତା, ଭବିଷ୍ୟତ ଚିନ୍ତା କରିବାବେଳେ କଳି, ଝଗଡ଼ା ଆଦି ମିଶି ସମ୍ପର୍କରେ ତିକ୍ତତା ଆସେ। ଯଦି ସମ୍ପର୍କ ପୂର୍ବରୁ ଦୁର୍ବଳ ଥାଏ, ଏହି ତିକ୍ତତା ଅଧିକ ବୃଦ୍ଧି ପାଏ। ତେଣୁ ଏଭଳି ସ୍ଥିତିରେ ବାଲିକୁ ଦୋଷ ଦେବା ଭୁଲ୍ ହେବ।

# କାହାଣୀ ପାଇଁ ଅଟକିଛି 'ଏସ୍‌ଏସ୍‌ଏମ୍‌ବି୨୯'ର ସୁଟିଂ



'ରାମାୟଣ' ପରେ ଏସ୍. ଏସ୍ ରାଜମୌଳିଙ୍କ 'ଏସ୍‌ଏସ୍‌ଏମ୍‌ବି୨୯'କୁ ଭାରତୀୟ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିବେ। କିଛି ଦିନ ପୂର୍ବରୁ ଲୋକେସନ ପାଇଁ ଏହାର ସୁଟିଂ ଅଟକିଥିବା କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ପ୍ରକୃତରେ ଫିଲ୍ମର କାହାଣୀ ପାଇଁ ଏବେ ସୁଟିଂ ଅଟକି ଯାଇଥିବା ଜଣାପଡ଼ିଛି। ଫିଲ୍ମର ଗୋଟିଏ ପାର୍ଟର ସୁଟିଂ ମହେଶବାବୁ ସାରି ଦେଇଛନ୍ତି। କିନ୍ତୁ ଏଥିରେ ଆହୁରି ମସଲା ଦିଆଯାଇ ପାରିଥାନ୍ତା ବୋଲି ସେ ଅନୁଭବ କଲେ। ଏବେ ସେ ସୁଟିଂରୁ ବ୍ରେକ୍ ନେଇ ଏହାର କାହାଣୀ ଉପରେ କାମ କରୁଛନ୍ତି। ଫିଲ୍ମଟିକୁ ହିଟ୍ କରିବା ପାଇଁ ରାଜମୌଳି ମହେଶବାବୁଙ୍କର ଏକ ସୋଲୋ ଡ୍ୟାନ୍ସ ନମ୍ବର ରଖିଛନ୍ତି। 'ଏସ୍‌ଏସ୍‌ଏମ୍‌ବି୨୯'ର କାହାଣୀ ହଲିଉଡ୍‌ର 'ଇଣ୍ଡିଆନା ଜୋନ୍ସ' ସିରିଜ୍‌ରୁ ପ୍ରେରିତ ବୋଲି କୁହାଯାଉଛି। ଫିଲ୍ମରେ ଅଧିକ ଆକ୍ସନ୍ ଓ ଜଙ୍ଗଲ ସିନ୍ ରହିବ ବୋଲି କୁହାଯାଉଛି।



## ସୁବର୍ଣ୍ଣା



# କମ୍ ଖର୍ଚ୍ଚରେ ଅଧିକ ଲାଭ ସିଟ୍ରୋନେଲା

**ଆଜିକାଲି ପାରମ୍ପରିକ ଚାଷ ବଦଳରେ ବହୁ ଲୋକ ଔଷଧୀୟ ବଗିଚା କରିବା ଟ୍ରେଣ୍ଡକୁ ଆପଣାଇଛନ୍ତି। ତୁଳସୀ, ଘିକୁଆଁରୀ, ପୁଦିନା, ଗିଲୟ, ଜୁଆଣି, ନିମ, ହଳଦୀ ଆଦି ଗଛ ସହିତ ଅଧିକାଂଶ ସୁଗନ୍ଧିତ ଘାସ ଚାଷ କରି ଆତ୍ମନିର୍ଭରଶୀଳ ହେଉଛନ୍ତି। ତେବେ କମ୍ ଖର୍ଚ୍ଚରେ ଜାଭା ସିଟ୍ରୋନେଲା ଚାଷରୁ ଜଣେ ଆୟ ବୃଦ୍ଧି କରିପାରିବ। ଏହି ଔଷଧୀୟ ଗଛରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟିଆମୋଏବିକ୍ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ଭରପୁର ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସେହିପରି ଏହି ଚାଷ ପରିବେଶ ଅନୁକୂଳ।**

ଜାଭା ସିଟ୍ରୋନେଲା ପତଳା ଓ ଲେମ୍ବୁ ପରି ସୁଗନ୍ଧ ଆସୁଥିବା ସୁଗନ୍ଧିତ ଘାସ। ଏଥିରୁ ବାହାରୁଥିବା ତେଲ ପରଫ୍ୟୁମ୍, ମଶାମାରିବା ପାଇଁ ଉତ୍ପାଦ, ସାନିଟାଇଜର, ଧୂପ, ସାବୁନ୍ ଏବଂ ହର୍ବାଲ୍ କ୍ରିମ୍ ବ୍ୟବହାର ପାଇଁ ଉପଯୋଗୀ ହୋଇଥାଏ। ବଜାରରେ ଏହାର ମୂଲ୍ୟ ପ୍ରତି ଲିଟର ପିଛା ୧୪୦୦ ଟଙ୍କା। ଏହି ଚାଷ ପାଇଁ କମ୍ ଖର୍ଚ୍ଚ ହୋଇଥାଏ। ଏହା ଏକ ବହୁବର୍ଷୀୟ ଫସଲ। ଅର୍ଥାତ୍ ଏହାକୁ ଥରେ ଲଗାଇଲେ, ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୩ରୁ ୪ଥର କାଟି ପାରିବେ। ପ୍ରଥମ ବର୍ଷରେ ହେକ୍ଟର ପିଛା ୧୫୦ରୁ ୨୦୦ କିଗ୍ରା ତେଲ ମିଳିଥାଏ। ଏହି ଚାଷ ପାଇଁ ବାଲିଆ ଦୋରସା ମାଟି ଉପଯୁକ୍ତ। ଅମ୍ଳୀୟ ଏବଂ କ୍ଷାରୀୟ ମାଟିରେ ବି ସଫଳତା ପୂର୍ବକ ଏହି ଚାଷ କରାଯାଇପାରିବ। ଏହାର ଉନ୍ନତ କିସମ ହେଉଛି, ଜୋର ଲ୍ୟାବ୍ ସି-୫, ଜୋର ଲ୍ୟାବ ସି-୨ ଏବଂ ବାୟୋ-୧୩ ଇତ୍ୟାଦି। ଏହି ଚାଷରୁ ଅଧିକ ଲାଭ ପାଇବା ପାଇଁ ଜମିକୁ ତିନିରୁ ଚାରି ଥର ଗଭୀର ହଳ କରି ହେକ୍ଟର ପିଛା ୨୦ରୁ ୨୫ ଟନ୍ ସଢ଼ା ଖତ ମିଶାଯାଇଥାଏ। ଚାଷ ପାଇଁ ଫେବୃୟାରୀ-ମାର୍ଚ୍ଚ କିମ୍ବା ଜୁଲାଇରୁ ଅଗଷ୍ଟ ମାସ ଭଲ ସମୟ। ଏହି ଫସଲରେ ରୋଗ ପୋକ ଲାଗିବାର ଭୟ କମ୍ ଥାଏ। ସିଟ୍ରୋନେଲା ଚେର ମାଟିର ଅଧିକ ଗଭୀରକୁ ଯାଉନଥିବାରୁ ଏହି ଫସଲରେ ନିୟମିତ ଜଳ ସିଞ୍ଚନ ଆବଶ୍ୟକ। ଗ୍ରୀଷ୍ମଋତୁରେ ୧୦ରୁ ୧୫ ଦିନ ଏବଂ ଶୀତଋତୁରେ ୨୦ରୁ ୩୦ ଦିନ ଅନ୍ତରରେ ଜଳ ସିଞ୍ଚନ ଜରୁରି। ସିଟ୍ରୋନେଲା ମୂଳଚାରା ଲଗାଯିବାର ୬ ମାସ ମଧ୍ୟରେ ଘାସ କଟାଯାଇ ଏଥିରୁ ତେଲ କଢ଼ାଯାଇଥାଏ।

## ସ୍ମାର୍ଟ ଆଲୋକ ଯନ୍ତ୍ର



ଫସଲର ପୋକ ନିୟନ୍ତ୍ରଣ ପାଇଁ ଚାଷୀମାନେ କୀଟନାଶକ, ସାର, ଔଷଧ ଆଦି ପ୍ରୟୋଗ କରନ୍ତି। ପୋକ ନିୟନ୍ତ୍ରଣ କରିବାକୁ ଆଲୋକଯନ୍ତା ଏକ ଉତ୍ତମ ବିକଳ୍ପ। ତେବେ ପାରମ୍ପରିକ ଆଲୋକଯନ୍ତା ସମସ୍ତ ପ୍ରଜାତିର ପୋକକୁ ଆକର୍ଷିତ କରୁଥିବାରୁ ଫସଲ ବୃଦ୍ଧି ପାଇଁ ଆବଶ୍ୟକୀୟ ଉପକାରୀ କୀଟ ଲୋପ ପାଇଯାଆନ୍ତି। ଏନେଇ ଡେଲ୍‌ଟା ଥିଙ୍ଗସ୍ ପ୍ରା ଲିଃ ଜୟଶଙ୍କର ତେଲେଙ୍ଗାନା ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ପିଜେଟିଏସ୍‌ଏୟୁ)ର ବୈଜ୍ଞାନିକଙ୍କ ସହ ମିଳିତ ଭାବେ ଏକ ସ୍ମାର୍ଟ ଉପକରଣ ବିକଶିତ କରିଛନ୍ତି। ଆଇଟ୍ରାପର ନାମକ ଏହି ଆଲୋକଯନ୍ତାଟି ଏକ ଇଣ୍ଟେଲିଜେଣ୍ଟ ଆଲୋକ ଯନ୍ତା। ବିଶେଷକରି ଏକ ନିର୍ଦ୍ଦିଷ୍ଟ ସମୟରେ କପାର ବକରା ବିନ୍ଧା ପୋକ ଏବଂ ଧାନ ଫସଲରେ ଲାଗୁଥିବା ନିର୍ଦ୍ଦିଷ୍ଟ ପୋକକୁ ଏହି ଯନ୍ତା ଅଧିକ ଆକୃଷ୍ଟ କରିଥାଏ। ଏଥିରେ ଅତି ବାଇଗଣୀ ରଶ୍ମୀ ଏବଂ ଦୃଶ୍ୟମାନ ଆଲୋକର ଉପଯୋଗ କରାଯାଇଛି। ଏହି ଆଲୋକଯନ୍ତାରେ ଏକ ମଲଟି ୱେଲନଥ୍ ଏଲ୍‌ଇଡି ବଲ୍‌ବ ଏବଂ ଆଇଓଟି ଯୁକ୍ତ ମାଇକ୍ରୋ କଣ୍ଟ୍ରୋଲର ଥାଏ। ଯାହାକି କେଉଁ ସମୟରେ କେଉଁ ରଙ୍ଗର ଆଲୋକ ଜଳିବ ତାହା ନିର୍ଦ୍ଧାରଣ କରିଥାଏ। ଏହି ଆଲୋକଯନ୍ତା କ୍ଷତିକାରୀ କୀଟକୁ ଆକର୍ଷିତ କରୁଥିବାବେଳେ ଉପକାରୀ କୀଟକୁ ଆଦୌ ଆକର୍ଷିତ କରେ ନାହିଁ। ଫସଲର ଉପକାରୀ କୀଟ ସକ୍ରିୟ ହେଲେ, ଉପକରଣଟି ବନ୍ଦ ହୋଇ କୀଟକୁ ସୁରକ୍ଷା ପ୍ରଦାନ କରିଥାଏ। ଫଳରେ ଚାଷୀଙ୍କୁ ଫସଲରେ ବାରମ୍ବାର କୀଟନାଶକ ସିଞ୍ଚନ କରିବାକୁ ପଡ଼େ ନାହିଁ। ପରିଶ୍ରମ କମ୍ ହୁଏ। ଏହା ପରିବେଶ ଅନୁକୂଳ ହୋଇଥିବାରୁ ଭଲ ଅମଳ ମିଳିଥାଏ।



# ଧାନ ଫସଲରେ ରୋଗ ନିୟନ୍ତ୍ରଣ ପାଇଁ ପ୍ରଭାବୀ ଫିମ୍ପିନାଶକ

ଆମ ରାଜ୍ୟର ମୁଖ୍ୟ ଫସଲ ହେଉଛି ଧାନ। ହେଲେ ଧାନ ଫସଲରେ ରୋଗପୋକ ପ୍ରାଦୁର୍ଭାବରୁ ଧାନ ଅମଳ ଶତକଡ଼ା ୩୦ ପ୍ରତିଶତ ହ୍ରାସ ପାଇଥାଏ। ଖରିଫ ଧାନ ଫସଲରେ ପିଲ ଦେବା ପରଠାରୁ ଥୋଡ଼ ଆସିବା ମଧ୍ୟରେ ପତ୍ରଛଦା ପୋଡ଼ାରୋଗ ସଂକ୍ରମଣ କରିଥାଏ। ସଂକ୍ରମିତ ରୋଗାକ୍ରାନ୍ତ ଗଛର ପତ୍ର ମୂଳେ ଧୂସର ସବୁଜ ରଙ୍ଗର ଏକ ଦାଗ ଦେଖାଯାଇ କ୍ରମେ ଆକାର ବୃଦ୍ଧି ପାଏ। ରୋଗର ପ୍ରାଦୁର୍ଭାବ ଅଧିକ ହେଲେ ପତ୍ର ସଂକ୍ରମିତ ହୋଇ ବୋଡ଼ା ସାପ କାତି ପରି ଚିହ୍ନ ବ୍ୟାପି ଚାଷୀଙ୍କ ଚିନ୍ତା ବୃଦ୍ଧି କରେ। ତେଣୁ ଏହି ରୋଗ ନିୟନ୍ତ୍ରଣ ପାଇଁ ନିକଟରେ ଆନ୍ତର୍ଜାତୀୟ ଉଦ୍ୟୋଗ ବାୟର ପକ୍ଷରୁ ଏକ ପ୍ରଭାବୀ ଫିମ୍ପିନାଶକ 'ଫେଲୁଜିତ'ର ଶୁଭାରମ୍ଭ କରାଯାଇଛି। ଏହା ଫସଲରେ ପତ୍ରଛଦା ପୋଡ଼ା ରୋଗ(ସିଥ୍ ବ୍ଲାଇଟ)କୁ ନିୟନ୍ତ୍ରଣ କରି ଫସଲକୁ ସୁରକ୍ଷା ଦେବ। ଖୁବ୍‌ଶୀଘ୍ର ଦେଶର ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ଏହି କବକନାଶକ ଉପଲବ୍ଧ ହେବ। ଫେଲୁଜିତ, ପେନ୍‌ଫ୍ଲୁଫେନ୍ ଓ ଟେବୁକୋନାଜୋଲକୁ ମିଶ୍ରଣ କରିଛି। ଏହା ଫସଲ ଅମଳ ଓ ଗୁଣବତ୍ତାକୁ ଉନ୍ନତ କରୁଥିବା ଏକ ନିର୍ଭରଯୋଗ୍ୟ ସମାଧାନ ପ୍ରଦାନ କରିପାରିବ। ଅନ୍ୟ ଫିମ୍ପିନାଶକ ଭଳି ଏହାକୁ ଫସଲରେ ବାରମ୍ବାର ପ୍ରୟୋଗ କରିବାକୁ ପଡୁନଥିବାରୁ ଚାଷୀଙ୍କ ସମୟ ବଞ୍ଚିବ। ଶ୍ରମ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ବାୟରର କ୍ରପ ସାଇନ୍ସ ଡିଭିଜନର କ୍ଲଷ୍ଟର କମର୍ସିଆଲର ପ୍ରମୁଖ ମୋହନ ବାବୁଙ୍କ କହିବାନୁସାରେ, "ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଆମର ଉଦ୍ଭାବନ ଚାଷୀଙ୍କୁ କମ୍ ପ୍ରୟୋଗ ସହିତ ପ୍ରଭାବୀ ରୂପେ ରୋଗ ପରିଚାଳନା କରିବା, ନିଜର ସଂଶାଧନକୁ ଉନ୍ନତ କରିବା ଏବଂ ବର୍ଦ୍ଧିତ କୃଷି ଆହ୍ୱାନ ମଧ୍ୟରେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ସଶକ୍ତ କରିଥାଏ।" ୩୨୦ ମିଲି ଓ ୧ ଲିଟରରେ ଉପଲବ୍ଧ ଫେଲୁଜିତ ସିଥ୍ ବ୍ଲାଇଟ ବିରୋଧି ଲଢେଇରେ ଏକ ପ୍ରଭାବୀ ଫିମ୍ପିନାଶକ ଏଥିରେ ଅତ୍ୟୁକ୍ତି ନାହିଁ।

## କୃଷି ପାଣିପାଗ



**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଖାଲୁଆ ଜମିରେ ଧାନ ଯଦି ୨୧ ଦିନର ହୋଇ ଯାଇଥାଏ, ମୁଖ୍ୟ ଜମିରେ ପ୍ରତିରୋପଣ କରି ଦିଅନ୍ତୁ।
- ମକା ଓ ନଳିତାରେ ବର୍ଷା ଛାଡ଼ିଲା ପରେ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।
- ମାଟିର ଆର୍ଦ୍ରତାର ସଦୁପଯୋଗ ପାଇଁ ଅଣ ଧାନ ଫସଲ ଯଥା- ଚିନାବାଦାମ, ହରଡ଼, ଜଡ଼ା, ମୁଗ, ବିରି ଓ ରାଶି ଇତ୍ୟାଦି ଫସଲ ଲଗାନ୍ତୁ।
- ମୁଗ କିମ୍ବା ବିରି ଚାଷରେ ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଗ୍ରା ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ।
- ବାଇଗଣଚାରା ମୁଖ୍ୟ ଜମିରେ ଲଗାଇ ସାରିଥିଲେ କୋଡ଼ାଖୋସା ପରେ ଏକର ପ୍ରତି ୩୦ କିଗ୍ରା ୟୁରିଆ ଏବଂ ୨୦ କିଗ୍ରା ମ୍ୟୁରେଟ ଅଫ୍ ପଟାସ ସାର ପ୍ରୟୋଗ କରନ୍ତୁ।
- ପନିପରିବାରେ ସାହେବୀ ରୋଗ ପ୍ରତିରୋଧ ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ୍ ଇମିଡାକ୍ଲୋପ୍ରିଡ ସହ ବିହନ ବିଶୋଧନ ନିହାତି ଜରୁରି।